

ପୁଟିନ ଧରିଲେ ଟ୍ରମ୍ପଙ୍କ ମିଛ

ପୃଷ୍ଠା ୪

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



Vol. 33 | ISSUE 301 | ଭାଗ ୩୩ | ସଂଖ୍ୟା ୩୦୧ | Friday 23 January 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୨୩ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଜମ୍ମୁ-କଶ୍ମୀରରେ ଅଘଟଣ

# ଖାଇକୁ ଖସିଲା ସେନା ଟ୍ରକ, ୧୦ ସହିଦ



ଡୋଡା,୨୨।୧(ସଂଚାର ବ୍ୟୁରୋ): ଜମ୍ମୁ-କଶ୍ମୀରର ଡୋଡା ଜିଲ୍ଲାରେ ଆଜି ଭାରତୀୟ ସେନାର ୧୦ ଜଣ ଯବାନ ସହିଦ ହୋଇଛନ୍ତି। ସେମାନଙ୍କୁ ନେଇ ଯାଉଥିବା ଏକ ସେନା ବାହନ ଅଚାନକ ପାଖାପାଖି ୨୦୦ ଫୁଟ ଗଭୀରର ଏକ ଖାଇକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ୧୧ ଜଣ ଯବାନ ମଧ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ଭଦ୍ରବାହ-ଚମ୍ବା ଇଣ୍ଟରଷ୍ଟେଟ ରୋଡସ୍ଥିତ ଖନ୍ନି ଟପ୍‌ରେ ଘଟିଛି। ଏହି ସ୍ଥାନଟି ସମୁଦ୍ର ପତ୍ତନଠାରୁ ପାଖାପାଖି ୯ ହଜାର ଫୁଟ ଉଚ୍ଚରେ ରହିଛି। ଉକ୍ତ ବୁଲେଟ୍ ପ୍ରୁଫ୍ ସେନା ବାହନର ଚାଳକ ନିୟନ୍ତ୍ରଣ ହରାଇବାରୁ ଏହା ଖାଇରେ ଖସିପଡ଼ିଥିଲା। ଏନେଇ ଖବର ପାଇବା ପରେ ଭାରତୀୟ ପଦାତିକ ବାହିନୀ ଓ ସ୍ଥାନୀୟ ପୁଲିସ୍ ପକ୍ଷରୁ ⮚ପୃଷ୍ଠା-୬

# ୪.୫୭ ଲକ୍ଷ ସୁଭଦ୍ରାଙ୍କୁ ୩୧୫ କୋଟିର ସହାୟତା

## ଦେଢ଼ ବର୍ଷ ଭିତରେ ମିଳିଲାଣି ୧୫ ହଜାର କୋଟି

## ମହିଳାଙ୍କ ସର୍ବାଙ୍ଗୀନ ବିକାଶ ସରକାରଙ୍କ ପ୍ରାଥମିକତା





ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ): ଓଡ଼ିଶାର ସର୍ବବୃହତ ମହିଳାକୈନ୍ଦ୍ରିକ କଲ୍ୟାଣ ଯୋଜନା 'ସୁଭଦ୍ରା'ର ପ୍ରାୟ ୪ ଲକ୍ଷ ୫୭ ହଜାର ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ପାଖାପାଖି ୩୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଅବଶିଷ୍ଟ ଓ ତୃତୀୟ କିସ୍ତି ପାଇ ନ ଥିବା ହିତାଧିକାରୀଙ୍କୁ ଓ ନୂତନ ଭାବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଜୀକୃତ ହୋଇଥିବା ହିତାକାରୀଙ୍କୁ ଡିବିଟି ମାଧମରେ ଏହି ସହାୟତା ରାଶି ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ବାର୍ଷିକ ୧୧ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ସୁଭଦ୍ରା ହେଉଛି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ସର୍ବବୃହତ୍ ମହିଳାକୈନ୍ଦ୍ରିକ ଯୋଜନା, ଯେଉଁଥିରେ ୨୧ରୁ ୬୦ ବର୍ଷ ବୟସର ୧ କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ୫ ବର୍ଷ ମଧରେ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ଏହିପରି ମୋଟ ୫୦ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେଥିପାଇଁ 'ସୁଭଦ୍ରା' ଓଡ଼ିଶାର ସମସ୍ତ ମହିଳାଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ନିଦର୍ଶନ। ବିଜେପି କ୍ଷମତାକୁ ଆସିବା ପରେ ପ୍ରଥମ ଦିନରେ ହିଁ ଏଥିପାଇଁ କ୍ୟାବିନେଟରେ ନିଷ୍ପତ୍ତି ନେଇ ୨୦୨୪ ସେପ୍ଟେମ୍ବର ୧୭ରେ ପ୍ରଥମ କିସ୍ତି ପ୍ରଦାନ କରିଥିଲା। ସୁଭଦ୍ରା ଯୋଜନାର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ରାଜଧାନୀରୁ ଆରମ୍ଭ ହୋଇଥିଲା। ଅଦ୍ୟାବଧି ଏହି ଯୋଜନାରେ ⮚ପୃଷ୍ଠା-୬

## ସରଣ୍ଡା ଜଙ୍ଗଲରେ ଏନକାଉଣ୍ଟର

# ପତିରାମ ସମେତ ୧୫ ମାଓବାଦୀ ନିପାତ



**ସିପିଏମ୍ ନେତା ମୁଣ୍ଡରେ ଥିଲା କୋଟିଏ ପୁରସ୍କାର**

ମାଲକାନଗିରି,୨୨।୧(ସଂଚାର ବ୍ୟୁରୋ): ଦେଶରେ ଦିନକୁ ଦିନ ଲାଲ୍ ବାହିନୀର ଅଣ୍ଟା ଦୁର୍ବଳ ହେଉଥିବା ବେଳେ ଆଜି ଏହି ଧାରାରେ ଯୋଡ଼ି ହୋଇଛନ୍ତି ଆହୁରି ୧୫ ମାଓବାଦୀ। ଏହି ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟର୍ ସମୟରେ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧରେ ଦୁର୍ଦ୍ଦାନ୍ତ ସିପିଏମ୍ ନେତା ପତିରାମ ମାଝୀ ଓରଫ୍ ଅନଲ୍ ଦା' ମଧ ରହିଛି। ଏକାକୀ ଅନଲ୍ ଦା' ମୁଣ୍ଡରେ କୋଟିଏ ଟଙ୍କାର ପୁରସ୍କାର ରାଶି ରହିଥିଲା। ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ସରଣ୍ଡା ଜଙ୍ଗଲରେ ଆଜି ଭୋର୍ ସମୟରେ ଏହି ଏନ୍‌କାଉଣ୍ଟର୍ ହୋଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚାଇବାସା ଜିଲ୍ଲାରେ ଏହି ଏନ୍‌କାଉଣ୍ଟର୍ ଜାରି ରହିଛି। ସେହିପରି ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିବା ପରେ ମୃତ୍ୟୁବରଣ କରିଥିବା ୧୫ ଜଣ ମାଓବାଦୀଙ୍କ ମୃତଦେହ ମଧ ମିଳିଛି। ଏହାଛଡ଼ା ସୁରକ୍ଷାକର୍ମୀମାନେ ସେମାନଙ୍କଠାରୁ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ବି ଉଦ୍ଧାର କରିଛନ୍ତି। ତେବେ ମୃତ୍ୟବରଣ କରିଥିବା ଅନ୍ୟ ମାଓବାଦୀମାନଙ୍କ ପରିଚୟ ମିଳିପାରିନାହିଁ। ଗୁଇନ୍ଦା ⮚ପୃଷ୍ଠା-୬

# ଖୋଲା ବିତର୍କର ଆହ୍ୱାନ ଦେଲେ ଅରବିନ୍ଦ



## ସଭାପତିଙ୍କୁ କଲେ ତାଚ୍ଛଲ୍ୟ

## ଅତନୁଙ୍କୁ ମାରିଲେ ତେରଛା ବାଣ

ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ): ଅରବିନ୍ଦ କଣ୍ଟା ଏମିତି ଲାଗିଛି ଯେ ଶେଷରେ ବିଜେଡି ସୁପ୍ରିମୋଙ୍କୁ ଆସିବାକୁ ପଡ଼ିଲା ସାମ୍ନାକୁ। ଗତକାଲି ନବୀନ ପଟ୍ଟନାୟକ ପାଟକୁରାର କିଛି ନେତା ଓ କର୍ମୀଙ୍କୁ ଭେଟି ନୂଆ ମୁଖିଆ ପଠାଇବା। କଥା କହିବା ପରେ ଏହାକୁ ନେଇ ତେଜୁଛି ରାଜନୀତି। ଦେଢ଼ ବର୍ଷ ଭିତରେ କ'ଣ ଏମିତି ଅଙ୍କ ବିଗିଡ଼ିଗଲା ଯେ ନବୀନଙ୍କୁ ନୂଆ ନେତା ଖୋଜିବାକୁ ପଡ଼ିଲା। କାରଣ ବି ଅସ୍ପଷ୍ଟ। ଯାହାକୁ ନେଇ ଆଜି ପୁଣି ନବୀନଙ୍କ ଉପରେ ବର୍ଷିଛନ୍ତି ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର।

ସାମ୍ବାଦିକ ସମ୍ମିଳନୀ କରି ସେ କହିଛନ୍ତି ଯେ ପ୍ରତିଦିନ ଅଭିଯୋଗ ବଦଳୁଛି। ପ୍ରଥମେ କୁହାଗଲା ଦଳବିରୋଧୀ, ତା'ପରେ ବିଶ୍ୱାସଘାତକ, ପରେ ମିଡ଼୍ ଡେ' ଅପରେସନ ଆଉ ଏବେ ମୁଖିଆ କହୁଛନ୍ତି ପାଟକୁରା ବାସିନ୍ଦାଙ୍କୁ ମୁଁ କୁଆଡ଼େ ହଇରାଣ ହରକତ କରୁଛି। ଏଥିରୁ ସ୍ପଷ୍ଟ ଯେ ଏହା ମୋ ବିରୋଧରେ ଏକ ବିଧିବଦ୍ଧ ଷଡ଼ଯନ୍ତ୍ର। ରାଜ୍ୟସଭା ⮚ପୃଷ୍ଠା-୬

# ୨ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ): ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଫେବୃଆରୀ ୨ ତାରିଖରୁ ଏକ ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିବାକୁ ଥିବା ଶ୍ରୀମତୀ ମୁର୍ମୁ



ମୟୂରଭଞ୍ଜ ଜିଲ୍ଲାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ରାଷ୍ଟ୍ରପତି ରାତ୍ରିଯାପନ କରିବା ପରେ ୩ ତାରିଖରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହାପରେ ସେ ଆସନ୍ତା ୪ ତାରିଖରେ ଯାଜପୁରରେ ମା' ବିରଜାଙ୍କ ଦର୍ଶନ କରିବେ। ପରେ ଅର୍ଥାତ୍ ଆସନ୍ତା ୫ ଓ ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ସେଠାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

## ● ବଢ଼ିଲା ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା

# ୧,୮୦୦ ପରିବର୍ତ୍ତେ ଏଣିକି ମିଳିବ ୨.୫ ହଜାର

ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀମାନଙ୍କ ପାଇଁ ପୂର୍ବରୁ ପ୍ରଚଳିତ ଥିବା ମାସିକ ଭତ୍ତାକୁ ଆଜି ବୃଦ୍ଧି କରିଛନ୍ତି। ଫଳତଃ ଏଣିକି ଏହି ଗ୍ରାମରକ୍ଷୀମାନେ ମାସିକ ୧,୮୦୦ ଟଙ୍କା ବଦଳରେ ୨.୫ ହଜାର ଟଙ୍କା ଭତ୍ତା ପାଇବେ। ଏଥିସହ ସପ୍ତାହକୁ ଥରେ ସେମାନେ ଯେଉଁ ଥାନା ଅଧୀନରେ କାମ କରୁଥିବେ, ସେଠାକୁ ଯାଇ ଉପସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ ଗ୍ରାମାଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

# ପଶ୍ଚିମ ଓଡ଼ିଶା ହେବ ପରବର୍ତ୍ତୀ ଗ୍ରୋଥ ଇଞ୍ଜିନ

ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଶିଳ୍ପାୟନର ନୂଆ ଅଧ୍ୟାୟ ଆରମ୍ଭ ହୋଇଥିବା ବେଳେ ପୁଂଜିନିବେଶ ପାଇଁ ଶିଳ୍ପପତିଙ୍କ ଅନ୍ୟତମ ଆକର୍ଷଣ ପାଲଟିଛି ଓଡ଼ିଶା। ରାଜ୍ୟର ଶିଳ୍ପ ନୀତି ଏବଂ ସରକାରଙ୍କ ସହଯୋଗ ପାଇଁ ନିବେଶକଙ୍କ ମଧରେ ଆତ୍ମବିଶ୍ୱାସ ବଢ଼ୁଛି। ନିକଟରେ ଅନୁଷ୍ଠିତ ହାଇଦ୍ରାବାଦ ଓ କୋଲକାତା ରୋଡ ଶୋ'ରୁ ଏହା ପ୍ରମାଣିତ ହୋଇଛି।

ସରକାର ବଦଳିବା ପରେ ରାଜ୍ୟର ସବୁ ଅଞ୍ଚଳରେ ଶିଳ୍ପର ବିକାଶକୁ ସମାନ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ଏବେ ପଶ୍ଚିମ ଓଡିଶା ରାଜ୍ୟର ଶିଳ୍ପାୟନର ଗ୍ରୋଥ ଇଞ୍ଜିନ ହେବାକୁ ଯାଉଛି। ଆସନ୍ତା ୨୭ ଓ



**ରାଉରକେଲାରେ ହେବ ଏଣ୍ଟରପ୍ରାଇଜ ଓଡ଼ିଶା-୨୦୨୬**

**୨୦ ପ୍ରକଳ୍ପର ଉଦ୍‌ଘାଟନ ଓ ଭୂମିପୂଜନ କାର୍ଯ୍ୟକ୍ରମ**

**୩୦ ହଜାର କୋଟିର ନିବେଶ ସହ ୧୦ ହଜାର ନିଯୁକ୍ତି**

୨୮ ତାରିଖରେ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଓ ରାଉରକେଲା ଗସ୍ତ ଅବସରରେ ଏକାଧିକ ଶିଳ୍ପ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ ହେବ। ୨୭ରେ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଓ ୨୮ରେ ରାଉରକେଲା ଯିବେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ସେ ହିଣ୍ଡାଲକୋରେ ଦେଶର ପ୍ରଥମ ଏଫଆରବି ୟୁନିଟର ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ। ଏହା ରାଜ୍ୟରେ ଶିଳ୍ପ ଭିତ୍ତିଭୂମୀର ବିକାଶ ଓ ନବୀକରଣ ପାଇଁ ଏକ ମାଇଲଖୁଣ୍ଟ ହେବ। ଏଥିସହିତ ସେ ୩୦ ହଜାର କୋଟି ନିବେଶରେ ୨୦ ଶିଳ୍ପ ପ୍ରକଳ୍ପ ଉଦଘାଟନ ଓ ଭୂମିପୂଜନ କରିବେ। ଏହାଦ୍ୱାରା ୧୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ⮚ପୃଷ୍ଠା-୬

## ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଚିଠି

# ଓଡ଼ିଆ ଭାଷା ଓ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୨୨।୧(ସଂଚାର ବ୍ୟୁରୋ): ଗୁଜରାଟର ସୁରତଠାରେ ବସବାସ କରୁଥିବା ଓଡ଼ିଆ ସମ୍ପ୍ରଦାୟର ସାମାଜିକ ଓ ଶିକ୍ଷାଗତ ବିକାଶ ଉଦ୍ଦେଶ୍ୟ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି। ଗୁଜରାଟରେ ଓଡ଼ିଆ ଭାଷା ଓ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସେ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଗୁଜରାଟ ବିଶେଷତଃ ସୁରଟରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ଭାଷୀ ଜନସମୁଦାୟ ବସବାସ କରୁଛନ୍ତି, ଯେଉଁମାନେ ରାଜ୍ୟର ଶିଳ୍ପ ଏବଂ ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି। ଓଡ଼ିଆ ଭାଷା ଏବଂ ସଂସ୍କୃତି ପ୍ରତି ସେମାନଙ୍କର ଆଗ୍ରହ ଏବଂ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ ଗୁଜରାଟରେ ଓଡ଼ିଆ ମାଧମ ବିଦ୍ୟାଳୟ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଆ ଭାଷାର ଶିକ୍ଷଣ-ପ୍ରଶିକ୍ଷଣ





ବିଦ୍ୟାଳୟ ସଂଖ୍ୟାରେ ବୃଦ୍ଧି କରାଗଲେ ତାହା ସ୍ୱାଗତଯୋଗ୍ୟ ହେବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶଳ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି ୨୦୨୦ ମାତୃଭାଷାରେ ପ୍ରାଥମିକ ଶିକ୍ଷା, ଭାରତୀୟ ଭାଷାଗୁଡ଼ିକର ପ୍ରୋତ୍ସାହନ ଏବଂ ବହୁଭାଷୀ ଶିକ୍ଷାକୁ ସୁଲଭ ତଥା ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଉଛି। ଏହି କ୍ରମରେ ଗୁଜରାଟରେ ଓଡ଼ିଆ ⮚ପୃଷ୍ଠା-୬

# ରାଜ୍ୟସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ

## ୧୦ ସିଇଓଙ୍କୁ ନିର୍ବାଚନ କମିଶନ୍‌ଙ୍କ ଚିଠି

ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ): ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଏପ୍ରିଲରେ ଖାଲି ହେଉଛି ୧୦ ରାଜ୍ୟର ୩୭ଟି ଆସନ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସମେତ ୧୦ ରାଜ୍ୟ



ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ନିର୍ବାଚନ କମିଶନ୍ ଚିଠି ଲେଖିଛନ୍ତି। ରିଟର୍ଣ୍ଣିଂ ଅଫିସର ନିଯୁକ୍ତି ଲାଗି ପ୍ରସ୍ତାବ ମାଗିଛନ୍ତି ନିର୍ବାଚନ କମିଶନ୍। ଏହାପରେ ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ପକ୍ଷରୁ ବିଧାନସଭା ସଚିବାଳୟକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି।

ରାଜ୍ୟସଭାରେ ଆସନ୍ତା ଏପ୍ରିଲରେ ଅବସର ଗ୍ରହଣ କରିବାକୁ ଥିବା ସଦସ୍ୟମାନଙ୍କ ଯୋଗୁଁ ୧୦ଟି ରାଜ୍ୟରୁ ମୋଟ ୩୭ଟି ଆସନ ଖାଲି ହେବ। ମହାରାଷ୍ଟ୍ରର ୭ ଆସନ ଖାଲି ହେବାକୁ ଥିବା ବେଳେ ତାମିଲନାଡୁ, ବିହାର, ପଶ୍ଚିମବଙ୍ଗର ୫ଟି ଲେଖାଏଁ ଆସନ ଖାଲି ହେବ। ଏହାଛଡ଼ା ଓଡ଼ିଶାରେ ୪ଟି, ଆସାମର ୩ଟି, ତେଲଙ୍ଗାନା, ଛତିଶଗଡ଼ ଓ ହରିୟାଣାର ୨ଟି ଆସନ ଖାଲି ହେବ। ସେହିପରି ହିମାଚଳ ପ୍ରଦେଶର ସବୁଠୁ କମ୍ ଅର୍ଥାତ୍ ⮚ପୃଷ୍ଠା-୬

# କଂଗ୍ରେସ ପାଖରେ ନାହିଁ ନିଜସ୍ୱ ଭୋଟ



## ● କ୍ରିୟାଶୀଳ ନ ହେଲେ ଭୋଟର ବିଶ୍ୱାସ କରିବେନି

## ● ସ୍ୱର ମିଳାଇଲେ ସୁର, କହିଲେ ଏକାଠି ହୁଅନ୍ତୁ ବରିଷ୍ଠ



ଭୁବନେଶ୍ୱର, ୨୨।୧ (ସଂଚାର ବ୍ୟୁରୋ): ୨୦୨୯ ରାଜ୍ୟ କଂଗ୍ରେସ ପାଇଁ ଶେଷ ସୁଯୋଗ। ଏହି ସୁଯୋଗ ହାତଛଡ଼ା ନ କରିବାକୁ କଂଗ୍ରେସ ଜୋରଦାର ଉଦ୍ୟମ କରୁଥିବା ବେଳେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବୟାନ ଦଳକୁ ଅଡୁଆରେ ପକାଇଛି। ରାଜ୍ୟରେ ଆଉ କଂଗ୍ରେସର ଭୋଟ ନଥିବାରୁ ଦଳ ବାରମ୍ବାର ପରାଜୟର ସ୍ୱାଦ ଚାଖୁଛି। କଂଗ୍ରେସ ଭୋଟକୁ ଅନ୍ୟ ଦଳ ନେଉଯାଉଛନ୍ତି। ତେଣୁ ଦଳ କୌଣସି ଏନଏସି ଦଖଲ କରିପାରୁନାହିଁ।

କଂଗ୍ରେସ ଦେଶର ସର୍ବପୁରାତନ ରାଜନୈତିକ ଦଳ ହୋଇଥିଲେ ବି ଦଳ ପାଖରେ ନାହିଁ ନିଜସ୍ୱ ଭୋଟ ବ୍ୟାଙ୍କ। ଗତ ୨୬ ବର୍ଷ ମଧରେ କଂଗ୍ରେସ ଭୋଟ କ୍ରମଶଃ ଛିଣ୍ଡି ଛିଣ୍ଡି ଯାଉଛି। ଅନ୍ୟ ଦଳ ପାଖକୁ ଚାଲିଗଲେଣି କଂଗ୍ରେସ ନେତା ଓ କର୍ମୀ। ଯେଉଁଥିପାଇଁ କଂଗ୍ରେସର ଆଉ ନିଜସ୍ୱ ଭୋଟ ନାହିଁ। ଏଥିସହ ଲୋକେ ମଧ ବିଭିନ୍ନ କାରଣରୁ ଆଉ କଂଗ୍ରେସକୁ ଭରସା କରିପାରୁନାହାଁନ୍ତି। କଂଗ୍ରେସର ସ୍ଥିତି, ଅବସ୍ଥିତି ଓ ଭବିଷ୍ୟତକୁ ନେଇ ଏଭଳି କଥା କହିଛନ୍ତି ନିରଞ୍ଜନ। କଂଗ୍ରେସ ପାଖରେ ଭୋଟ ନ ଥିବାରୁ ଦଳ ଗୋଟିଏ ହେଲେ ଏନଏସି କି ଜିଲ୍ଲା ପରିଷଦ ଦଖଲ କରିପାରୁନାହିଁ। ନିରଞ୍ଜନଙ୍କ ସହ ସ୍ୱର ମିଳାଇଛନ୍ତି ⮚ପୃଷ୍ଠା-୬



## କାନ ଡେରିଥା

ମଧୁଚନ୍ଦ୍ରିକାରେ ରାସ୍ତା କାମ
ଚାଲେ
ଯନ୍ତ୍ରୀ ସବୁ ଜାଣିଥାନ୍ତି
ତାଙ୍କୁ ପଚାରିଲେ ସତକୁ
ଘୋଡାଇ
ପିସି ପ୍ରବଳ ଗୋଟାନ୍ତି
ଦୋଷକୁ ଠେଲି ଦିଅନ୍ତି...
ସେଇ ପ୍ରେମ ପୁଣି ଏଇ
ସରକାରେ
ଜନେ ଆକ୍ରୋଶ ହୁଅନ୍ତି ।

■ ଦେବାଶିଷ

# ନବୀନଙ୍କ ଇଂରାଜୀ ଏବେ କର୍ମୀଙ୍କୁ ଅବୁଝା



## କରପ୍ଟ ଟ୍ରେଟର ନା ଜନବିରୋଧୀ

## ସ୍ପଷ୍ଟୀକରଣ ପରେ ବି ଥମୁନି ଚର୍ଚ୍ଚା

ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଇଂରାଜୀକୁ ନେଇ ଦଳୀୟ କର୍ମୀମାନେ କ୍ରମଶଃ ଅବୁଝା ହେବାରେ ଲାଗିଛନ୍ତି। ପ୍ରଥମ ଦିନରେ ନବୀନ ଯେଉଁ ଇଂରାଜୀ ଶବ୍ଦ ପ୍ରୟୋଗ କରିଥିଲେ, ସ୍ପଷ୍ଟୀକରଣ ଦେବା ବେଳେ ଜାରି କରିଥିବା ଶବ୍ଦ ସହ ତାହା ମେଳ ଖାଉ ନ ଥିବାରୁ ଏଭଳି ଅବସ୍ଥା ଉପୁଜିଛି। ତେବେ ପ୍ରଥମ ଥର ପାଇଁ ନବୀନ ପଟ୍ଟନାୟକ କୌଣସି ନିଲମ୍ବନ ଘଟଣାରେ ସ୍ପଷ୍ଟୀକରଣ ରଖିଥିବାରୁ ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ଯେଉଁଦିନ ନବୀନ ପଟ୍ଟନାୟକ ନିଜ ଦଳର ଦୁଇ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କଲେ, ସେଦିନ ଗଣମାଧମରେ ବିଜେଡି ପକ୍ଷରୁ କୁହାଗଲା ଯେ ଏମାନେ ହେଉଛନ୍ତି କରପ୍ଟ ଓ ଟ୍ରେଟର। ଯାହାର ଓଡ଼ିଆ ଅନୁବାଦ ହେଉଛି ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକ। ସେହି ଲାଇନ୍‌ରେ ଦଳର ମୁଖପାତ୍ରମାନେ ବୟାନବାଜି କରିବା ସହ ଗଣମାଧମକୁ ବି ସୂଚନା ଦିଆଗଲା। ଦୁଇ ବିଧାୟକ ତତ୍କାଳ ଏଭଳି ଅଭିଯୋଗକୁ ଖଣ୍ଡନ କଲେ। ସନାତନ ଖଣ୍ଡନ କରି ନିରବ ରହିଥିବା ବେଳେ ଅରବିନ୍ଦ କିନ୍ତୁ ପ୍ରମାଣ ମାଗିଲେ।

ପ୍ରମାଣ ଦାବି ଏତେ ଜୋର ହେଲା ଯେ ଖୋଦ ନବୀନଙ୍କୁ ଆଗକୁ ଆସି ସ୍ପଷ୍ଟୀକରଣ ଦେବାକୁ ପଡ଼ିଲା। ନବୀନ କହିଲେ, ପାଟକୁରା ଲୋକଙ୍କୁ ହଇରାଣ କରିଥିବାରୁ ମୁଁ ଅରବିନ୍ଦଙ୍କୁ ନିଲମ୍ବିତ କରିଦେଲି। ତେବେ ପ୍ରଥମ ଦିନର ଇଂରାଜୀ ଓ ଶେଷ ଦିନର ଓଡ଼ିଆ ଭିତରେ ତାଳମେଳ ନ ଥିଲା। ସମସ୍ତେ ଭାବିଥିଲେ ଯେ ନବୀନ ପୁଣିଥରେ କଡ଼ା ଇଂରାଜୀ ଶବ୍ଦରେ ଦୁଇ ବିଧାୟକଙ୍କୁ କରପ୍ଟ ଓ ଟ୍ରେଟର ବୋଲି କହିବେ। ହେଲେ ସେମିତି କିଛି ହେଲାନାହିଁ। କେନ୍ଦ୍ରାପଡ଼ାରୁ ଆସିଥିବା ଅରବିନ୍ଦ ବିରୋଧୀ ନେତାଙ୍କୁ ଓଡ଼ିଆରେ ଯାହା କହିଲେ ସେଥିରେ ପ୍ରଥମ ଦିନର ଅଭିଯୋଗର ବିନ୍ଦୁବିସର୍ଗ ନଥିଲା।

ତେବେ ସବୁଠାରୁ ବଡ଼ କଥା ହେଲା, ନବୀନ ପଟ୍ଟନାୟକ ପ୍ରଥମ ଥର ପାଇଁ ନିଲମ୍ବନ ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଲେ। ପୂର୍ବରୁ ଦଳରୁ ଯାହାକୁ ନିଲମ୍ବନ କରିଛନ୍ତି, କେବଳ ଗଣମାଧମ ଆଗକୁ ଆସି ସେ ସମ୍ପର୍କରେ ନବୀନ ସୂଚନା ଦେଉଥିଲେ। ⮚ପୃଷ୍ଠା-୬

# ତିନି ଦଳକୁ କ୍ରସ୍ ଭୋଟିଂ ଭୟ

ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନ ନେଇ ପ୍ରକ୍ରିୟା ଆରମ୍ଭ ହେଉ ହେଉ ତିନି ଦଳକୁ ଘେରିଛି କ୍ରସ ଭୋଟିଂ ଭୟ। ସଂଖ୍ୟା ଦୃଷ୍ଟିରୁ ବିଜେଡି ଗୋଟିଏ ଓ ବିଜେପି ଦୁଇଟି ଆସନ ଦଖଲ କରିବା ସ୍ପଷ୍ଟ। ହେଲେ ବିବାଦରେ ରହିଛି ଚତୁର୍ଥ ଆସନ। ରାଜନୈତିକ ପାଣିପାଗ କହୁଛି ଏହି ଆସନ ପାଇଁ ବିଜେପି ଯାହାକୁ ପ୍ରାର୍ଥୀ କରିବ ବିଜେଡି ତାକୁ ସମର୍ଥନ ଦେବ। ବିଜେପିର ବରିଷ୍ଠ ନେତା ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ବିଜେପି ୩ଟି ଆସନ ଜିତିବ। ଆଉ ସଂଖ୍ୟା ଖେଳରେ ବିଜେପି ପ୍ରାର୍ଥୀ କେମିତି ଜିତିବେ, ସେ କଳା ବିଜେପିକୁ ଜଣା ବୋଲି ସେ କହିଛନ୍ତି। ପୃଥ୍ୱୀରାଜ ହରିଚନ୍ଦନଙ୍କ ଏ ବକ୍ତବ୍ୟ ଅନେକ କିଛି ଇଙ୍ଗିତ କରୁଛି। କଂଗ୍ରେସ ପାଖରେ ପାର୍ଥୀ ଦେବାକୁ ଆବଶ୍ୟକ ସଂଖ୍ୟା ନାହିଁ। ଗୋଟିଏ ପକ୍ଷ ବିଜେଡି ସହ ହାତ ମିଳାଇ ପାର୍ଥୀ ଦେବାକୁ ପ୍ରସ୍ତାବ ଦେଉଛନ୍ତି। ହେଲେ କଂଗ୍ରେସ ଦଳରେ ମଧ ଦୁଇ ଜଣ ⮚ପୃଷ୍ଠା-୬



SANCHAR ସଂଚାର

# ଗୁଟଖା ବ୍ୟାନ୍ ପରେ ଲାଭ ଆଶାରେ ବ୍ୟବସାୟୀ

## କୋଟି କୋଟି ଟଙ୍କାର ଗୁଟଖା-ତମାଖୁ ସାମଗ୍ରୀ ଗଚ୍ଛିତ ରଖିଥିବା ଅଭିଯୋଗ



**ଡେରାବିଶ,୨୨।୧(ସଂଚାର ବ୍ୟୁରୋ):** ଆଜିଠାରୁ ରାଜ୍ୟରେ ଗୁଟଖା, ତମାଖୁ ଓ ସିଗାରେଟ ସହ ସମସ୍ତ ତମାଖୁ ଓ ନିକୋଟିନ୍ ଯୁକ୍ତ ସାମଗ୍ରୀ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଲାଗୁ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗ ପକ୍ଷରୁ ଏହି ନିଷେଧାଦେଶ ଜାରି ହୋଇଛି। କାଗଜରେ ଘୋଷଣା ଯେତେ ଜୋରଦାର, ବାସ୍ତବ ଚିତ୍ର ସେତେଭୟଙ୍କର ବ୍ୟାନ୍ ଘୋଷଣା ସହିତ ରାଜ୍ୟରେ କଳାବଜାରୀ ଆରମ୍ଭ ହୋଇଯାଇଛି। ଯାହାର ଚିତ ସାମ୍ନାକୁ ଆସିଛି ଡେରାବିଶ ବ୍ଲକ ଅଞ୍ଚଳରେ। ଗତ କିଛି ଦିନ ଧରି ବ୍ୟାନ୍ ହେବ ବୋଲି ଆଗରୁ ଆଭାସ ମିଳିଥିବାରୁ, ଉକ୍ତ ଅଞ୍ଚଳର କେତେକ ଡୋକାନୀ ଓ ବ୍ୟବସାୟୀ କୋଟି କୋଟି ଟଙ୍କାର ଗୁଟଖା-ତମାଖୁ ସାମଗ୍ରୀ ଷ୍ଟକ୍ କରି ରଖିଥିବା ଅଭିଯୋଗ ଆସୁଛି। ବଡ଼ ବଡ଼ ବ୍ୟବସାୟୀ ଏହା ବେଆଇନ୍ ଘୋଷଣା ହେବା ସହ ସଂପୂର୍ଣ୍ଣ ବିକ୍ରି ଉପରେ ରୋକ ଲଗାଇବା ଜାଣିବା ପରେ ଛୋଟ ଛୋଟ ବ୍ୟବସାୟୀ ଙ୍କ ନିକଟକୁ ପଠାଇ କଳାବଜାରୀ କରିବାକୁ ମସୁଧା ଚଳାଇଥିବା ଜାଣିବାକୁ ମିଳିଛି। ଏହି ସାମଗ୍ରୀ କୁ ନିରୋଳା ଜାଗା ଦେଖି ରଖିବା ପାଇଁ ଯୋଜନା କରିଥିବା ଅଭିଯୋଗ ହେଉଛି। ବାହାରେ ଡୋକାନ ବନ୍ଦ ଦେଖାଯାଉଥିଲେ ମଧ, ଡୋକାନୀଙ୍କ ନିଜ ଘର, ଗୋଦାମ ଓ ଗୁପ୍ତ ସ୍ଥାନଗୁଡ଼ିକ ତମାଖୁ ସାମଗ୍ରୀରେ ଭରି ରହିଛି। ବ୍ୟାନ୍ ପରେ ଯାହା ହେବା କଥା ଥିଲା, ସେହି ଚିତ୍ର ଦେଖିବାକୁ ମିଳୁନାହିଁ। ବରଂ ଠିକ୍ ଓଲଟା ଦୃଶ୍ୟ ସବୁ ସାମଗ୍ରୀର ହଠାତ୍ ମୂଲ୍ୟ ବୃଦ୍ଧି ଗୁପ୍ତ ଭାବେ ଦୁଇଗୁଣା ତିନିଗୁଣା ଦାମରେ ବିକ୍ରି କରୁଛନ୍ତି ସାଧାରଣ ଲୋକ ଓ ଆସକ୍ତ ଉପଭୋକ୍ତାଙ୍କୁ ଠକାଯାଉଛି।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**କେନ୍ଦ୍ରାପଡା,୨୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲଦାର, ସୁପର ଭାଇଜର, ଅତିରିକ୍ତ ତହସିଲଦାର ଉପସ୍ଥିତ ରହି ଜିଲ୍ଲାରେ ରାଜସ୍ୱ ଆଦାୟ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଖଣି ଖାଦାନ, ଚୋରା ବାଲି, ମାଟି ଓ ଚିପି ନଜରେ ଚୋରାରେ ବାଲି ନେଇ ଯାଉଥିବା ହାଇୱା ଗୁଡିକୁ ଜବତ କରି ଜରିମାନା ଆଦାୟ କରିବା ସଂପର୍କରେ ଆଲୋଚନା କରାଯାଇଛି। ଲୁଇଖାନା ସଂଶୋଧନ ଓ ଜିଲ୍ଲାରେ ଥିବା ଭୂମିହୀନ ମାନଙ୍କୁ ବସୁନ୍ଧରା ଯୋଜନାରେ ପଟା ପ୍ରଦାନ କରିବା ଆଦି ସଂପର୍କରେ ଆଲୋଚନା କରିଥିଲେ। ଏହି ସହିତ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜସ୍ୱ ଆଦାୟକୁ ସଂପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଜାତୀୟ ମତଦାତା ଦିବସ ପାଳନ ଓ ସଂକଳ୍ପ



**କେନ୍ଦ୍ରାପଡା,୨୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟରେ ଜାତୀୟ ମତଦାତା ଦିବସ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ପାଳନ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ରୂପେ ପାଳନ କରାଯାଏ। ଆସନ୍ତା ୨୫ ତାରିଖ ଛୁଟି ଥିବାରୁ ସାଧାରଣ ପ୍ରଶାସନ ଓ ପେନଶନ ଅଭିଯୋଗ ସମାଧାନ ବିଭାଗ ପକ୍ଷରୁ ନିର୍ଦ୍ଦେଶ କ୍ରମେ ଗୁରୁବାର ଏହା ପାଳନ କରାଯାଇଛି। ଏଥିରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି ଦିବସରେ ସଂକଳ୍ପ ନେଇଥିଲେ। ସମସ୍ତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆମେ ପ୍ରଲୋଭନ ଚାପର ବଶବର୍ତୀ ନହୋଇ ସ୍ୱଇଛାରେ ନିଜର ମତଦାନ ସାବ୍ୟସ୍ତ କରିବାକୁ ସଂକଳ୍ପ ନେଇଥିଲେ। ଏଥି ସହିତ ଉପସ୍ଥିତ ଥିବା ନିର୍ବାଚନ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଯୁବତୀ ଯୁବକ ମାନଙ୍କର ଭୋଟର ଲିଷ୍ଟରେ ନାମ ଚଢାଇବା, ଭୁଲ ଥିବା ଭୋଟର ଲିଷ୍ଟକୁ ସଂଶୋଧଣ କରିବା, ମୃତ୍ୟୁବରଣ କରିଥିବା ମତଦାତାଙ୍କ ନାମକୁ କାଟିବା ପ୍ରଭୃତି ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅୟୋଜିତ ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ବନକ୍ରୀଷ୍ଟ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ୟାସ ସଚେତନତା କାର୍ଯ୍ୟକ୍ରମ




**କେନ୍ଦ୍ରାପଡା,୨୨।୧(ସଂଚାର ବ୍ୟୁରୋ):** ଭାରତ ପେଟ୍ରୋଲିୟମ କରପୋରେଶନ ଲିମିଟେଡ୍ ପକ୍ଷରୁ ସିଏନଜି ଗ୍ୟାସ ସଚେତନତା କାର୍ଯ୍ୟକ୍ରମ ଗରାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଗରାପୁର ଠାରେ ଥିବା ଜଗନ୍ନାଥ ଫିଲିଂ ଷ୍ଟେସନ ରେ ସିଏନଜି ଗ୍ୟାସ ଉପଲବ୍ଧ ହେବା ସହ ଏହାର ବ୍ୟବହାର ରେ ପରିବେଶ ଅନୁକୂଳ ପରିସ୍ଥିତି ସୃଷ୍ଟି ହେଉଥିବା ବିଷୟରେ ସଚେତନ କରା ଯାଇଥିଲା। ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ପ୍ରାକୃତିକ ଗ୍ୟାସକୁ ଓ ସିଏନଜି ଗ୍ୟାସକୁ ବ୍ୟବହାର କରିବା ପାଇଁ ବହୁଳ ଭାବେ ପ୍ରଚାର କରା ଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବିପିସିଏଲ ର ଟେରିଟୋରୀ ମ୍ୟାନେଜର ଉପେନ୍ଦ୍ରନାଥ ସେଠୀଙ୍କ ସମେତ ସେଲସ୍ ଅଫିସର ଅନିମେଶ ଯାଦବ, ଇଂ ଅଫିସର ପୃଥୀରାଜ ଦାସ, ସିଏନଜି ଫିଂଲିଂ ଷ୍ଟେସନର ମାଲିକ ସିପ୍ରା ମଲିକ, ଓ ଜଗନ୍ନାଥ ଫିଲିଂ ଷ୍ଟେସନର ସମରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ




**ମହାକାଳପଡ଼ା,୨୨।୧(ସଂଚାର ବ୍ୟୁରୋ):** ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଙ୍କ ତରଫରୁ ଜିଲ୍ଲା ଶିଳ୍ପ କେନ୍ଦ୍ର, କେନ୍ଦ୍ରାପଡ଼ା ଙ୍କ ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ମାନଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆଜି ମହାକାଳପଡ଼ା ବ୍ଲକ୍ ର ମିଶନ ଶକ୍ତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବ୍ଲକ ମିଶନ ଶକ୍ତି ବିଭାଗ ତରଫରୁ ପ୍ରୋତ୍ସାହିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅତି କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ବୈଧିକରଣ ଯୋଜନା ମାଧମରେ ଜଣେ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତି/ମହିଳା ସମସ୍ତ ପ୍ରକାର ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ସହାୟତା ପାଇ ପାରିବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏହି ସମୟରେ ପୁଞ୍ଜି ନିବେଶ କରି ୩୫% ରିହାତି ପାଇବା, ବ୍ୟବସାୟ ପରିଚାଳନା ପାଇଁ ତାଲିମ ଓ ପ୍ରମାଣପତ୍ର, ବଜାରୀକରଣ ଆଦି ସୁବିଧା ମଧ ଜଣେ ଉଦ୍ୟୋଗୀ ଲାଭ ପାଇପାରିବେ। ଏହି ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସଚେତନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦୀପ କୁମାର ସାହୁ, ସହକାରୀ ଶିଳ୍ପ ଅଧିକାରୀ ଦେବାଶିଷ ପ୍ରସାଦ ଜେନା, ସହକାରୀ ଶିଳ୍ପ ଅଧିକାରୀ କୁଳମଣି ବେହେରା, ପିଏନବି ବ୍ୟାଙ୍କ ପରିଚାଳକ ସନ୍ତୋଷ କୁମାର ପଲାଇ, ଓଡ଼ିଶା ଜୀବିକା ମିଶନ ମିଶନ ଶକ୍ତି ବ୍ଲକ୍ ପ୍ରକଳ୍ପ ପରିଚାଳକ ମୋତିଲାଲ ସାହୁ ଓ ମିଶନ ଶକ୍ତି ବ୍ଲକ୍ ପ୍ରକଳ୍ପ ସଂଯୋଜିକା ସାଗରିକା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜ ଦର୍ଶନଶାସ୍ତ୍ର ବିଭାଗର ଆଲୋଚନାଚକ୍ର

### ସଫଳତା ପାଇଁ ବିନୟ ହୃଦୟର ଆବଶ୍ୟକତା ରହିଛି




**କେନ୍ଦ୍ରାପଡ଼ା,୨୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ଆନୁକୂଲ୍ୟରେ "ସତ୍ୟତା, ଶାଳିନତା ଓ ବିନମ୍ରତା ଦ୍ୱାରା ଉମ ମଣିଷ ଗଠନ" ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧାପକ ସତ୍ୟରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ଯୋଗଦେଇ କହିଲେ ଛାତ୍ରଛାତ୍ରୀମାନେ ଜୀବନରେ ସଫଳତା ହାସଲ କରିବାକୁ ଚାହିଁଲେ ପ୍ରଥମେ ନୈତିକତାକୁ ଅଗ୍ରାଧିକାର ଦେବାକୁ ପଡ଼ିବ। ନୈତିକ ମୂଲ୍ୟବୋଧ ଉପରେ ଜୀବନ ପର୍ଯ୍ୟବେଶିତ ହେଲେ ଭବିଷ୍ୟତ ଉଜ୍ୱଳମୟ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପତିତପାବନ ଦାସ ଯୋଗଦେଇ କହିଲେ ମୁଲ୍ୟବୋଧ ଭିକ ଜୀବନ ହେଉଛି ବାସ୍ତବ ଜୀବନ। ଯେଉଁମାନଙ୍କ ଜୀବନରେ ସାଧୁତା ଓ ସଚୋଟତା ନାହିଁ ସେମାନେ କେବେହେଲେ ସଫଳତାର ସ୍ୱାଦ ଚାଖିପାରିବେ ନାହିଁ। ଛାତ୍ରଛାତ୍ରୀମାନେ ଏହି ବୟସରୁ ଜୀବନର ପ୍ରକୃତ ମୂଲ୍ୟବୋଧ କଣ ତାହା ଏହି ବୟସରୁ ନିଜର ଜ୍ଞାନ ବଳରେ ଜାଣିବା ଉଚିତ ବୋଲି ସେ କହିଥିଲେ। ଏହାପରେ ପ୍ରଶ୍ନୋର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ସତ୍ୟରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯୁକ୍ତ-୩ ତୃତୀୟ ବର୍ଷ ଛାତ୍ରୀ ସ୍ୱାତୀ ସୁମନ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଅଚ୍ୟୁତାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଶା ନାଇଟ ୱାଚମ୍ୟାନ ଆଣ୍ଡ ୱାର୍ଡ ଓ ହାଉସ କିପିଙ୍ଗ କର୍ମଚାରୀ ସଙ୍ଘ ପକ୍ଷରୁ ଧାରଣା




**କେନ୍ଦ୍ରାପଡ଼ା,୨୧।୧(ସଂଚାର ବ୍ୟୁରୋ):** ନିଖିଳ ଓଡିଶା ନାଇଟ ୱାଚମ୍ୟାନ ଆଣ୍ଡ ୱାର୍ଡ ଓ ହାଉସ କିପିଙ୍ଗ କର୍ମଚାରୀ ସଙ୍ଘ ପକ୍ଷରୁ ବକେୟା ପାରିଶ୍ରମିକ ପ୍ରଦାନ ଦାବିରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସଙ୍ଘ ପକ୍ଷରୁ କୁହାଯାଇଛି ଯେ ବିଦ୍ୟାଳୟର ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଓ ବିଦ୍ୟାଳୟର ସୁରକ୍ଷା ପାଇଁ ରାତିରେ ଜଗିବା, ଝାଡୁ କରିବା ସହିତ ନିଜ ଜୀବନରୁ ପାଣି ଛଡାଇ ଦେଶର ଭବିଷ୍ୟତ ଆଶା ରଖି କାର୍ଯ୍ୟ କରୁଥିବା ରାତ୍ର ଜଗୁଆଳ ଓ ଝାଡୁଦାରମାନଙ୍କ ୧୮ମାସର ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ ଦାବିରେ ସଙ୍ଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହି ଉପଲକ୍ଷେ ସଙ୍ଘର ସଭାପତି ବସନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପଦେଷ୍ଟା ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ସମାଜସେବୀ କେଦାରନାଥ ସାମନ୍ତରାୟ, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ଚନ୍ଦ୍ର ବେଉରା, ନାରୀନେତ୍ରୀ ସଂଯୁକ୍ତା ରାଉତ, ଅଧାପକ ଅଜୟ ସାମଲ, ଅଜୟ କୁମାର ଦାସ, ସମ୍ପାଦିକା ଝରଣା ବେହେରା, କୋଷାଧକ୍ଷ ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଶେଷରେ ଧାରଣାସ୍ଥଳରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ପହି ଧାରଣାକାରୀଙ୍କ ସହ ଆଲୋଚନା କରି ତୁରନ୍ତ ବକେୟା ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧରେ ସଙ୍ଘର ବିଭିନ୍ନ ବ୍ଲକର ପ୍ରତିନିଧି ଭାବେ ପବିତ୍ର ସାହୁ, ପ୍ରକାଶ କବି, ପବିତ୍ର ଦାସ, ପ୍ରମୋଦ କୁମାର ନାୟକ, ଚିନ୍ମୟ କୁମାର ସିଂହ, ବିରେନ ବିଶ୍ୱାଳ, ମଧୁସ୍ମିତା ବେହେରା, ଜଗନ୍ନାଥ ପଣ୍ଡା, ନମିତା ନାଥଶର୍ମା ପ୍ରମୁଖ ଶତାଧିକ ସଦସ୍ୟ ଧାରଣାରେ ଉପସ୍ଥିତ ଥିଲେ।

### ଫିଲ୍ମ ଷ୍ଟାଇଲରେ ବଜ୍ରକାପ୍ତା କାତି ବେପାରୀ ଗିରଫ ଘଟଣା

## ଦବଙ୍ଗଗିରିକୁ ନେଇ ସାଧାରଣରେ ଚର୍ଚ୍ଚା

### ଅପହରଣ ଅଭିଯୋଗକୁ ଭିତ୍ତିକରି ପୁଲିସର ତଦନ୍ତ

**ପଟ୍ଟାମୁଣ୍ଡାଇ,୨୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ଗତକାଲି ମଧାହ୍ନ ରେ ଫିଲ୍ମ ଷ୍ଟାଇଲ ରେ ବଜ୍ରକାପ୍ତା ବେପାରୀ ଗିରଫ ଘଟଣାକୁ ଦିନ ତମାମ ଚର୍ଚ୍ଚା ଜାରି ରହିଛି । ପରିବାରକୁ କୌଣସି ସୂଚନା ନଦେଇ ରାଜନଗର ବନବିଭାଗ ଟିମ ସାଧା ପୋଷାକ ରେ ବେପାରୀ ମୁଣ୍ଡରେ କଳା କପଡା ବାନ୍ଧି ବନ୍ଧୁକ ଦେଖାଇ ଅଧା ବାଟରୁ ଉଠାଇ ନେବା ଘଟଣା ସ୍ଥାନୀୟ ଅଧିବାସୀଙ୍କୁ ଆଚମ୍ବିତ କରିଛି । କୌଣସି ଅପରାଧୀ ଗ୍ୟାଙ୍ଗ ବେପାରୀକୁ ଉଠାଇ ନେଇଥିବା ପରିବାର ଓ ଗ୍ରାମର କିଛି ଲୋକ ସନ୍ଦେହ କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅପହରଣ ଅଭିଯୋଗ କରିଥିଲେ । ପୋଲିସ ଅପହରଣ ଅଭିଯୋଗ ପାଇ ବ୍ୟତିବ୍ୟସ୍ତ ହୋଇପଡିବା ସହିତ ଗୁରୁତର ଭାବେ ନେଇ ଅଭିଯୋଗର ତଦନ୍ତ ଆରମ୍ଭ କରି ଫୋନ ଟ୍ରାକିଙ୍ଗ ବଳରେ ସଂସାରଫଳ ଗ୍ରାମାଞ୍ଚଳ ଥାନା ନିକଟରେ ପହଞ୍ଚିବା ସହିତ ନିକଟରେ ଥିବା ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟରେ ପୋଲିସ ପହଂଚିଥିଲା ।ପରିବାର ଓ ପୋଲିସର ବିନା ସୂଚନାରେ ବଜ୍ରକାପ୍ତା ବେପାରୀ ଗିରଫ ହୋଇଥିବା ଏବଂ ଆଦର୍ଶ ଥାନାରେ ଅପହରଣର ଅଭିଯୋଗ ଆସିଥିବାରୁ ଆଇଆଇସି ଓ ପୋଲିସ ଟିମ୍ ତଦନ୍ତ ପାଇ ଆସିଥିବା ପ୍ରକାଶ କରିଥିଲେ । ମାତ୍ର ବନ ବିଭାଗ ଏହାକୁ ଭିନ୍ନ ରୂପ ଦେଇ ପୋଲିସ ଦବଙ୍ଗ ଗିରି ଭାବେ ଚିତ୍ରଣ କରିଛି ବୋଲି ଅପହୃତ ବେପାରୀ ରାଜକିଶୋର ମଲିକଙ୍କ ପତ୍ନୀ ମିନତି ମଲିକ ଓ ପୁତ୍ର ସୁମନ ଓରଫ କୈଳାସ ମଲିକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି । ସେମାନଙ୍କ କହିବା କଥା, ରାଜକିଶୋର ନାତିକୁ ଗ୍ଲୋବାଲ ବିର୍ଲିୟାଣ୍ଟ ସ୍କୁଲରେ ପାଠ ପଢ଼ିବାକୁ ଛାଡ଼ି ଘରକୁ ଫେରୁଥିବା ବାଟରେ ତାଙ୍କୁ ଅପହରଣ କରାଯାଇଥିଲା । ତେବେ ଅପହରଣ ଘଟଣା ତଦନ୍ତ ପୋଲିସ ଦବଙ୍ଗଗିରି ନା ଫିଲ୍ମ ଷ୍ଟାଇଲରେ ପରିବାର ପୋଲିସ ବିନା ସୂଚନାରେ ବନ ବିଭାଗ ଗିରଫ କରିବା ବନ ବିଭାଗ ଦବଙ୍ଗଗିରି ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ଚନ୍ଦନନଗର ପ୍ୟାକ୍ସ ସଭାପତି ଓ ଏଆରସିଏସଙ୍କ ନିଷ୍ପତ୍ତିରେ ଚାଷୀ ଅସନ୍ତୋଷ



**କେନ୍ଦ୍ରାପଡା,୨୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଚନ୍ଦନନଗର ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ଦୀର୍ଘ ୨୫ ବର୍ଷ ହେବ ଭଡା ଘରେ ଚାଲୁଥିବା ବେଳେ ସଭାପତିଙ୍କ ବାସଗୃହ ବାହାରେ ଧାନ ଖଳା ଚାଲୁଥିଲା। ମାତ୍ର ଚାଷୀଙ୍କ ଅଭିଯୋଗ କ୍ରମେ ଅଫିସ ଠାରୁ ୫୦୦ ମିଟର ଦୂରରେ ଏକ ଭଡା ଘରେ ବର୍ତମାନ ଚାଲୁ ରହିଛି। ଚାଷୀ ମାନଙ୍କ ଦାବି ମୁତାବକ ପଟ୍ଟାମୁଣ୍ଡାଇ ରାଜନଗର ରାସ୍ତା ପାଖକୁ ଲାଗି ଆମ ଗାଁ ଆମ ବିକାଶ ଗୃହକୁ ଧାନ ଖଳା ଉଠାଇବା ପାଇଁ ଏଆରସିଏସ ନିଷ୍ପତି ନେଇଥିଲେ। ସେହି ସ୍ଥାନରେ ପ୍ରଚୁର ସରକାରୀ ଜାଗା, ବିଶ୍ରାମ ଟୁଙ୍ଗୀ ଓ ଶୌଚାଳୟ ପ୍ରଭୃତି ସହିତ ପଞ୍ଚାୟତ ର କୋଠାଘର, ଯାନବାହନ ରଖିବା ପାଇଁ ପ୍ରଶସ୍ତ ସ୍ଥାନ ଓ ସରକାରୀ ଜାଗା ରହିଛି। ମାତ୍ର ସେଠାକୁ ମଣ୍ଡି ନ ଉଠାଇ ସଭାପତି ଓ ଏଆରସିଏସ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ଚାଷୀମାନେ ମାନ୍ୟବର ସାଂସଦ, ଜିଲ୍ଲାପାଳ, ଏଆରସିଏସ ପ୍ରଭୃତିଙ୍କୁ ପୁନର୍ବାର ତଦନ୍ତ ପାଇଁ ନିବେଦନ କରିଥିଲେ। ମାତ୍ର ଏଆରସିଏସ ସଭାପତି ଓ ସଂପାଦକଙ୍କ କଥାରେ ପରିଚାଳିତ ହୋଇ ପୂର୍ବ ନିଷ୍ପତିକୁ ପରିବର୍ତନ କରି ଯେଉଁ ସ୍ଥାନକୁ ଗାଡି ଯାଇ ପାରିବ ନାହିଁ, ସେହି ସ୍ଥାନରେ ମଣ୍ଡି ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ପୂର୍ବ ନିଷ୍ପତି କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି।

## ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




**ପଟ୍ଟାମୁଣ୍ଡାଇ,୨୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ ର ବାର୍ଷିକ ଉତ୍ସବ+୨ ର ଅଧକ୍ଷା ଡ଼ ରାଜଲକ୍ଷ୍ମୀ ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ର ପରିଚାଳନା କମିଟିର ସଭାପତି ସମ୍ମାନୀୟ ଶ୍ରୀଯୁକ୍ତ ନବକୃଷ୍ଣ ଜେନା ଯୋଗ ଦେଇ ଦୁଇ ମହାବିଦ୍ୟାଳୟ ର ଏକତା ବଜାୟ ରଖି ଆଗକୁ କାର୍ଯ୍ୟ କରିଲେ ମହାବିଦ୍ୟାଳୟ ଅଗ୍ରଗତି କରିପାରିବ ବୋଲି ବକ୍ତବ୍ୟରେ କହିଥିଲେ, ମୁଖ୍ୟ ବକ୍ତା ଭାବେ ଓଡିଶା ରାଜ୍ୟ ସରକାର ଙ୍କର ଅବସର ପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଞ୍ଜିତ କୁମାର ପ୍ରଧାନ ବକ୍ତବ୍ୟ ରେ କହିଥିଲେ ମୁଁ ସରକାରୀ ଅଧିକାରୀ ଥିଲା ବେଳେ ଏହି ମହାବିଦ୍ୟାଳୟ କୁ ଗ୍ରସ୍ତ କରିଥିଲି, ସେ ସମୟର ବିଭିନ୍ନ ସମସ୍ୟା କୁ ଅନୁଭବ କରିଥିଲେ ମଧ ଆଜିର ଉତ୍ସବକୁ ଦେଖିବା ପରେ ଅନୁଭବ କରୁଛି ପଦବୀ ବଡ ନୁହେଁ, ନିଜର କର୍ମ ବଡ ଠିକ୍ କର୍ମ କରିଲେ ଠିକ୍ ଫଳ ମିଳିବ, ମାଠିଆ ଏବଂ ସୁରେଇ ର ସୁନ୍ଦର ଗଳ୍ପର ଉଦାହରଣ ଦେଇ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ, ସମ୍ମାନୀତ ଅତିଥି ଭାବେ +୩ର ଅଧକ୍ଷ ଶ୍ରୀଯୁକ୍ତ ଶ୍ରୀଧର ବେହେରା ଉପସ୍ଥିତ ହୋଇ ସେ ତାଙ୍କ ବକ୍ତବ୍ୟ ରେ କହିଥିଲେ କି +୨ ର ସମସ୍ତ ପୁରାତନ କର୍ମଚାରୀ ଙ୍କ ତ୍ୟାଗ ପାଇଁ +୩ ମହାବିଦ୍ୟାଳୟ ୨୫ବର୍ଷ ରେ ପଦାର୍ପଣ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ +୨ ଓ +୩ ର ମୁରବୀ ଭାବେ ଡ଼ ରାଜଲକ୍ଷ୍ମୀ ମହାନ୍ତିଙ୍କୁ ସ୍ୱୀକାର କରିଥିଲେ।

## ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

- ନିରନ୍ତର ପ୍ରୟାସ ଓ କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ

**ରାଜନଗର,୨୨।୧(ସଂଚାର ବ୍ୟୁରୋ):** ଯେଉଁ ଯୌବନ ଭୁଲ କରିବାକୁ ଅଧିକାର ଦିଏ ନାହିଁ ତାହା ପ୍ରକୃତ ପକ୍ଷେ ଯୌବନ ନୁହେଁ। ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକ ଡ. ଗୌରହରି ଦାସ କହିଲେ ଭୁଲ କରିବା ଯୁବବର୍ଗର ଅଧିକାର ହେଉ କିନ୍ତୁ ଏହି ଭୁଲରୁ ଜୀବନ ଗଢିବାର ରାଷ୍ଟ୍ର ନିର୍ମାଣର ଅଭିଜ୍ଞତା ସଂଗ୍ରହ କରୁ। ଏହି ବୟସରେ ଅନେକ ସମୟରେ ଯୁବବର୍ଗଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ କିନ୍ତୁ ଏହା ମଣିଷର ଦୁର୍ବଳ ମାନସିକତା ଅଟେ। ନିରନ୍ତର ପ୍ରୟାସ ଓ କଠିନ ପରିଶ୍ରମ ଜୀବନକୁ ଉନ୍ନତ ଲକ୍ଷ୍ୟରେ ପହଞ୍ଚାଇ ପାରେ।ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଓ ଶିଷ୍ଟାଚାର ଆବଶ୍ୟକ ବୋଲି କହିଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଶିକ୍ଷା କେବଳ ପାଠ୍ୟକ୍ରମରେ ସୀମିତ ନୁହେଁ, ଏହାର ବ୍ୟାପ୍ତି ଅନନ୍ତ। ଛାତ୍ରଛାତ୍ରୀମାନଙ୍କୁ ଏହା ନବଚିନ୍ତନ, ଗବେଷଣା ଓ ସମାଜ ସେବା ପ୍ରତି ପ୍ରେରିତ କରେ ବୋଲି କହିଛନ୍ତି। ମହାବିଦ୍ୟାଳୟର ଜୀବ ବିଜ୍ଞାନର ଅଧାପିକା ରାଜଶ୍ରୀ ସାମନ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ପ୍ରଣୟ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ର ଅଧାପକ ପ୍ରତାପ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

## ଏନଟିପିସି ଦର୍ଲିପାଲି ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ପଲ୍ଲୀସଭା ଅନୁଷ୍ଠିତ

**ସୁନ୍ଦରଗଡ଼,୨୨।୧(ସଂଚାର ବ୍ୟୁରୋ):** ଏନଟିପିସି ଦର୍ଲିପାଲି ସମ୍ପ୍ରସାରଣ ପ୍ରକଳ୍ପ ୧୦ ୮୦୦ ମେଗାୱାଟ କ୍ଷମତାର ଏକ ଅତିରିକ୍ତ ୟୁନିଟ୍ ସ୍ଥାପନ ପାଇଁ ଜଙ୍ଗଲ ପରିବର୍ତ୍ତନ ପ୍ରସ୍ତାବ ସମ୍ପର୍କରେ ୨୨ ଜାନୁଆରୀ ୨୦୨୬ ଗୁରୁବାର ଦିନ ଦର୍ଲିପାଲି ଗ୍ରାମ ପଞ୍ଚାୟତରେ ଏକ ପଲ୍ଲୀସଭା ସଫଳତାର ସହ ଅନୁଷ୍ଠିତ ହୋଇ ଥିଲା। ବନ ଅଧିକାର ଆଇନ ୨୦୦୬ ଅନ୍ତର୍ଗତ ସାମ୍ବିଧାନିକ ଆବଶ୍ୟକତା ଅନୁଯାୟୀ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପଲ୍ଲୀସଭାରେ ଦର୍ଲିପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଅଧକ୍ଷତା କରିଥିବା ବେଳେ ଲେଫ୍ରୀପଡ଼ା ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ନୂଆଡିହି ଫରେଷ୍ଟର, ଦର୍ଲିପାଲି ବନ ଅଧିକାର କମିଟି ସଦସ୍ୟ, ଏନଟିପିସି ଅଧିକାରୀ ଏବଂ ଦର୍ଲିପାଲିର ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ଅଞ୍ଚଳବାସୀ ହୀନସ୍ତା | ଚଣ୍ଡୀ ବଜାରରୁ ବଡ଼ ଫୋଗଳ ରାସ୍ତା ଫାଟି ଆଁ




**ଡେରାବିଶ,୨୨।୧(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ ରାସ୍ତାଘାଟର ବିକାଶ ପାଇଁ ବିଭିନ୍ନ ଯୋଜନାରେ ସରକାର ବହୁ ଅର୍ଥ ଖର୍ଚ କରୁଛନ୍ତି। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତରେ। ଏହି ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବୋଲି ରାଜ୍ୟ ରାଜପଥରୁ ଖମୋଳ ଶୋରିମୁହଁ କେନାଲ ବନ୍ଧ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଛି। ଏହି ୧ କିଲୋମିଟର ରାସ୍ତାର ଉଭୟପାର୍ଶ୍ୱରେ ୧୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଗ୍ରାମର ଜନସାଧାରଣ କଟକ-ଚାନ୍ଦବାଲି ରାସ୍ତାକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ଦୈନନ୍ଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ପ୍ରାୟ ୫ବର୍ଷ ପୂର୍ବେ ଏହି ରାସ୍ତାଟି ପଞ୍ଚାୟତ ପକ୍ଷରୁ ପ୍ରଥମକରି ନିର୍ମାଣ କରାଯାଇଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ଏଥିପ୍ରତି ଦୃଷ୍ଟି ଦିଆ ନ ଯିବା ହେତୁ ଏହା ମରଣଯନ୍ତା ପାଲଟିଥିବା ଗ୍ରାମର ପୂର୍ବତନ ୱାର୍ଡସଭ୍ୟା ଜୟନ୍ତୀ କୁମାର ନାୟକ କହିଛନ୍ତି। କୌତୂହଳର ବିଷୟ ପୂର୍ବ ସରକାରଙ୍କ ଅମଳରେ ଏହି ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଘୋଷଣା କରାଯାଇଥିଲା। ଏପରିକି ନିର୍ବାଚନ ଆଉ ଅଳ୍ପଦିନ ବାକିଥିବାବେଳେ ତତ୍କାଳୀନ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ ମଧ କରାଯାଇଥିଲା। ମାତ୍ର ଆଜି ଯାଏ ରାସ୍ତାର ଅବସ୍ଥା ସୁଧୁରିପାରି ନ ଥିବାବେଳେ ଗ୍ରାମବାସୀଙ୍କ ଦୁଃଖ ବଢ଼ି ଚାଲିଥିବା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ବେହେରା କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ ତୃପ୍ତିମୟୀ କରଙ୍କୁ ପଚାରିବାରୁ ଏହି ରାସ୍ତାର ଉନ୍ନତୀକରଣ ପାଇଁ ପଞ୍ଚାୟତ ପାଣ୍ଠି ରୁ ଅର୍ଥ ମଞ୍ଜୁର କରାଯାଇଥିଲେ ହେଁ ବିଧାୟିକାଙ୍କ ଦ୍ୱାରା ଶିଳାନ୍ୟାସ ଯୋଗୁଁ ଅର୍ଥ ବିନିଯୋଗ ହୋଇ ପାରି ନ ଥିବା କହିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନ ଥିବା କହିଛନ୍ତି ଓ ତେବେ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ବା ବ୍ଲକ ପ୍ରଶାସନ କେହି ବି ଅଦ୍ୟାବଧି ଦୃଷ୍ଟି ଦେଉ ନ ଥିବା ନେଇ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ରାସ୍ତାଟି ଖୁବ୍ ଶୀଘ୍ର ଯାତାୟାତ ଉପଯୋଗୀ କରାନଯାଏ ତେବେ ଗ୍ରାମବାସୀ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସମସ୍ତ ଗ୍ରାମ ବାସି ଚେତାବନୀ ଦେଇଛନ୍ତି।

## କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତ୍ରିଲୋଚନ ମୁଖ୍ୟ ଅତିଥି

**ମହାକାଳପଡ଼ା, ୨୨।୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ଭିତର ଶୋବଳା ଗ୍ରାମରେ ଆୟୋଜିତ ପଞ୍ଚାୟତ ସ୍ତରୀୟ ବାବା ଲଙ୍ଗୁଳେସ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଥିଲା ସେମିଫାଇନାଲ ମ୍ୟାଚ୍। ଏହି ସମାରୋହରେ ୨୩ ନଂ ଜୋନ ସଭାପତି ତ୍ରିଲୋଚନ ରାଉତ, ବାରଡାଙ୍ଗ ପଞ୍ଚାୟତ ର ଯୁବ ନେତା ତଥା ଯୁବ ସମାଜ ସେବୀ ସନାତନ ଭୋଳ ଅତିଥି ଭାବରେ ଯୋଗଦେଇ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ସେମାନଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଲେ। ଆଜିର ମ୍ୟାଚରେ ବରକନ୍ଧା ଓ ଦେଉଳପଡା ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ବରକନ୍ଧା ଟିମ୍ ବିଜୟୀ ହୋଇଥିଲା।

ରାଜଧାନୀ ମଧ୍ୟଭାଗରେ କୁଢ଼କୁଢ଼ ଅଳିଆ

# ସକାଳୁ ବୁଲୁଛନ୍ତି ମେୟର, ହେଲେ ଆଖିରେ ପଡୁନି



**ଭୁବନେଶ୍ୱର,୨୨।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବାକୁ ବାରମ୍ବାର ଭୁବନେଶ୍ୱର ମହାନଗର ନିଗମ ମେୟର ଆହ୍ୱାନ ଦେଉଛନ୍ତି। ସକାଳୁ ଉଠି ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି। ଯାହା ଘର ସାମ୍ନାରେ ଅଳିଆ ପଡୁଛି ତାଙ୍କ ଉପରେ ଫାଇନ ଲଦି ଦିଆଯାଉଛି। ହେଲେ ରାଜଧାନୀର ପେଣ୍ଠସ୍ଥଳୀରେ ଏମିତି କୁଢ଼କୁଢ଼ ଅଳିଆ ପଡିଛି, ଯାହା ମେୟର କି ସଫେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆଖିରେ ପଡୁନି। ଏମିତି କିଛି ଫଟୋ ଆମର ହସ୍ତଗତ ହୋଇଛି। ଖାରବେଳନଗର ଶ୍ରୀୟା କମ୍ପ୍ଲେକ୍ସ ପରେ ହୋଟେଲ ଏଚଏଚଆଇ ଠାରୁ ମାତ୍ର କେଇ ହାତ ଦୂରର ଏ ଦୃଶ୍ୟ। ଦିନ ଦିନ ଧରି ଏଠି ଅଳିଆ ଆବର୍ଜନା ପଡି ରହିଛି। ଏଠିକି ନା ସଫେଇ କର୍ମଚାରୀ ଆସୁଛନ୍ତି ନା ମେୟରଙ୍କ ଆଖିରେ ପଡୁଛି। ଏପରିକି ସଫେଇ ଦାୟିତ୍ୱରେ ଥିବା ବିଏମସି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗୋଟେପଟେ ବିଏମସି ସାଧାରଣ ଲୋକଙ୍କ ଠାରୁ ଅଳିଆ ବାବଦ ଟିକସ ଆଦାୟ କରିବାକୁ ଯାଉଛି, ହେଲେ ନିଜର ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ରାଜଧାନୀର ଅଳିଆ ଉଠା କାର୍ଯ୍ୟକୁ ଘରୋଇକରଣ କରାଯାଇଛି। ସେବାବଦରେ ଘରୋଇ ସଂସ୍ଥା ବିଏମସିଠାରୁ ଲକ୍ଷାଧିକ ଟଙ୍କା ନେଉଛି। ହେଲେ ଏହି ସଂସ୍ଥାର ଦାୟିତ୍ୱହୀନତା ଏବଂ ବିଏମସିର କିଛି ଅଧିକାରୀଙ୍କ ପାଇଁ ସରକାର ବଦନାମ ହେଉଛନ୍ତି।

**ସ୍ୱଚ୍ଛ ସହର ଅଭିଯାନକୁ ବିଏମ୍‌ସିର କ୍ରୁର ପରିହାସ**

# ସବୁ ଜିଲ୍ଲା ହେବ ଅର୍ଥନୈତିକ ଜୋନ ଓ ବିକାଶ ଇଞ୍ଜିନ

- ସବୁ ଜିଲ୍ଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ
- ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ପ୍ଲାନେଟୋରିୟମ ନିର୍ମାଣକୁ ଗୁରୁତ୍ୱ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ରାଜ୍ୟର ସବୁ ଜିଲ୍ଲା ହେବ ଅର୍ଥନୈତିକ ଜୋନ ଓ ବିକାଶର ଇଞ୍ଜିନ। ଭିଜନ ଓଡିଶାର ଏହି ଆଭିମୁଖ୍ୟକୁ ଆଧାର କରି ଜିଲ୍ଲାପାଳମାନେ ନିଜର କାର୍ଯ୍ୟକ୍ରମ ସହ ବିକାଶମୂଳକ କାର୍ଯ୍ୟର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ଆଜି ମୁଖ୍ୟ ଶାସନ ସଚିବ ସବୁ ଜିଲ୍ଲାପାଳଙ୍କ ସହ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭାଗୱାରୀ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଛନ୍ତି। ଜିଲ୍ଲାରେ ଯେଉଁସବୁ ଉନ୍ନୟନମୂଳକ ବୃହତ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ସେସବୁର କାର୍ଯ୍ୟକାରିତା ଅଗ୍ରଗତିର ନିୟମିତ ତଦାରଖ କରନ୍ତୁ। ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରିତାକୁ ତଦାରଖ କରିବା ସହିତ ଜିଲ୍ଲାର ପ୍ରମୁଖ ୨୫ଟି ପ୍ରକଳ୍ପକୁ ଚିହ୍ନଟ କରି ତାହାର ଅଗ୍ରଗତି ସମୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ। ବିଶେଷକରି ବୃହତ୍ ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ କଡ଼ାକଡ଼ି ଭାବେ ସମୀକ୍ଷା କରିବା ଏବଂ ସଚିବମାନେ ସେମାନଙ୍କର ଜିଲ୍ଲା ଗସ୍ତ ସମୟରେ ସେସବୁକୁ ଗୁରୁତ୍ୱ ଦେଇ ତଦାରଖ କରିବାକୁ ବୈଠକରେ ସେ ପରାମର୍ଶ ଦେଇଥିଲେ। ପୂର୍ବ ନିର୍ଦ୍ଦେଶିତ ଅନୁଯାୟୀ ଏଣିକି ମାସର ପ୍ରତି ୧୬ରେ ଜିଲ୍ଲାପାଳମାନଙ୍କ ସହ ବୈଠକ ହେବ। ସୋମବାର କିମ୍ବା ଛୁଟିଦିନ ପରିପ୍ରେକ୍ଷୀରେ ପରଦିନ ଅର୍ଥାତ୍ ୧୭ରେ ବୈଠକ ହେବ ବୋଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ବୈଠକରେ ଯୋଗଦେଇ ସୂଚନା ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜିଲ୍ଲାରେ ଶିଳ୍ପର ବିକାଶ ପାଇଁ ପଦକ୍ଷେପ ନିଆଯାଇଥିବାରୁ କ୍ଷେତ୍ର ସ୍ତରରେ କାର୍ଯ୍ୟକାରୀ ଅଧିକାରୀମାନେ ଏଥିପାଇଁ ଆନୁଷଙ୍ଗିକ ସହଯୋଗ ଓ ସୁବିଧା କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲ୍ଲାପାଳମାନଙ୍କୁ ପ୍ରତି ମାସରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା, ଶିଶୁ, ମାତୃ ମୃତ୍ୟୁହାର ରୋକିବା ଦିଗରେ ପଦକ୍ଷେପ ନେବା, ବିଭିନ୍ନ ଜିଲ୍ଲା ଡାକ୍ତରଖାନାର ଚିକିତ୍ସା ବ୍ୟବସ୍ଥା ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଜିଲ୍ଲା ଖଣିଜ ପାଣ୍ଠିର ପରିଚାଳନା ସମ୍ପର୍କରେ ଉନ୍ନୟନ କମିଶନର ଆଲୋଚନା କରିଥିଲେ।

ବିଭିନ୍ନ ଜିଲ୍ଲାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍ ପ୍ରକଳ୍ପ ସ୍ଥାପନ ନେଇ କାର୍ଯ୍ୟ ଅଗ୍ରଗତି ଏବଂ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ ସମ୍ପର୍କରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ ଉପସ୍ଥିତିରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରାଯାଇଥିଲା। ବୈଠକରେ ପିଏମ୍ ସୂର୍ଯ୍ୟଘର, ସହରାଞ୍ଚଳରେ ସୁଲଭ ହାଉସିଂ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଖାଲଖମାମୁକ୍ତ ସହରାଞ୍ଚଳ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଛି। ଜିଲ୍ଲାରେ ସମସ୍ତ ୩୧୪ ବ୍ଲକରେ ଖେଳପଡ଼ିଆ ନିର୍ମାଣ ନେଇ ସ୍ଥିତି ସମୀକ୍ଷା କରାଯାଇଥିଲା। ଯେଉଁଠି ଜମି ସମସ୍ୟା ରହିଛି, ରାଜସ୍ୱ ବିଭାଗ ପକ୍ଷରୁ ଆସନ୍ତା ୩୧ ସୁଦ୍ଧା ଜମି ବ୍ୟବସ୍ଥା ପାଇଁ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ତମ୍ଭକାର ରବି କାନୁନଗୋଙ୍କ ପରଲୋକ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ରାଉରକେଲାର ଜଣାଶୁଣା ସାମ୍ବାଦିକ, ସ୍ତମ୍ଭକାର ତଥା ସାହିତ୍ୟିକ ରବି କାନୁନଗୋଙ୍କର ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ୧୫ ମିନିଟ୍ ସମୟରେ ଏଠାକାର ଏକ ହସ୍ପିଟାଲରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାରେ ଅନନ୍ୟ ଐତିହ୍ୟ ଛାଡ଼ିଯାଇଛନ୍ତି। ଓଡ଼ିଆ ଦୈନିକ 'ସୂର୍ଯ୍ୟପ୍ରଭା'ର ସମ୍ପାଦକ ଭାବେ ସେ ତାଙ୍କର ନିର୍ଭୀକ ଆଭିମୁଖ୍ୟ ଏବଂ ସାହସିକ, ନୀତିବାଦୀ ଓ ସ୍ୱାଧୀନ ସାମ୍ବାଦିକତା ପାଇଁ ସମ୍ମାନ ଅର୍ଜନ କରିଥିଲେ। ଲେଖା ଓ ସମ୍ପାଦକୀୟ ନେତୃତ୍ୱ ମାଧ୍ୟମରେ ଓଡ଼ିଆ ଭାଷାର ପ୍ରଚାର ଓ ସଂରକ୍ଷଣରେ ଜଣେ ଅଗ୍ରଣୀ ଭାବେ ତାଙ୍କୁ ବିବେଚନା କରାଯାଉଥିଲା। ତାଙ୍କ ମୃତ୍ୟୁରେ ଓଡ଼ିଶାର ସାହିତ୍ୟିକ ଓ ସାମ୍ବାଦିକଙ୍କ ପକ୍ଷରୁ ସମବେଦନା ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

## ଉଡ଼ାବାଲି ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ଆସନ୍ତା ସାଧାରଣତନ୍ତ୍ର ଦିବସ ପୂର୍ବରୁ ଆଜି ଧାମରା ବନ୍ଦର ନିକଟବର୍ତ୍ତୀ ଜନବସତିଶୂନ୍ୟ ଉଡ଼ାବାଲି ଦ୍ୱୀପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ ଦେଶର ଉପକୂଳ ସୁରକ୍ଷାରେ ନିରନ୍ତର ସେବା ଯୋଗାଉଥିବା ସୁରକ୍ଷା ବାହିନୀଙ୍କ ସାହସ, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ପ୍ରତି ସେ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ସମୁଦ୍ର ତଟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ଆଧୁନିକ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଦୀର୍ଘମିଆଦି ଯୋଜନା ଆରମ୍ଭ କରାଯାଇଛି ବୋଲି ଡିଜିପି କହିଥିଲେ। ଏଥିନିମନ୍ତେ ଚଳିତ ବର୍ଷ ରାଜ୍ୟ ସରକାର ବାର୍ଷିକ ବଜେଟରେ ୧୪୯ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଉକ୍ତ ଅର୍ଥରାଶି ବିନିଯୋଗରେ ସାମୁଦ୍ରିକ ପାଟ୍ରୋଲିଂ ପାଇଁ ଯନ୍ତ୍ରଚାଳିତ ବୋଟ୍, ଟ୍ରଲର, ପ୍ରତ୍ୟେକ ସାମୁଦ୍ରିକ ଥାନା ପାଇଁ ଡ୍ରୋନ୍, ନୌସେନା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତାଓ ମାଛଧରା କେନ୍ଦ୍ରରେ ସ୍ୱତନ୍ତ୍ର ସାମୁଦ୍ରିକ ପୁଲିସ ଅଧିକାରୀଙ୍କୁ ନିୟୋଜିତ କରିବା ଏବଂ ସମସ୍ତ ସାମୁଦ୍ରିକ ଥାନାଗୁଡ଼ିକରେ କମ୍ୟୁନିଟି ପୁଲିସିଂ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ଶ୍ରୀ ଖୁରାନିଆ କହିଥିଲେ। ଏଥିସହ ମାଛଧରା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା ସହ ସାମୁଦ୍ରିକ ପୁଲିସ ଥାନାଗୁଡ଼ିକରେ ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଏହି ବ୍ୟବସ୍ଥାକୁ ଭୁବନେଶ୍ୱରର ଏକ ଅତ୍ୟାଧୁନିକ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସହ ଯୋଡ଼ାଯିବ ଓ ଆଗାମୀ ଦିନରେ ଏହା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡିଜିପି କହିଥିଲେ। ଏଥିସହ ଜନବସତିବିହୀନ ଉପକୂଳ ଦ୍ୱୀପଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରାଯିବା ମାଧ୍ୟମରେ ଦେଶର ଭୂମି, ସମୁଦ୍ର ପ୍ରତି ଓଡ଼ିଶା ପୁଲିସର ଅତୁଟ ସଙ୍କଳ୍ପ ଓ ଦୃଢ଼ ଆସ୍ଥା ପ୍ରତିବିମ୍ବିତ ହେଉଛି। ଏଥିସହ ଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ପ୍ରତି ଅତୁଟ ସଂକଳ୍ପକୁ ଏହି ପଦକ୍ଷେପ ପ୍ରତିବିମ୍ବିତ କରୁଛି ବୋଲି ଡିଜିପି କହିଥିଲେ।

# ରାଜ୍ୟରେ ୪୨ ପ୍ରତିଶତ ଲୋକ ଖାଉଛନ୍ତି ତମାଖୁ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ରାଜ୍ୟରେ ୪୨ ପ୍ରତିଶତ ଲୋକ ତମାଖୁ ସେବନ କରୁଛନ୍ତି, ଯେଉଁଥିପାଇଁ ରାଜ୍ୟରେ ବହୁ ସଂଖ୍ୟାରେ ଶିଶୁ ଓ ଯୁବକ ତମାଖୁଜନିତ ରୋଗର

- ଦୁରାରୋଗର ଶିକାର ହେଉଛନ୍ତି ଶିଶୁ ଓ ଯୁବକ
- ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଆଧାରରେ ତମାଖୁ ବ୍ୟାନ

ଶିକାର ହେଉଥିବା ବେଳେ ଓଡ଼ିଶାରେ କ୍ୟାନ୍ସର ଆକ୍ରାନ୍ତଙ୍କ ସଂଖ୍ୟା ବି ବଢୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୁଧବାର ପୁଣିଥରେ ସବୁପ୍ରକାର ତମାଖୁ ଓ ନିକୋଟିନଯୁକ୍ତ ସାମଗ୍ରୀକୁ ବ୍ୟାନ କରିଛନ୍ତି। ଏବେ ଏହାକୁ କଡ଼ାକଡ଼ି ପାଳନ କରାଯାଇ ଦଣ୍ଡବିଧାନ କରାଯିବ। ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର ଏକ ଟିମ ଗଠନ କରି ଚଢ଼ାଉ କରିବେ। ଏଥିସହ ଏହି ମାଦକ ଦ୍ରବ୍ୟ ଶିକ୍ଷାନୁଷ୍ଠାନ ନିକଟରେ ବିକ୍ରି ହୋଇପାରିବ ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ୨୦୧୩ରେ ଗୁଟଖା ନିଷିଦ୍ଧ ଘୋଷଣା ପରେ ଏବେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ତମାଖୁ ଓ ନିକୋଟିନଯୁକ୍ତ ସମସ୍ତ ଉତ୍ପାଦ ବ୍ୟାନ୍ ହୋଇଛି। ଏହାର ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ସଂରକ୍ଷଣକୁ ବ୍ୟାନ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଛି। ପରିବହନ, ବିତରଣ ଓ ବିକ୍ରିକୁ ରାଜ୍ୟରେ ନିଷିଦ୍ଧ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ଅନ୍ତର୍ଜାତୀୟ କର୍କଟ ଗବେଷଣା ସଂସ୍ଥା ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜର୍ଦ୍ଦା, ଖଇନି, ଗୁଟ୍‌କା ଓ ଅନ୍ୟ ତମାଖୁ ଉତ୍ପାଦର ସେବନ କର୍କଟ ରୋଗର ପ୍ରମୁଖ କାରଣ ବୋଲି ଦର୍ଶାଇଛନ୍ତି। ଏଥିସହ ଧୂଆଁହୀନ ତମାଖୁ ଯଥା ପାନ ମସଲା, ପାନ, ଗୁଆ, ଧୂଆଁପତ୍ର ଭଳି ଅନ୍ୟ ଉତ୍ପାଦ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖରାପ। ବିଶ୍ୱ ବୟସ୍କ ତମାଖୁ ସର୍ବେକ୍ଷଣର ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶାର ୪୨ ପ୍ରତିଶତ ଜନସଂଖ୍ୟା ଧୂଆଁହୀନ ତମାଖୁ ସେବନ କରୁଥିବା ନଜରକୁ ଆସିଥିଲା, ଯାହାକି ଜାତୀୟ ହାରଠାରୁ ଦୁଇ ଗୁଣ। ଏହାକୁ ବିଚାରକୁ ନେଇ ୨୦୧୩ରେ ସରକାର ତମାଖୁ ଓ ନିକୋଟିନ୍ ଉତ୍ପାଦ ବିକ୍ରିକୁ ରାଜ୍ୟରେ ନିଷିଦ୍ଧ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଗୁଟ୍‌ଖା କମ୍ପାନୀ ଗୋଟିଏ ପ୍ୟାକେଟରେ ତମାଖୁ ଓ ଅନ୍ୟ ପ୍ୟାକେଟରେ ଚୋବାଇବା ଉତ୍ପାଦ ବିକ୍ରି କରୁଥିଲେ। ନୂଆ ବିଜ୍ଞପ୍ତି ଜାରି ହେବା ସହ ୨୦୧୩ରେ ଜାରି ହୋଇଥିବା ବିଜ୍ଞପ୍ତିକୁ ହଟାଇ ଦିଆଯାଇଛି।

## ଖଲ୍ଲିକୋଟ ଷ୍ଟେସନରେ ବିଶାଖା ଓ ଫଲକନୁମାର ରହଣି

**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ଯାତ୍ରୀ ସୁବିଧା ବୃଦ୍ଧି ଏବଂ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଖଲ୍ଲିକୋଟ ରେଳ ଷ୍ଟେସନରେ ଟ୍ରେନ ନମ୍ବର ୧୭୦୧୫/୧୭୦୧୬ ଭୁବନେଶ୍ୱର ନୂତନ-ସିକନ୍ଦରାବାଦ-ଭୁବନେଶ୍ୱର ନୂତନ ବିଶାଖା ଏକ୍ସପ୍ରେସ ଓ ଟ୍ରେନ୍ ନମ୍ବର ୧୨୭୦୩/୧୨୭୦୪ ହାଓଡ଼ା-ସିକନ୍ଦରାବାଦ-ହାଓଡ଼ା ଫଲକନୁମା ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି ଆରମ୍ଭ କରିଛି। ଟ୍ରେନ ନମ୍ବର ୧୭୦୧୫ ଭୁବନେଶ୍ୱର ନୂତନ-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ୨୭ ଜାନୁଆରୀ ୨୦୨୬ ଠାରୁ କାର୍ଯ୍ୟକାରୀ ହୋଇ ୧୦ଟା ୧୨ ମିନିଟ୍‌ରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଓ ୧୦ଟା ୧୪ ମିନିଟ୍‌ରେ ପ୍ରସ୍ଥାନ କରିବ। ସେହିପରି ଟ୍ରେନ ନମ୍ବର ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ନୂତନ ବିଶାଖା ଏକ୍ସପ୍ରେସ ୨୬ ଜାନୁଆରୀ ୨୦୨୬ଠାରୁ କାର୍ଯ୍ୟକାରୀ ହୋଇ ୧୨ଟା ୪୫ ମିନିଟ୍‌ରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୧୨ଟା ୪୭ ମିନିଟ୍‌ରେ ପ୍ରସ୍ଥାନ କରିବ। ଟ୍ରେନ ନମ୍ବର ୧୨୭୦୩ ହାଓଡ଼ା-ସିକନ୍ଦରାବାଦ ଫଲକନୁମା ଏକ୍ସପ୍ରେସ ଆସନ୍ତା ୨୭ରୁ ଅପରାହ୍ନ ୪ଟା ୫୦ରେ ଖଲ୍ଲିକୋଟ ଷ୍ଟେସନରେ ଅଟକିବ ଏବଂ ୪ଟା ୫୨ ମିନିଟ୍‌ରେ ପ୍ରସ୍ଥାନ କରିବ। ସେହିପରି ଟ୍ରେନ୍ ନମ୍ବର ୧୨୭୦୪ ସିକନ୍ଦରାବାଦ-ହାଓଡ଼ା ଫଲକନୁମା ଏକ୍ସପ୍ରେସ ୨୬ରୁ ପ୍ରାତଃ ୮ଟା ୧୫ରେ ଖଲ୍ଲିକୋଟ ଷ୍ଟେସନରେ ଅଟକି ୮ଟା ୧୭ରେ ପ୍ରସ୍ଥାନ କରିବ।

## ଡବଲ ଇଞ୍ଜିନ ସରକାରରେ ଟ୍ରିପଲ ବିଫଳତା: ବିଜେଡି



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଟ୍ରିପଲ ବିଫଳତା ଦେଖିବାକୁ ମିଳୁଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ କହିଥିଲେ ଯେ ଗତ ୧୮ ମାସର ବିଜେପି ଶାସନରେ ବିଫଳତା ତାଲିକା ଦିନକୁ ଦିନ ଲମ୍ବିଚାଲିଛି। ଫଳତଃ ରାଜ୍ୟବାସୀ ଆଜି ରାଜ୍ୟରେ ସରକାର ଚାଲିଛି ବୋଲି ବି ଅନୁଭବ କରିପାରୁନାହାନ୍ତି। ରାଜ୍ୟର ଆର୍ଥିକ ବିକାଶ କ୍ଷେତ୍ରରେ ଅପାର ସମ୍ଭାବନା ସୃଷ୍ଟି ହୋଇଥିଲେ ହେଁ ଏହି ସୁଯୋଗ ହାତଛଡ଼ା ହେବାକୁ ବସିଲାଣି। ବଡ଼ ବଡ଼ କମ୍ପାନୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି କୁହାଯାଉଛି। କିନ୍ତୁ ବାସ୍ତବରେ ଶିଳ୍ପ ପ୍ରତିଷ୍ଠା ହୋଇପାରୁନାହିଁ। ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଆବଶ୍ୟକ ବାତାବରଣ ତିଆରି କରିବାରେ ବିଫଳ ହୋଇଛନ୍ତି। ଏହି କାରଣରୁ ୨୦୨୨ରେ ଷ୍ଟାର୍ଟଅପ୍ ନିବେଶ କ୍ଷେତ୍ରରେ ରାଜ୍ୟ ସର୍ବଭାରତୀୟ ସ୍ତରରେ ଷଷ୍ଠରେ ଥିଲେ ହେଁ ୨୦୨୫ ବେଳକୁ ଏହା ୨୦କୁ ଖସିଆସିଛି ବୋଲି ଶ୍ରୀ ଘଡ଼ାଇ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସମୟରେ ଦୁବାଇକୁ ଆରମ୍ଭ ହୋଇଥିବା ସିଧାସଳଖ ବିମାନ ସେବା ଏବେ ବନ୍ଦ ହେବାକୁ ବସିଲାଣି। ଏହା ନିଶ୍ଚିତ ଭାବେ ରାଜ୍ୟର ବ୍ୟବସାୟକୁ ପ୍ରଭାବିତ କରିବ। ସେହିପରି ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଲଘୁ ଖଣିଜ ସମ୍ପଦ ଓ ଗୁରୁ ଖଣିଜ ସମ୍ପଦରେ ବ୍ୟାପକ ଲୁଟ୍ ଚାଲିଛି। ଏଇ ଦୁଇ କ୍ଷେତ୍ରରେ ମାଫିଆରାଜ ଚାଲିଛି। ନିକଟରେ କେନ୍ଦୁଝର ଜିଲ୍ଲାରେ ଦିନଦ୍ୱିପ୍ରହରେ ବ୍ୟାଙ୍କରୁ ଡକାୟତମାନେ କୋଟି କୋଟି ଟଙ୍କା ଲୁଟିନେଉଛନ୍ତି। ସବୁ କ୍ଷେତ୍ରରେ ବିଫଳତା ଓ ଅରାଜକତା ଦେଖିବାକୁ ମିଳୁଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହୋଇଛନ୍ତି। ତେଣୁ ରାଜ୍ୟ ସରକାର ନିଦରୁ ଉଠନ୍ତୁ ଆଉ ଶାସନ ବ୍ୟବସ୍ଥାରେ ସୁଧାର ଆଣନ୍ତୁ। ନଚେତ୍ ଏହା ପ୍ରତିବାଦରେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଘଡ଼ାଇ ଚେତାବନୀ ଦେଇଛନ୍ତି।

ବିଜେଡି ପିଏସିର ଷଷ୍ଠ ବୈଠକ

## ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଖୁବଶୀଘ୍ର ଖସଡ଼ା

**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ଆଜି ବିଜେଡିର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଷଷ୍ଠ ବିଜେଡି ରାଜନୈତିକ ବ୍ୟାପାର କମିଟି (ପିଏସି)ର ଗୁରୁତ୍ୱପୂର୍ଣ୍ଣ ବୈଠକ ନବୀନ ନିବାସରେ ଅନୁଷ୍ଠିତ ହୋଇଛି। ଏଥିରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସଭାପତିଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି। ବୈଠକରେ ଦଳର



ସଭାପତିଙ୍କ ରାଜନୈତିକ ପରାମର୍ଶଦାତା ଡ. ସଂତୃପ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପିଏସି ସଦସ୍ୟ ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ବିକ୍ରମ ଆରୁଖ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଓ ଡ. ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

ବୈଠକ ନେଇ ସଦସ୍ୟ ତଥା ଉପସଭାପତି ଶ୍ରୀ ଦାସବର୍ମା କହିଛନ୍ତି ଯେ ଓଡ଼ିଶାର ୭୦ ଭାଗ ଚାଷୀଙ୍କୁ ଯେଭଳି ଭାବେ ଡବଲ ଇଞ୍ଜିନ ସରକାର ପ୍ରତାରିତ କରିଛନ୍ତି, ସେ ସମ୍ପର୍କରେ ବ୍ୟାପକ ଚର୍ଚ୍ଚା ଓ ଆଲୋଚନା ହୋଇଛି। ବିଜେପି କ୍ଷମତାକୁ ଆସିଲେ, ଚାଷୀମାନଙ୍କ ସବୁ ଧାନ ସର୍ବନିମ୍ନ ସହାୟକ ମୂଲ୍ୟ ସହ ଇନପୁଟ୍ ସବ୍‌ସିଡି ସହ ମୋଟ ୩୧୦୦ ଟଙ୍କାରେ କିଣିବା ସକାଶେ ଗତ ସାଧାରଣ ନିର୍ବାଚନରେ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଗୋଟିଏ ବର୍ଷର ଖରିଫ୍ ସିଜନ୍ ପରେ ସରକାର କେବଳ ୧୫୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଧାନ କିଣିବେ ଓ ବାକି ଧାନ ଚାଷୀ ଖୋଲା ବଜାରରେ ବିକ୍ରି କରିବାକୁ ଘୋଷଣା କଲେ। ତେଣୁ ଚଳିତ ବର୍ଷ ସେମାନଙ୍କୁ ଟୋକନ ପାଇବାକୁ, ମଣ୍ଡିରେ ଧାନ ଉଠାଇବାକୁ, ଧାନର ପ୍ରାପ୍ୟ ପ୍ରଦାନ କରିବାକୁ ଆନ୍ଦୋଳନ କରିବାକୁ ପଡୁଛି। ଯୋଗାଣ, ସମବାୟ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଓ ବିଭିନ୍ନ ମନ୍ତ୍ରୀଙ୍କ ଭିନ୍ନ ଭିନ୍ନ ବକ୍ତବ୍ୟ ଓ ଚାଷୀମାନଙ୍କୁ ଅପମାନଜନକ ବକ୍ତବ୍ୟକୁ ବୈଠକରେ ନିନ୍ଦା କରାଯାଇଛି। ରାଜ୍ୟରେ ଚରମ ଆଇନ ଶୃଙ୍ଖଳା ପରିସ୍ଥିତି, ସଂଖ୍ୟାଲଘୁ ଓ ଦଳିତମାନଙ୍କ ପ୍ରତି ଅତ୍ୟାଚାର, ପିୟୁସିସି ଯନ୍ତ୍ରଣା, ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ସ୍କାମ୍ ନେଇ ବୈଠକରେ ଆଲୋଚନା କରାଯାଇଛି।

## କାଂକ୍ରେଜ୍ ଷଣ୍ଢ: ରାଜକୀୟ ଠାଣିରେ ଦର୍ଶକ ଫିଦା



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ଏଠାରେ ଚାଲିଥିବା ମତ୍ସ୍ୟ ଓ ପଶୁ ସମ୍ପଦ ସମାବେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି କାଂକ୍ରେଜ୍ ଷଣ୍ଢ। ବିଶେଷ ଲାୟର୍ ଆକୃତିର ଶିଙ୍ଗସମ୍ପନ୍ନ ଏହି ଷଣ୍ଢର ଶରୀର ବେଶ୍ ଦୃଢ଼ ଓ ସନ୍ତୁଳିତ। ମୁଖମଣ୍ଡଳ ଶାନ୍ତ ରହିଥିଲେ ହେଁ ଏହାର ଚାହାଣୀ ନିଆରା ଅନ୍ଦାଜ୍, ସମାବେଶ ବୁଲିବାକୁ ଆସୁଥିବା ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଏହାର ରାଜକୀୟ ଠାଣିରେ ଦର୍ଶକମାନେ ଏକରକମ ଫିଦା ହୋଇଯାଉଛନ୍ତି। ସାରା ବିଶ୍ୱରେ ପରିଚିତ ଏହି ଷଣ୍ଢକୁ ଦେଖିବା ପାଇଁ ଜନତା ମୈଦାନରେ ଅଭୂତପୂର୍ବ ଭିଡ଼ ହେଉଛି। ପ୍ରତିକୂଳ ପରିବେଶ ସହ ଖାପ ଖୁଆଇବାର କ୍ଷମତା ରଖୁଥିବା ଏହି ପ୍ରଜାତି ଉଚ୍ଚ ପ୍ରଜନନ କ୍ଷମତା, ରୋଗ ପ୍ରତିରୋଧକ ଶକ୍ତି ଓ ଦୀର୍ଘ କାର୍ଯ୍ୟଜୀବନ ପାଇଁ ଗୋପାଳକ ଓ ପ୍ରାଣିପାଳକଙ୍କ ମଧ୍ୟରେ ବିଶେଷ ଲୋକପ୍ରିୟତା ଅର୍ଜନ କରିଛି। ଭାରତର ସବୁଠାରୁ ଓଜନଦାର ପ୍ରଜାତିର ଗୋରୁ ଭାବେ ଏହାର ଏକ ଅନନ୍ୟ ପରିଚୟ ରହିଛି। ଏହି ଷଣ୍ଢର ବୟସ ଏବେ ୫ ବର୍ଷ, ଓଜନ ୭ କୁଇଣ୍ଟାଲ ଏବଂ ଉଚ୍ଚତା ୫ ଫୁଟ ୬ ଇଞ୍ଚ। ଏହି ଷଣ୍ଢ ଦୈନିକ ସବୁଜ ଘାସ, ମୁଗ, ପିଡ଼ିଆ, ଗହମ ଚୁନା, ଗୋ-ଖାଦ୍ୟ, ଚଣା, ଚାଉଳ, ଭୁଷି ଆଦି ଖାଦ୍ୟ ଗ୍ରହଣ କରୁଛି। ଖାଦ୍ୟ ବାବଦରେ ଏହି ଷଣ୍ଢ ପିଛା ମାସିକ ପ୍ରାୟ ୪୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଗୁଜରାଟର କାଂକ୍ରେଜ୍ ଅଞ୍ଚଳରେ ଏହି ପ୍ରଜାତି ଗୋରୁ ଦେଖାଯାଉଥିବାରୁ ଏହାର ଏପରି ନାମକରଣ ହୋଇଛି।

ଆକ୍ସନ ମୋଡ୍‌ରେ ଜିଲ୍ଲା ଶିକ୍ଷାଧିକାରୀ

## ୭୨ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ

**ପୁରୀ,୨୨।୧(ସଂଚାର ବ୍ୟୁରୋ):** ଆକ୍ସନ ମୋଡରେ ଜିଲ୍ଲା ଶିକ୍ଷାଧିକାରୀ। ପୁରୀ ଜିଲ୍ଲାର ୭୨ ଜଣ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଏକ ମାସର ଦରମା ବନ୍ଦ କରିବାକୁ ଚିଠି ଜରିଆରେ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ସମୟରେ ବଜ୍ରପାତ ହେଲେ ସେଥିରୁ କିଭଳି ସୁରକ୍ଷିତ ରହିପାରିବେ ଏବଂ ସାପ କାମୁଡିଲେ ତୁରନ୍ତ କିଭଳି ପ୍ରାଥମିକ ଚିକିତ୍ସା ହୋଇପାରିବ ସେନେଇ ଜିଲ୍ଲାର ସମସ୍ତ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ବଜ୍ରପାତ ନେଇ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ୨ ହଜାର ଟଙ୍କା ଲେଖାଏଁ ଏବଂ ସାପକାମୁଡ଼ା ନେଇ ସଚେତନତା ସକାଶେ ଜିଲ୍ଲାର ସମସ୍ତ ସ୍କୁଲକୁ ୨ ହଜାର ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ତେବେ ଏହି ସଚେତନତା କାର୍ଯ୍ୟକ୍ରମ ସଂକ୍ରାନ୍ତ ଖର୍ଚ୍ଚର ହିସାବ ଦେଇ ନ ପାରିବାରୁ ୭୨ ଜଣ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀଙ୍କ ଏକ ମାସର ଦରମା ବନ୍ଦ ପାଇଁ ଚିଠି ହୋଇଛି।

# ଆଦର୍ଶ ବିଦ୍ୟାଳୟରେ ପଦବୀ ପୂରଣ କେବେ?

**ଭୁବନେଶ୍ୱର,୨୨।୧:** ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନରେ ଦୁଇ ହଜାରରୁ ଅଧିକ ଶିକ୍ଷକ ଶିକ୍ଷୟତ୍ରୀ ପଦବୀ ଖାଲି ପଡିଛି। ଶିକ୍ଷକ ପଦବୀ ସହିତ ଏହିସବୁ ବିଦ୍ୟାଳୟରେ ଅଧକ୍ଷ ଏବଂ ଉପାଧକ୍ଷ ପଦବୀରେ ବି ଗୁରୁତର ସ୍ଥିତି। ମିଳିଥିବା ସୂଚନାନୁଯାୟୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଅଧିରେ ରାଜ୍ୟର ୩୦ଟି ଜିଲ୍ଲାରେ ୩୧୫ଟି ଆଦର୍ଶ ବିଦ୍ୟାଳୟ ରହିଛି। ଏଥି ମଧ୍ୟରେ ୩୧୪ଟି ବ୍ଲକରେ ଗୋଟିଏ କରି ବିଦ୍ୟାଳୟ ଥିବାବେଳେ ରାଜଧାନୀରେ ସ୍ୱତନ୍ତ୍ର ଆଇକନିକ୍ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଏହିସବୁ ବିଦ୍ୟାଳୟ ପାଇଁ ୭ ହଜାର ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ଏଥିରୁ ପାଖପାଖି ଅଢେଇ ହଜାର ପଦବୀ ଖାଲି ପଡ଼ିଛି। ଏହି ସୂଚନା ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ଜଣେ କରି ଅଧକ୍ଷ ପଦବୀ ଥିବାବେଳେ ଏଥିରୁ ମାତ୍ର ୫୪ଟି ବିଦ୍ୟାଳୟରେ ଅଧକ୍ଷ ପଦବୀ ପୂରଣ ହୋଇ ପାରିଛି। ସେହିଭଳି ୩୧୫ଟି ଉପାଧକ୍ଷ ପଦବୀ ମଧ୍ୟରୁ ୧୩୦ଟି ପୂରଣ ହୋଇଛି। ଉଭୟ ଅଧକ୍ଷ ଓ ଉପାଧକ୍ଷ ପଦବୀ ପାଇଁ ୩୧୫ଟି କରି ମୋଟ୍ ୬୩୦ ପଦବୀ ଥିବାବେଳେ ଏଥିରୁ ୪୪୬ ଟି ପଦବୀ ଖାଲି ପଡିଛି।

ଅନ୍ୟ ଶିକ୍ଷକ ପଦବୀ ମଧ୍ୟରେ ୨୦୦୯ଟି ପିଜିଟି ଶିକ୍ଷକ ପଦବୀ ମଧ୍ୟରୁ ୮୮୩ଟି ଖାଲି ପଡିଥିବା ବେଳେ ୩୧୪୦ଟି ଟିଜିଟି ଶିକ୍ଷକ ପଦବୀ ମଧ୍ୟରୁ ୬୫୫ଟି ଖାଲି ରହିଛି। ଅନ୍ୟ ଶିକ୍ଷକ ସ୍ତରରେ ୧୨୫୭ଟି ପଦବୀ ଥିବା ବେଳେ ଏଥିରୁ ୪୮୩ଟି ପଦବୀ ଖାଲି ପଡ଼ିଥିବା ଜଣାଯାଇଛି। ଆଦର୍ଶ ବିଦ୍ୟାଳୟଗୁଡିକରେ ଇଂରାଜୀ ମାଧ୍ୟମ ଢାଞ୍ଚାରେ ପାଠପଢା ସହିତ ଏଠାରେ ହଷ୍ଟେଲ ସୁବିଧା ଥିବାରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏହି ସରକାରୀ ବିଦ୍ୟାଳୟରେ ପଢାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ହେଲେ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡିବା ଏବେ ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି।

ସମସ୍ତ ଉପାଧକ୍ଷ ପଦବୀଗୁଡିକରେ ନିଯୁକ୍ତି ପଦୋନ୍ନତିଭିତ୍ତିକ ହୋଇଥିବା ବେଳେ ଟିଜିଟି ପଦବୀଗୁଡ଼ିକରେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରାଯାଉଛି। ଅଧକ୍ଷ ଓ ପିଜିଟି ଶିକ୍ଷକ ପଦବୀଗୁଡିକ ଉଭୟ ପଦୋନ୍ନତି ଓ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହୋଇଥାଏ। ଆବଶ୍ୟକତା ଅନୁଯାୟୀ, ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଥିବା ବାରମ୍ବାର କହୁଥିବା ବେଳେ ଏହା କେବେ ପୂରଣ କରାଯିବ, ତାହାକୁ ଏବେ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଚାହିଁ ବସିଛନ୍ତି। (ତଥ୍ୟ)

## ୧୦ ଜିଲ୍ଲା ପରିଷଦ ସଭାପତିଙ୍କ ସହ ନବୀନଙ୍କ ଆଲୋଚନା



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ୧୦ ଜିଲ୍ଲା ପରିଷଦ ସଭାପତିଙ୍କ ସହ ସେମାନଙ୍କ ଜିଲ୍ଲାର ବିକାଶ କାମ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବିଷୟରେ ଆଲୋଚନା କରିଛନ୍ତି। ଆଲୋଚନାରେ ଭାଗନେଇ ଜିଲ୍ଲା ପରିଷଦ ସଭାପତିମାନେ ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତାକୁ ରାଜ୍ୟ ସରକାର ହଡ଼ପ କରିଥିବାରୁ ତୃଣମୂଳ ସ୍ତରରେ ସୃଷ୍ଟି ହେଉଥିବା ଅସନ୍ତୋଷ ନେଇ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ପଞ୍ଚାୟତି ରାଜ ବ୍ୟବସ୍ଥା କୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିବା ସହ ଏଦିଗରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନାରାୟଣ ପ୍ରଧାନ, କିଶୋର ଚନ୍ଦ୍ର ମିଶ୍ର, ଦେବକୀ ସାହୁ, ମାନିନୀ ଭୋଇ, ସମାରି ଟାଙ୍ଗୁଲୁ, ବବିତା ପ୍ରଧାନ, ଅଞ୍ଜଳି ସ୍ୱାଇଁ, ମନୋରଞ୍ଜନ ଭୋଇ, ଦେବାଶିଷ ପଟ୍ଟନାୟକ ଓ ମୋତିରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଟଙ୍କାର ମୂଲ୍ୟ କମୁଛି, ବଢୁଛି ସୁନା ଦର



ଭାରତରେ ସୁନାର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଜାନୁଆରୀ ୨୨, ୨୦୨୬ ହିସାବରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ଦିଲ୍ଲୀ, ମୁମ୍ବାଇ ଓ ଚେନ୍ନାଇ ଆଦି ସହରରେ ୧୦ ଗ୍ରାମକୁ ୧ଲକ୍ଷ ୫୪ହଜାର ୯୫୦ ଟଙ୍କାରୁ ୧ଲକ୍ଷ ୫୬ ହଜାର ୬୧୦ଟଙ୍କାରେ ପହଞ୍ଚିଛି। ପ୍ରଥମ ଥର ପାଇଁ ସୁନା ଦର ଦେଢ ଲକ୍ଷ ଟଙ୍କା ଛୁଇଁବା ପରେ ଏହା ଆହୁରି ୧୦ ପ୍ରତିଶତ ବା ୧୪ହଜାର ଟଙ୍କା ବୃଦ୍ଧି ପାଇଛି। ସୁନା ଦରରେ ଏହି ବୃଦ୍ଧି ନିବେଶକଙ୍କୁ ଆକର୍ଷିତ କରୁଥିବା ବେଳେ ସାଧାରଣ ଜନତା, ବିଶେଷକରି ବିବାହ ଓ ଉତ୍ସବ ପାଇଁ ଚିନ୍ତା ସୃଷ୍ଟି କରୁଛି। ଏହାର ମୁଖ୍ୟ କାରଣଗୁଡ଼ିକୁ ବିଶ୍ଳେଷଣ କରିବା ଦରକାର।

ପ୍ରଥମ ଓ ପ୍ରମୁଖ କାରଣ ହେଉଛି ଭାରତୀୟ ଟଙ୍କା କ୍ରମାଗତ ଦୁର୍ବଳତା। ୨୦୨୫ରେ ଟଙ୍କାର ମୂଲ୍ୟ ଡଲାର ବିପରୀତ ରେକର୍ଡ ହ୍ରାସ ପାଇ ୯୧ ଟଙ୍କା ଛୁଇଁଛି। ଭାରତ ୯୦ ପ୍ରତିଶତ ସୁନା ଆମଦାନୀ କରେ, ତେଣୁ ଟଙ୍କାର ମୂଲ୍ୟ ହ୍ରାସ ଆମଦାନୀ ମୂଲ୍ୟକୁ ସିଧାସଳଖ ବଢ଼ାଇଛି। ଏହା ଦେଶୀୟ ବଜାରରେ ମୂଲ୍ୟ ବୃଦ୍ଧିର ମୁଖ୍ୟ ଚାଳକ ଶକ୍ତି।

ଦ୍ୱିତୀୟତଃ, ସାଂସ୍କୃତିକ ଓ ପାରମ୍ପରିକ ମାଗଣାର ପ୍ରଭାବ ଅତ୍ୟଧିକ। ବିବାହ ଋତୁ, ଦୀପାବଳି, ଅକ୍ଷୟ ତୃତୀୟା ଓ ଅନ୍ୟ ଉତ୍ସବରେ ସୁନା କ୍ରୟ ଅନିବାର୍ଯ୍ୟ। ଉଚ୍ଚ ମୂଲ୍ୟ ସତ୍ତ୍ୱେ ଜୁଏଲରି ମାଗଣା ମଜବୁତ୍ ରହିଛି। ସୁନା ପ୍ରତି ଭାରତୀୟଙ୍କ ଆକର୍ଷଣ କେବଳ ନିବେଶ ନୁହେଁ, ସାଂସ୍କୃତିକ ପରମ୍ପରା। ବିଶ୍ୱ ସୁନା ପରିଷଦ ଅନୁଯାୟୀ, ଭାରତର ଜୁଏଲରି ଦର ଏହି ଋତୁରେ ବଢ଼ିବ। ତୃତୀୟତଃ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ସୁନା କ୍ରୟ ନୀତି ଯଦିଓ ୨୦୨୫ରେ କ୍ରୟ ୪ ଟନକୁ ହ୍ରାସ ପାଇଛି (ଯାହାକୁ ୮ ବର୍ଷର ସର୍ବନିମ୍ନ), ପୂର୍ବ ବର୍ଷଗୁଡ଼ିକରେ ହୋଇଥିବା ବୃହତ୍ କ୍ରୟ ରିଜର୍ଭ ବଢ଼ାଇଛି ଓ ବଜାର ସେଣ୍ଟିମେଣ୍ଟକୁ ପ୍ରଭାବିତ କରିଛି। ବିଶ୍ୱ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ସୁନା କ୍ରୟ ଟ୍ରେଣ୍ଡ ଆରବିଆଇକୁ ପ୍ରଭାବିତ କରୁଛି।

ଚତୁର୍ଥତଃ, ନିବେଶ ଦରରେ ଅଭିବୃଦ୍ଧି । ଗୋଲ୍ଡ ଇଟିଏଫ୍, ଡିଜିଟାଲ୍ ଗୋଲ୍ଡ ଓ ସୁଭରିନ ଗୋଲ୍ଡ ବଣ୍ଡ (ଏସ୍‌ଜିବି) ଆଦି ବେଶ ଜନପ୍ରିୟ। ୨୦୨୬ ଆରମ୍ଭରେ ଇଟିଏଫ୍‌ରେ ୪୩ ହଜାର କୋଟି ଟଙ୍କା ଇନଫ୍ଲୋ ହୋଇଛି। ନିମ୍ନ ସୁଧ ହାର, ମୁଦ୍ରାସ୍ଫୀତି ଓ ଷ୍ଟକ୍ ମାର୍କେଟ୍ ଅନିଶ୍ଚୟତା ଯୋଗୁଁ ନିବେଶକମାନେ ସୁନା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ପଞ୍ଚମତଃ, ଆନ୍ତର୍ଜାତୀୟ କାରଣଗୁଡ଼ିକର ପ୍ରଭାବ। ଭୂ-ରାଜନୈତିକ ଅସ୍ଥିରତା (ୟୁକ୍ରେନ-ରୁଷିଆ, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି), ଟ୍ରମ୍ପ ପ୍ରଶାସନର ଟାରିଫ ନୀତି, ଡଲାର ଦୁର୍ବଳତା ଓ କେନ୍ଦ୍ରୀୟ ବ୍ୟାଙ୍କ କ୍ରୟ ଆନ୍ତର୍ଜାତୀୟ ମୂଲ୍ୟ ବଢ଼ାଇଛି, ଯାହା ଭାରତୀୟ ବଜାରକୁ ପ୍ରଭାବିତ କରୁଛି।

ଏହି ବୃଦ୍ଧି ଭାରତୀୟ ଅର୍ଥନୀତି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ୨୦୨୬ରେ ସୁନାର ମୂଲ୍ୟ କମିବା ସମ୍ଭାବନା କ୍ଷୀଣ ବୋଲି ଆକଳନ କରାଯାଉଛି। କାରଣ କେନ୍ଦ୍ରୀୟ ବ୍ୟାଙ୍କ (ଚୀନ୍, ଭାରତ, ପୋଲାଣ୍ଡ) ସୁନା କ୍ରୟ ଜାରି ରଖିଛନ୍ତି। ଡି-ଡଲାରାଇଜେସନ୍ ଟ୍ରେଣ୍ଡ, ମୁଦ୍ରାସ୍ଫୀତି ହେଜ୍, ଅର୍ଥନୈତିକ ଅନିଶ୍ଚୟତା ଜାରି ରହିଛି। ବିଶ୍ୱ ସୁନା ପରିଷଦ ଓ ବ୍ୟାଙ୍କଗୁଡ଼ିକ ବୃହତ ମାଗଣା ଆଶା କରୁଛନ୍ତି। ତେବେ ସୁନାର ମୂଲ୍ୟ ହ୍ରାସ ପାଇବାର ସମ୍ଭାବନା ମଧ ଅଛି- ବିଶେଷକରି ସ୍ୱଳ୍ପମିୟାଦୀ (୫-୧୫%) କରେକ୍ସନ୍। କିନ୍ତୁ ବୃହତ୍ ହ୍ରାସ ସମ୍ଭାବ୍ୟ କମ; କାରଣ ଦୀର୍ଘମିୟାଦୀ ଟ୍ରେଣ୍ଡ ଉର୍ଦ୍ଧ୍ୱମୁଖୀ। ନିବେଶକମାନେ ବହୁମୁଖୀ ପୋର୍ଟଫୋଲିଓ ରଖିବା ଓ କରେକ୍ସନ୍ ସମୟରେ କିଣିବା ଉଚିତ୍। ସମୟ ଓ ବଜାର ନିରୀକ୍ଷଣ ଜରୁରୀ।

## ସେ କାଳ ମାଛ ଶୁଖୁଆ କାହିଁ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ସେ କାଳ ପଖାଳ ନାହିଁ ସେ କାଳ ପିଆଜ ନାହିଁ, ସେକାଳ ଶାଗ ନାହିଁ, ଆଉ ମାଟିହାଣ୍ଡି, କାଠପତ୍ର ଗୋବରଘଷି ଜଳା ଚୁଲି ନାହିଁ, ଗାଁର ଆମ୍ବ ତୋଟା ନାହିଁ, ଗାଁ ମାମଲତକାର ନାହାନ୍ତି, ସାହି ମୁରବୀ ନାହାଁନ୍ତି, ଗାଁ ପିଲାଙ୍କ ଚର୍ଚ୍ଚାର ନାନାବିଧ ଖେଳ ନାହିଁ, ଅ ଆରୁ ପାଠ ଆରମ୍ଭ ନାହିଁ, ପଣକିଆ ଘୋଷା ପାଠ ନାହିଁ, କାହାଘରେ ଢ଼ିଙ୍କି ନାହିଁ, ଚକି ଶିଳ ବେକାର କାମକୁ ନୁହେଁ ପାହିଲିରେ ଚାଉଳ ମାପନାହିଁ କେଉଗାଁରେ ଘଣା ନାହିଁ, ବଳଦ ନାହାଁନ୍ତି, ଶଗଡ଼ ରାସ୍ତାରେ ଯିବା କେହି ଦେଖୁନଥିବେ, ହଳ ବୁଲା ବଳଦ ବର୍ଜିତ, ନଡ଼ା ଛପର ଘର ଅଦୃଶ୍ୟ, ଯୁଆଡ଼େ ଚାହିଁ ଖାଲି କୋଠ ଘର, ଧାନ ଜମି ସବୁ ସଂକୁଚିତ, ଗାଧୁଆ ପୋଖରୀ ପୁରା ଅବହେଳିତ ଘାଟ ବିଲୁପ୍ତ, ମାଳ ମାଳ ନାହିଁରେ ହିଁ ଖାଲି ଇଂଲିଶ ମାଧମରେ ପିଲାଙ୍କୁ ପାଠପଢ଼ା, ପୁରାଣ ଭାଗବତ ପୂଜା ସ୍ଥଳରେ ବସ୍ତାନିରେ ବନ୍ଧାଯାଇ ପୂଜା ବେଳେ ଫୁଲ ଚଢୁଛି। ଆଉ ହାତରେ ମୋବାଇଲ ଫୋନ ଶୋଭାବନ୍ତ, ଦେଖିବା ଶୁଣିବା ଦୁଇଟି ଚାଲିଛି। କବାଟକିଳି ଦୁରାନ୍ତ ପ୍ରେମିକ ସହ ପ୍ରେମିକାଙ୍କ ଗୋପନ ଆଳାପ ଚାଲୁଛି। ପ୍ରଗତିର ଚକା ଆଗକୁ ଗଡ଼ୁଛି, ଅନେକ ଧୃତରାଷ୍ଟ୍ରଙ୍କୁ ଅନେକ ସଞ୍ଜୟ ଏକାଳରେ ସର୍ବ ବିବରଣୀ ଦେଇ ଚଳୁଛନ୍ତି। ଦୁର୍ଗ ଭିତରେ ରହୁଥିବା ରାଜା କେବେ ଦୁର୍ଗ ବାହାର ଖବର ନିଜେ ଦେଖିନଥାନ୍ତି। ଏପରିକି ପ୍ରତ୍ୟକ୍ଷ ଦେଖି ନଥାନ୍ତି। ରାଜଧାନୀରେ ଅୟସ କରୁଥିବା ବିଭାଗୀୟ ଅଧିକର୍ତ୍ତା କେମିତି ଜାଣିବେ ରାଜ୍ୟ ବା ଦେଶର ଗଳିକନ୍ଦିର ଲୋକଙ୍କ ଅସୁବିଧା, ସେହି ଚର ଚକ୍ଷୁରେ ଦେଖା ଖବରକୁ ବିଶ୍ୱାସ କରି ଯାହା ବ୍ୟବସ୍ଥା କରି ହେବ ତାହା ହିଁ ଯୋଜନା କରାଇଥାନ୍ତି ଫଳ ଉଦ୍ଦିଷ୍ଟ ବ୍ୟକ୍ତି ଗଣଙ୍କର ସଠିକ ହୋଇପାରେ ନାହିଁ, ରାଜକର୍ମଚାରୀ ତାଙ୍କ ପରିଚିତ ଆତ୍ମୀୟତା ସମ୍ପନ୍ନ ଲୋକଙ୍କୁ ସମ୍ମୁଖରେ ରଖି କିଛି ଯୋଜନା କଲେ ହୁଏତ ଏହା ସର୍ବଜନୀନ ଯୋଜନା ହୋଇନପାରେ ପର୍ବତର ମୂଷିକ ପ୍ରସବ କ୍ରିୟାକୁ ମହାପ୍ରଚାର କ୍ରିୟା ହୋଇଥାଏ।

ପୁରାଣ ଗ୍ରନ୍ଥରେ ପ୍ରମାଣ ଅଛି ଲୋକଙ୍କ କାର୍ଯ୍ୟ ରାଜପ୍ରଚାର ରାଜଗତି ଯାତ୍ରା ନିଘଣ୍ଟ ପ୍ରଚାର ଯଦି ଆଗରୁ କରି ଦିଆଯାଏ ତେବେ ପ୍ରକୃତ ହିତାଧିକାରୀ କେବେ ଉପକୃତ ହୋଇନପାରନ୍ତି। ଯେଉଁମାନେ ଅଭିଯୁକ୍ତ ଲୋକଙ୍କର ସେହିମାନେ ରାଜ ସଫେଇ ପାଇଁ ଭଲ ସୁଦୃଶ୍ୟ ତୋରଣ ଗେଟ କରି ରାଜସ୍ୱାଗତମ ପାମ୍ଫଲେଟ ଲଗାଇ ପଇସା ଦେଇ ଥୋପ ଦେଖାଇ, ଭଡାଟିଆ ଲୋକଙ୍କୁ ରାସ୍ତାକଡ଼ରେ ସ୍ୱାଗତମୁଦ୍ରାରେ ଠିଆ କରାଇ ରାଜାଙ୍କୁ ବୋଧକରାଇବେ ଯେ ଲୋକେ ଆପଣଙ୍କ କାର୍ଯ୍ୟରେ ସନ୍ତୋଷରେ ଅଛନ୍ତି ଲୋକେ କିଛି ଅସୁବିଧା ଭୋଗୁ ନାହାନ୍ତି, ଯଦି କେହି ବିଦ୍ରୋହକାରୀ ଏପରି କ୍ରିୟା ଜାଲ, ଭ୍ରାନ୍ତିପୂର୍ଣ୍ଣ ଅସତ୍ୟ ରାଜ ନଜରକୁ ଆଣିବା ସମ୍ଭବନା ତୋଷାମକାରୀ କପଟ ଆଚରଣକାରି କିଛି ସୁରାକ ପୂର୍ବରୁ ସୂଚନା ପାଅନ୍ତି, ତେବେ ସେଥିରେ ବି ଜାଲ ଛଦ୍ମ ବୁଦ୍ଧି ଲଗାଇ ଓଲଟ ସତ୍ୟ କୁଅସତ୍ୟ ରଟାଇ ତାଙ୍କୁ ଦୂରେଇ ରଖାଇବା ଫନ୍ଦା କରିପାରନ୍ତି, ଏ ପାଇଁ ବିଶ୍ୱାମିତ୍ର ତାଡ଼କା ଦମନ ପାଇଁ ରାଜା ଦଶରଥଙ୍କୁ ନନେଇ ଭାବିକାଳକୁ ରଜା ହେବା (ଯାହା ଏ ଯୁଗରେ ରାଜ ଯୁବନେତା) ରାମ ଲକ୍ଷ୍ମଣଙ୍କୁ ନେଇଯାଇଥିଲେ, ଏ ପାଇଁ ଯେଉଁ ପ୍ରୋଟକଲ ଦରକାର ତାହା ରାଜା ପ୍ରଶାସନ ଅଧିକାରୀଙ୍କ ତୁଳନାରେ କିଛି ନୁହେଁ, ଯୁବନେତାଙ୍କୁ କାର୍ଯ୍ୟ ବାରଣକାରୀ ବା ଆକ୍ରମଣକାରୀ ଯୁବ ନେତାଙ୍କ ରୋଷ ଶିକାର ହୋଇଥାନ୍ତି। ଯଦି ପ୍ରାଣସଙ୍କଟ କେହି ଉପୁଜାଏ, ତେବେ ଏନକାଉଣ୍ଟର ଯୁବନେତା କରିପାରନ୍ତି। ଯାହା ରାଜଦଣ୍ଡ ତାଙ୍କର ଜୀବନର ମୂଲ୍ୟ ପାଇଁ ଢ଼ିଲା ହୋଇଥାଏ। ସେୟା ବି ତାଡ଼କା ବଧ ପରେ ରାଜ କାନୁନ ଲାଗି ରାଜକୁମାର ଦ୍ୱୟ ମୁକ୍ତ ଓ ଋଷିଙ୍କ ଉଦ୍ଦେଶ୍ୟ ସିଦ୍ଧି ହୋଇଥିଲା। ସେ କାନୁନ ଅଛି ମାତ୍ର କିଛି ନୂଆ ରୂପ ଏବେ ଲାଗୁଛି। ପୂର୍ବର ବହୁ ଜିନିଷ ଏପରି ବହୁ ସଂସ୍କାରିତ, ଇସ୍ଲାମିକ ଶାସନର ବିଚାରପତି କାଜି, ଏବେ ଭିନ୍ନ ରୂପରେ, ପ୍ରାଚୀନ ଗ୍ରାମ ପଞ୍ଚାୟତ ପରମେଶ୍ୱର ମାନ୍ୟତା ବିଚାର ଶୈଳୀ ପଞ୍ଚାୟତ ପ୍ରଶାସନରେ ବଦଳିଛି। ଭିନ୍ନ ଭିନ୍ନ ଜାତି ସଭା ଏବେ ସମ୍ପୂର୍ଣ୍ଣ ବଦଳି ଛତିଶପାଟକ ଗୋଲ ହୋଇ ଛତିଶ ସଭାରେ ଯେକେହିଙ୍କର ଆଚରଣର ପସନ୍ଦ ନା ପସନ୍ଦ ବିଚାର ହେଉଛି। ତଙ୍ଗଲର ପଶୁ ଏକତ୍ରିତ ବାସ କଲେ ବି ଗୋଷ୍ଠୀ ଭିନ୍ନ ଘାସ ଲତା ପତ୍ର ଭୁକ ଓ ତାଙ୍କ ମାଂସ ଭୁକପ୍ରାଣୀ କଦାପି ସମାନ ଆଚରଣ ଅଭୟ ବାସ କରି ନପାରନ୍ତି, ପକ୍ଷୀମାନେ ଯେଉଁ ଗୋଷ୍ଠୀର ଏଥିରେ ବି ଖାଦ୍ୟ ଖାଦକ ଅଛନ୍ତି ଏହି କାନୁନ କେବେ ଲଗାଯାଇ ସମତା ରକ୍ଷା କରାଯାଇନପାରେ, ଆଜି ଦେଖନ୍ତୁ ଅନେକ ଜୀବ ଜନ୍ତୁ ପକ୍ଷୀ ବିଲୋପ ଏମିତି ମାନବ ସମାଜରେ ବୃତ୍ତି ଅପହରଣ ହୋଇଗଲାଣି। ଖାଲି ଜନ୍ମ ଜାତି ରହିଛି ସିନା ବୃତ୍ତିଭିତ୍ତିକ ଜାତି କାହିଁ? ଏହି ଛତିଶ ନ୍ୟାୟ ଭାବେ ସ୍ୱାଧୀନତାପରେ କାୟା ବିସ୍ତାର କରିବା ସହ ସବୁ କୌଳିକ ବୃତ୍ତି ବିଲୁପ୍ତ କରିବା ସହ ଭଗବତ ଗୀତା ଶାସ୍ତ୍ର ବର୍ଣ୍ଣିତ ବର୍ଣ୍ଣ ଶଙ୍କର ସମୟରେ ପ୍ରବେଶ କରିସାରିଲେଣି। ପଛକୁ କେହି ଆଉ ଫେରି ପାଇବେ ନାହିଁ। ଏପରି ସମୟ ଆସୁଛି ବଡ଼ ଭୂମି ଖଣ୍ଡ ବାରମ୍ବାର ଟୁକୁଡ଼ା ହୋଇ ହାତ ବଦଳ ହୋଇ ହୋଇ ଚାଲିବ। ଏକଦେଶ ଉପରେ ଅନ୍ୟ ଦେଶ ଶାସନ ଜାହିର ରଖିବ। ଲୋକେ ଖାଲି ଅର୍ଥ ସର୍ବସ୍ୱ ହୋଇ ଚାଲିବେ, ରହିବା ବାସ କରିବା ଚିନ୍ତାରେ ରହିବେ ଚାଷ କଥା ପାଶୋରିବେ।


**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍:୯୪୩୭୦୩୧୨୫୩**


# ସାପ ମରିବ, କିନ୍ତୁ ବାଡ଼ି ଭାଙ୍ଗିବନି

**ସୁବାସ ଷଡଙ୍ଗୀ**



ଆମେ ଯେଉଁମାନେ ସମାଜର ମଙ୍ଗଳ ଚାହୁଁ, ସେମାନେ ସମସ୍ତେ ଭୁଲ ତ୍ରୁଟି ସମ୍ପର୍କରେ ଆଲୋଚନା ସମାଲୋଚନା କରୁ, ଯେଉଁଥିରୁ ସରକାର ସେମାନଙ୍କ ଭୁଲକୁ ବୁଝିପାରିବେ ଓ ସେଇ ଅନୁସାରେ ସଂଶୋଧନ କରିପାରିବେ। ଏମିତି ଭାବରେ ଅନେକ ସମସ୍ୟାର ସମାଧାନ ଦରକାର। ମଣିଷର ଜୀବନ ଧାରଣା ମାନ କିପରି ବଢ଼ିବ ଏବଂ ଆମ ସରକାର କିପରି ଭାବରେ ସଭିଙ୍କୁ ନ୍ୟାୟ ପ୍ରଦାନ କରିପାରିବେ, ସେ ନେଇ ପାଟି ଖୋଲିବା ହେଉଛି ବୁଦ୍ଧିଜୀବିଙ୍କ କାମ। କିନ୍ତୁ ବାସ୍ତବରେ ଦେଖାଯାଏ, ଅନେକ ନୀତି ବା ପ୍ରକଳ୍ପ ଯାହା ଏକ ସତ ଉଦ୍ଦେଶ୍ୟରେ ଆରମ୍ଭ ହୁଏ, ତାର ଫଳ ଶେଷ ବେଳକୁ ଦେଖାଯାଏ ଓଲଟା ହୋଇଯାଇଛି। ସମସ୍ୟାର ସମାଧାନ ହେବା ପରିବର୍ତ୍ତେ, ତାହା ଅଧିକ ସମସ୍ୟା ସୃଷ୍ଟି କରୁଛି।

ଏମିତି କାହିଁକି ହୁଏ? ଏହାର ମୂଳ କାରଣ ଭାବରେ କୁହାଯାଇପାରେ, ସବୁ ସରକାରୀ ଭଲ ନୀତି, ଖରାପ ହୋଇଯାଏ, ଆମର ଇନସେନଟିଭ ବ୍ୟବସ୍ଥାର ଭୁଲ ଯୋଗୁଁ। ଗୋଟାଏ କଥା ଆମେ ଶୁଣିବାକୁ ପାଉ। ତାହା ହେଲା 'କୋବ୍ରା ଏଫେକ୍ଟ'। ଯେଉଁଥିରେ ଗୋଟାଏ ସମସ୍ୟାର ସମାଧାନ କରିବାକୁ ଯାଇ ଏଭଳି ଇନସେନଟିଭ ହେଲା ଯେ ତାହା ସମସ୍ୟାକୁ ଅଧିକ ବଢ଼ାଇ ଦେଲା। ସିଷ୍ଟମ କୁ ମୋଡି ଦେବାର ବ୍ୟବସ୍ଥା ହୋଇଗଲା। ଏହାକୁ କୁହାଯାଏ 'କୋବ୍ରା ଏଫେକ୍ଟ'। ଏଠାରେ ଉଦ୍ଦେଶ୍ୟ ମହତ କିନ୍ତୁ ଆଚରଣ ବଦଳିଯିବାରୁ ଫଳାଫଳ ଓଲଟା। ଏ ସମ୍ପର୍କରେ ଦୁଇଟି ଉଦାହରଣ ଦିଆଯାଇପାରେ।

ବ୍ରିଟିଶ ଶାସନ ସମୟରେ ଦିଲ୍ଲିରେ କୋବ୍ରା ସଂକଟ ଓ ହାନୋୱ ରେ 'ମୂଷା ବିପର୍ଯ୍ୟୟ'। ଏ ଦୁଇଟିକୁ ଠିକ ଭାବରେ ବୁଝିପାରିଲେ, ସମସ୍ୟାର ସମାଧାନ ହୁଏତ ସହଜ ହୋଇପାରେ।

ଇଂରେଜ ସରକାରଙ୍କ ସମୟରେ ଦିଲ୍ଲି ସହରରେ ହଠାତ ସାପମାନଙ୍କ ଉତ୍ପାତ ବଢ଼ିଯିବାକୁ ଲାଗିଲା। ସରକାରଙ୍କ ପକ୍ଷରୁ ସାପଙ୍କ ଦୌରାତ୍ମ୍ୟ କମ କରିବାକୁ ଯୋଜନା କରାଗଲା। ସରକାର ସାପ ମାରିଲେ ପୁରସ୍କାର ଦେବା କଥା ଘୋଷଣା କଲେ। କାରଣ ସରକାରଙ୍କ ପକ୍ଷରୁ ଏତେ ସଂଖ୍ୟକ ସାପ ମାରିବା ଏତେ ସହଜ ନଥିଲା। କିନ୍ତୁ ପୁରସ୍କାର କଥା ଘୋଷଣା ହେବା ପରେ ପରେ ଗୋଟାଏ ନୂଆ କଥା ଦେଖିବାକୁ ମିଳିଲା। ଲୋକମାନେ ସାପ ମାରିବା ପରିବର୍ତ୍ତେ, ସାପ ପୋଷିବାକୁ ଲାଗିଲେ। କାରଣ, ଏହା ଅଧିକ ଲାଭ ଜନକ। ସେମାନେ ସାପ ଚାଷ କଲେ ଓ ନିଜ ସୁବିଧା ଅନୁସାରେ ସେଗୁଡ଼ିକୁ ମାରି ଅଧିକ ରୋଜଗାର କଲେ। ଅଧିକ ଟଙ୍କା ଖର୍ଚ୍ଚ ହେଲା ସିନା କିନ୍ତୁ ସାପ ସମସ୍ୟାରୁ ମୁକ୍ତି ମିଳିଲା ନାହିଁ, ଏହା ବୁଝି ପାରିବା ପରେ ସରକାର ଏହି ଯୋଜନାକୁ ବନ୍ଦ କରିବାକୁ ବାଧ ହେଲେ। କାରଣ ଯେଉଁମାନେ ସାପ ଚାଷ କଲେ, ସେମାନେ ରାସ୍ତା ଉପରକୁ ସାପ ଗୁଡାକ ଛାଡିଦେଲେ। ସରକାର ଦେଖିଲେ ପୂର୍ବରୁ ଯେତିକି ସାପ ରାସ୍ତା ଉପରେ ବୁଲୁଥିଲେ, ଯୋଜନା ଆରମ୍ଭ ହେବା ପରେ ଅଧିକ ବୁଲୁଛନ୍ତି। ଏଣୁ ସରକାରଙ୍କ ଏଭଳି ତୃଟିପୂର୍ଣ୍ଣ ନୀତିକୁ କୁହାଗଲା 'କୋବ୍ରା ଏଫେକ୍ଟ'।

ସେଇପରି ଫରାଶୀ ଶାସିତ ହାନୱେରେ ହଠାତ ମୂଷାଙ୍କ ପ୍ରାଦୁର୍ଭାବ ବଢ଼ିଗଲା। ସରକାର ବିବ୍ରତ ହୋଇ ପଡ଼ିଲେ। କାରଣ ମୂଷା କାମୁଡିଲେ ପ୍ଲେଗ ରୋଗ ହେବାର ସମ୍ଭାବନା ଥିଲା। ଏଣୁ ମୂଷା ମାନଙ୍କୁ ମାରିବା ପାଇଁ ସରକାର ଘୋଷଣା କଲେ, ଯିଏ ମୂଷା ମାରି ତାର ଲାଂଜ ଅଫିସରେ ଡିପୋଜିଟ କରିବ, ତାକୁ ଉପଯୁକ୍ତ ଅର୍ଥ ଦିଆଯିବ। ଲୋକମାନେ ଭାରି ଚାଲାଖ। ସେମାନେ ମୂଷା ନ ମାରି ମୂଷାଙ୍କର ଲାଂଜ କାଟି ନେଲେ ଓ ତାହାକୁ ସରକାରୀ ଅଫିସ୍‌ରେ ଡିପୋଜିଟ କରି ଟଙ୍କା ନେଲେ। ସମୟକ୍ରମେ ପୁଣି ମୂଷାଙ୍କର ଲାଂଜ ବଢ଼ିଲା। ଲୋକମାନେ ପୁଣି ଥରେ ଲାଂଜ କାଟି ପଇସା ପାଇଲେ। ଏଇପରି ଭାବେ ସରକାରଙ୍କ ଅର୍ଥ ଖର୍ଚ୍ଚ ହେଲା ସିନା କିନ୍ତୁ ମୂଷା ନିପାତ ହେଲେ ନାହିଁ। ବରଂ ଏହା ଲୋକମାନଙ୍କର ଏକ ଲାଭ ଜନକ ବ୍ୟବସାୟରେ ପରିଣତ ହେଲା। ପ୍ରଶାସନ ବାଧ ହୋଇ ଏପରି ଯୋଜନାକୁ ବନ୍ଦ କରିଦେଲେ।



ଏ ଦୁଇଟି ଘଟଣା ଆମକୁ ଶିକ୍ଷାଦିଏ, ଯଦି ସମସ୍ୟାକୁ ଅର୍ଥ ଉପାର୍ଜନର ସୁଯୋଗରେ ପରିଣତ କରିଦିଆଯାଏ, ତେବେ ଲୋକମାନେ ଏହାର ସମାଧାନ ନ କରି ସମସ୍ୟାକୁ ଜୀଆଇ ରଖିବାକୁ ଚାହିଁବେ। ବିଶିଷ୍ଟ ଅର୍ଥନୀତିବିଦ ଚାର୍ଲସ ଗୁଡ ହାର୍ଟ ଏଇ ସମସ୍ୟାର ଏକ ତାତ୍ତ୍ୱିକ ଆଲୋଚନା କରିଛନ୍ତି। ଯେତେବେଳେ କୌଣସି ଏକ ପରିମାପକୁ ଲକ୍ଷ୍ୟ କରାଯାଏ, ସେତେବେଳେ ତାହା ଆଉ ଭଲ ପରିମାପ ହୋଇ ରହେ ନାହିଁ। ଅର୍ଥାତ ଯେତେବେଳେ କୌଣସି ସଂଖ୍ୟା ବା ମେଟ୍ରିକକୁ ସଫଳତାର ମାପକାଠି ହିସାବରେ ନିର୍ଦ୍ଧାରଣ କରାଯାଏ, ସେତେବେଳେ ମଣିଷ ପ୍ରକୃତି ସେଇ ସଂଖ୍ୟା ଅର୍ଜନ ଦିଗରେ ମନନିବେଶ କରେ, ଆଉ ତାର ଅସଲ ଉଦ୍ଦେଶ୍ୟକୁ ଭୁଲିଯାଏ। ସୋଭିଏତ ୟୁନିୟନରେ 'ପିରକ କଣ୍ଟା' କାରଖାନାର ଉଦାହରଣ ଦିଆଯାଇପାରେ। କାଠରେ ବାଡେଇବା ପାଇଁ ପିରକ କଣ୍ଟା ଦରକାର ହେବାରୁ ସୋଭିଏତ ସରକାର ଅଧିକ ପିରକ କଣ୍ଟା ତିଆରି କଲେ। ଏପରିକି ଲୋକେ ଏହି କଣ୍ଟା ତିଆରି କଲେ ସରକାର ତାହାକୁ କିଣି ନେବେ ବୋଲି ଘୋଷଣା କଲେ। ଯାହାଫଳରେ କାରଖାନରେ ଅଧିକ ଉତ୍ପାଦନ ପାଇଁ ଶ୍ରମିକମାନେ ହାଲକା ଏବଂ ଛୋଟ ପିରିକ କଣ୍ଟା ତିଆରି କରି ସରକାରଙ୍କୁ ବିକିଲେ। କିନ୍ତୁ ଏହା ମୂଳ କାମରେ ବ୍ୟବହୃତ ହୋଇପାରିଲା ନାହିଁ। ସରକାର ପୁଣି ନୀତି ବଦଳାଇ ଘୋଷଣା କଲେଯେ ଓଜନିଆ ଓ ବଡ କଣ୍ଟା କେବଳ କିଣିବେ। ଏହାପରେ ଶ୍ରମିକମାନେ ଓଜନିଆ ଓ ବଡ ବଡ କଣ୍ଟା ତିଆରି କଲେ। ବେଶୀ ବଡ ବଡ କଣ୍ଟା ହାଇ ଯିବାରୁ ତାହା ମଧ କୌଣସି କାମ ରେ ଲାଗିପାରିଲା ନାହିଁ। ଏ ଦୁଇଟିଯାକ କ୍ଷେତ୍ରରେ ଦେଖଯିବ ଲକ୍ଷ୍ୟ ପୂରଣ ହୋଇଛି ସତ କିନ୍ତୁ ଉଦ୍ଦେଶ୍ୟ ସାଧିତ ହୋଇପାରି ନାହିଁ।

ଉପରେ ଏତେ ସବୁ କଥା କହିବାର କାରଣ ହେଲା, ପରିବେଶକୁ ଅନୁକୂଳ ରଖିବା ପାଇଁ ସରକାରୀ ନିୟମ ଦରକାର। ଜଳବାୟୁ ପରିବର୍ତ୍ତନ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଜଙ୍ଗଲ କଟାଯାଇପାରିବ ନାହିଁ ଯଦି ନିହାତି ଜଙ୍ଗଲ କଟା ଦରକାର, ତେବେ ଅନ୍ୟ ଜାଗାରେ ସେତିକ ପରିମାଣର ଜଙ୍ଗଲ ସୃଷ୍ଟି ହେବ। ଏହାର ସୁଯୋଗ ନେଇଛନ୍ତି କର୍ପୋରେଟ ସଂସ୍ଥାଗୁଡିକ। ଘଞ୍ଚ ଜଙ୍ଗଲ କାଟି କିଛି ନୂଆଗଛ ଲଗାଇ ଦେଉଛନ୍ତି, କେବଳ କାଗଜପତ୍ରରେ ଜଙ୍ଗଲ ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ସେଇପରି ଶିକ୍ଷା। ପିଲାମାନେ କିପରି ସ୍କୁଲ କୁ ଆସିବେ, ସେଥିପାଇଁ ମଧାହ୍ନ ଭୋଜନ ବ୍ୟବସ୍ଥା କରାଗଲା। ଏବେ କେବଳ ଉପସ୍ଥାନ ଦେଖାଇ ମଧାହ୍ନ ଭୋଜନରୁ ଲୁଟ କରାଯଉଛି। ଏଠାରେ ପାଠ ପଢ଼ା ଆଉ ମୁଖ୍ୟ ବ୍ୟବସ୍ଥା ନୁହେଁ। ସରକାରୀ ଅର୍ଥ ଲୁଟ ମୁଖ୍ୟ। ଅଙ୍ଗନବାଡି କଥା ନ କହିବା ଭଲ। ଗାଁ ଗହଳର ସ୍କୁଲ ଗୁଡିକର କଥା ନକହିବା ଭଲ। ପିଲାଙ୍କ ପାଠ ନାହିଁ ନିକଟରେ କଟକ ସଦର ବିଧାୟକ ଏକ ସ୍କୁଲ ପରିଦର୍ଶନରେ ଯାଇ ଦେଖିଲେ, ଶିକ୍ଷକମାନେ ଗୁଲି ଗପ କରୁଛନ୍ତି, ଆଉ ପିଲା ବୁଲୁଛନ୍ତି। ଏହାକୁ ଆପଣ କଣ କହିବେ?

# ସରକାରୀ ରାଜସ୍ୱ ଆଦାୟ ପାଇଁ ପ୍ରଦୂଷଣ ସାର୍ଟିଫିକେଟ ଫନ୍ଦି



**ଯୁଧିଷ୍ଠିର ମହାରଣା**

ଲୋକମାନଙ୍କର ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଟେନସନ କ'ଣ ଜାଣିଛନ୍ତି, ଗାଡ଼ି କାଢୁଥିଲେ ଶହେଥର ଭାବିଚିନ୍ତି ଗାଡ଼ି କାଢ଼ନ୍ତୁ। କାରଣ କେତେବେଳେ କେଉଁ ପ୍ରକାରର ବି ଜୋରିମାନା ମୋବାଇଲ ମେସଜକୁ ଆସିପାରେ ଯଦିଓ କିଛି ଦିନ ତଳେ ମନ୍ତ୍ରୀଙ୍କ ଘୋଷଣାକ୍ରମେ ଏହା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଟଳି ଯାଇଛି ତେବେ ସବୁଠାରୁ ବଡ଼ କଥା ହେଉଛି ସରକାର ଯେଉଁପରି ଭାବେ ପ୍ରଦୂଷଣକୁ ନେଇ ଏକ ରକମର ଜୋର ଦମ୍ ଲଗାଇ ଦେଇଛନ୍ତି ସେହି ଭାବରେ ନିଜେ ଯେଉଁ ପ୍ରଦୂଷଣ କରୁଛନ୍ତି ତାହା ପାଇଁ ସାଧାରଣ ଜନତାଙ୍କୁ ଜୋରିମାନା ଦେଉଛନ୍ତି କି? ପ୍ରଦୂଷଣ ନିୟନ୍ତ୍ରଣ ବାହାନାରେ ସାଧାରଣ ଜନତାଙ୍କ ଉପରେ ବିଭିନ୍ନ ବାଟରେ ଜରିମାନା ସରକାର କଷୁଛନ୍ତି। କିନ୍ତୁ ଖୋଦ ସରକାରଙ୍କ ଦ୍ୱାରା ଯେଉଁ ପରିବେଶ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି ତାହା ପାଇଁ ପ୍ରତିକ୍ରିୟା ସୃଷ୍ଟି ହେଉଛି। ସହର ରାସ୍ତାରେ ବହଳ ବହଳ ଧୂଳି, ପରିବେଶକୁ ବିଗାଡ଼ି ଚାଲିଛି। ରାସ୍ତାରେ ଯେଉଁ ପ୍ରକାର ଆବର୍ଜନା ଗଦା ହେଉଛି ଓ ଧୂଳବି ମଧ ଉଠୁନି ଏହା ନିମିତ୍ତ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ଦୁର୍ଘଟଣା ଜନିତ ଜନଜୀବନ ହାନୀ ଘଟୁଛି। ପୌର ନିଗମ ପକ୍ଷରୁ ପ୍ରତିବର୍ଷ ପରିମଳ ବାବଦରେ ୬୦କୋଟିରୁ ଅଧିକ ଟଙ୍କା ବ୍ୟୟ ଦର୍ଶା ଯାଉଛି।

ବର୍ତ୍ତମାନ ସମୟର ବଡ଼ ଆତଙ୍କ କୁହାଯାଉଥିବା ପଲ୍ୟୁସନ ସାର୍ଟିଫିକେଟ କଥାଟିକେ ଆଲୋଚନା ରଖାଯାଉ। ନିଜ ନିଜ ଯାନବାହାନର ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଧାଉଁଥିବା ଲୋକେ ଏବେ ଗାଡ଼ିର ଚାଲାଣ ପଇଠ ପାଇଁ ନାକେଦମ ହେଉଛନ୍ତି। ବିଶେଷକରି ଯେଉଁମାନେ ଅଫଲାଇନରେ ଜୋରିମାନା ଅର୍ଥ ଦେବା ପାଇଁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ ବିଭାଗ କାଉଣ୍ଟରକୁ ଦଉଡୁଛନ୍ତି। ଯାନବାହାନର ଚାଲାଣ କାଟିବାର କ୍ଷମତା ଉଭୟ ପରିବହନ ବିଭାଗ ଓ ପୁଲିସ ବିଭାଗରେ ରହିଛି। ତେବେ ଯାନବାହାନର ଫିଟନେସ ଓ ପରିମିଟ ବାବଦୀୟ ଜୋରିମାନା କାଟିବା କେବଳ ପରିବହନ ବିଭାଗ ହାତରେ ଥିବାବେଳେ ଦ୍ରୁତ ଗାଡ଼ିଚାଳନା, ବିନା ହେଲମେଟ ଓ ସିଟବେଲ୍ଟରେ ଗାଡ଼ି ଚାଳନା ଆଦିର ଫାଇନ ଉଭୟ ପରିବହନ ଓ ପୁଲିସ ବିଭାଗ କାଟିପାରିବ। ସେହିଭଳି ରାଜପଥରେ ପରିବହନ ବିଭାଗ ଲଗାଇଥିବା କ୍ୟାମେରାରେ ଫାଇନ କାଟୁଥିବାବେଳେ ସହର ଭିତରେ ପୁଲିସ ବିଭାଗ ଲଗାଇଥିବା କ୍ୟାମେରାରେ ପୁଲିସ ବାବୁମାନେ ସ୍ମାର୍ଟ ଫାଇନ କାଟୁଛନ୍ତି।




ତେବେ ଅନୁଧାନରୁ ଜଣାଯାଇଛି ଯେ ଜୋରିମାନା କଟିଥିବା ଯାନବାହାନର ୨୫ ପ୍ରତିଶତଙ୍କ ମୋବାଇଲ ନମ୍ବର ସେମାନଙ୍କ ଯାନବାହାନ ନମ୍ବର ସହିତ ସଂଯୁକ୍ତ ନାହିଁ। ସେମାନେ ନିଜ ନିଜର ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ଗାଡ଼ିର ଜୋରିମାନା ପଇଠ ପାଇଁ କୁହାଯାଉଛି। ତେବେ ଏହି ଲୋକମାନେ ଅନଲାଇନରେ ଜୋରିମାନା ପଇଠ ସମ୍ଭବ ନ ହେବାରୁ ସେମାନେ ଅଫଲାଇନରେ ଦେବାକୁ ବାଧ ହେଉଛନ୍ତି। ତେବେ ଏହିଠାରୁ ସେମାନଙ୍କ ସମସ୍ୟା ଆରମ୍ଭ ହେଉଛି। ସେମାନଙ୍କ ଜୋରିମାନା ପରିବହନ ବିଭାଗ ଦ୍ୱାରା କଟାଯାଇଛି କି ପୁଲିସ ବିଭାଗ ଦ୍ୱାରା କଟାଯାଇଛି ସାଧାରଣ ଲୋକେ ତାହା ସହଜରେ ଜାଣିପାରୁ ନାହାନ୍ତି। ତେଣୁ ପରିବହନ ବିଭାଗ ନିକଟକୁ ଅଫଲାଇନରେ ଜୋରିମାନା ପଇଠ ପାଇଁ ଯିବା ବେଳକୁ ସେମାନେ ଲୋକମାନଙ୍କୁ ପୁଲିସ ନିକଟକୁ ପଠାଇ ଦେଉଛନ୍ତି। ପୁଲିସ ନିକଟକୁ ଗଲେ ପରିବହନ ବିଭାଗ ଦ୍ୱାରା କଟାଯାଇଥିବା ଚାଲାଣ ଆରଟିଓ ଅଫିସରେ ହିଁ ଦିଆଯିବ ବୋଲି କହି ବିଦା କରାଯାଉଛି। ଯଦି କଟାଯାଇଥିବା ଚାଲାଣକୁ ପ୍ରତ୍ୟେକ ସ୍ଥାନରେ ଗ୍ରହଣ କରାଯାଇ ପାରନ୍ତା ତେବେ ଲୋକେ ଏଭଳି ସମସ୍ୟାରେ ପଡ଼ନ୍ତେ ନାହିଁ। ସେହିଭଳି ପ୍ରଦୂଷଣ କେନ୍ଦ୍ରଗୁଡ଼ିକୁ ଯଦି ଅନଲାଇନରେ ଜୋରିମାନା ଗ୍ରହଣର କ୍ଷମତା ପ୍ରଦାନ କରାଯାଆନ୍ତା ତେବେ ଲୋକେ ଆରଟିଓ ଅଫିସରୁ ଟ୍ରାଫିକ ଥାନା ପର୍ଯ୍ୟନ୍ତ ଧାଁ ଦଉଡ଼ କରନ୍ତେ ନାହିଁ।

ପରିବହନ ବିଭାଗର ଅଧିକାରୀମାନେ ସବୁ ନିୟମକୁ ମୋଡ଼ି ମକଚି ଦେଇଛନ୍ତି। ପ୍ରଥମତଃ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆସେ। ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଗାଡ଼ିରେ ତେଲ ଦେବାକୁ ମନା କରିବାର କ୍ଷମତା ପରିବହନ ବିଭାଗର ନାହିଁ। କୌଣସି ମୋଟର ଯାନ ଆଇନରେ ମଧ ଏ ନିୟମ ନାହିଁ। ପରିବହନ ବିଭାଗର ଏହି ଅଜବ ନିୟମ ସମ୍ପର୍କରେ କିନ୍ତୁ ଯୋଗାଣ ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି।

ଦ୍ୱିତୀୟରେ ଏସଟିଏ କର୍ତ୍ତୃପକ୍ଷ ନିୟମ କରିଦେଲେ, ଗାଡ଼ିରେ ଗ୍ରୀନ ଷ୍ଟିକର ନଥିଲେ ପେଟ୍ରୋଲ ମିଳିବନି। ହେଲେ ଏହି ଗ୍ରୀନ ଷ୍ଟିକର କେମିତିକା ତାହା ପରିବହନ ବିଭାଗର ଅଧିକାରୀମାନେ ଏ ପର୍ଯ୍ୟନ୍ତ ଦେଖିନାହାନ୍ତି। କାରଣ ରାଜ୍ୟରେ ଗ୍ରୀନ ଷ୍ଟିକର ନାହିଁ। ପାଖରେ ଷ୍ଟିକର ନଥାଇ କିଭଳି ନିୟମ ହେଲା? ଏବେ ଷ୍ଟିକର କଥା ପଚାରିବାରୁ ପରିବହନ ମନ୍ତ୍ରୀ କହୁଛନ୍ତି, ରାଜ୍ୟ ସରକାର ଫେବୃଆରୀ ମାସରେ ଯୋଗାଇବେ। ହେଲେ ଲୋକଙ୍କୁ କେମିତି ଏହା ମିଳିବ, ସେ ନେଇ ଚୁପ। ଲୋକମାନେ ଏବେ ପ୍ରଦୂଷଣ ସାର୍ଟିଫିକେଟ କରିବାକୁ ସବୁ କାମଧନ୍ଦା ଛାଡ଼ି ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଉଛନ୍ତି। ଷ୍ଟିକର ପାଇଁ ଆଉଥରେ ଛିଡ଼ା ହେବେ?

ତୃତୀୟରେ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଯେଉଁ ଯନ୍ତ୍ର ଅଛି, ସେଥିରେ ଯେଉଁ ଗାଡ଼ି ଯାଞ୍ଚ ହେଉଛି ତାକୁ ପ୍ରମାଣପତ୍ର ମିଳୁଛି। ଅର୍ଥାତ୍ ଯାହାର କୌଣସି ଜରିମାନା ନାହିଁ, ଗାଡ଼ିର ପଞ୍ଜୀକରଣ ସାର୍ଟିଫିକେଟ ଓ ଫିଟନେସ ଅଛି ତାଙ୍କୁ ଆରାମରେ ପ୍ରଦୂଷଣ ସାର୍ଟିଫିକେଟ ମିଳିଯିବ। ପ୍ରଦୂଷଣ ସାର୍ଟିଫିକେଟ ଦେଉଥିବା ଏକ ସଂସ୍ଥାର କର୍ମଚାରୀଙ୍କ କହିବାନୁଯାୟୀ ଆମେ ଅନଲାଇନରେ ଗାଡ଼ିର ନମ୍ବର ପ୍ଲେଟ ଫେଟୋ ପକାଇଦେଲେ ସବୁ ତଥ୍ୟ ଆସିଯାଉଛି ଏବଂ ଜରିମାନା ନଥିଲେ, କାଗଜପତ୍ର ଠିକ ଥିଲେ ସାର୍ଟିଫିକେଟ ଇସ୍ୟୁ ହୋଇଯାଉଛି।

ଅନୁରୂପ ଭାବେ ରାଜପଥରେ ଯିବା ସମୟରେ ଯେଉଁମାନଙ୍କର ଯେଉଁ ଅଞ୍ଚଳରେ ଚାଲାଣ କଟିଛି ଅଫଲାଇନରେ ଚାଲାଣ ପଇଠ କରିବା ପାଇଁ ସମ୍ପୃକ୍ତ ଗାଡ଼ି ଚାଳକଙ୍କୁ ସେହିସବୁ ଇଲାକାରେ ଥିବା ଆରଟିଓ ଅଫିସକୁ ଯିବାକୁ ବଧ କରାଯାଉଛି। ଗାଡ଼ିରେ ତେଲ ପକାଇବା ପାଇଁ ସରକାର ପ୍ରଦୂଷଣ ସାର୍ଟିଫିକେଟକୁ ବାଧ୍ୟତାମୂଳକ କରିଥିବାବେଳେ ଏହି ସାର୍ଟିଫିକେ ପାଇବା ପାଇଁ ପୁରୁଣା ଜୋରିମାନା ପଇଠ କରିବାକୁ କୁହାଯାଉଛି। ଏହା ଫଳରେ ଏବେ ଲୋକେ କାମ ଦାମ ଛାଡ଼ି ଆରଟିଓ ଅଫିସ ଓ ଥାନା ଗୁଡ଼ିକୁ ଦଉଡିବାରେ ଲାଗିଛନ୍ତି। ଡିଜିଟାଲ ଯୁଗରେ ଅଫଲାଇନ ଜୋରିମାନା ପଇଠ ସୁବିଧା ସମସ୍ତ ଆରଟିଓ ଓ ଅନୁମତି ପ୍ରାପ୍ତ ଥାନା ଗୁଡ଼ିକରେ ଯୋଗାଇ ଦିଆଗଲେ କେବଳ ସାଧାରଣ ଲୋକେ ଉପକୃତ ହୁଅନ୍ତେ ନାହିଁ, ଧାର୍ଯ୍ୟ ସମୟରେ ରାଜକୋଷକୁ ଅଧିକ ଅର୍ଥ ଆସିପାରନ୍ତା ଓ ସରକାର ମଧ ସମାଲୋଚନାରୁ ରକ୍ଷା ପାଇପାରନ୍ତେ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**

୧୯୮୪ ଶିଖ ବିରୋଧୀ ହିଂସା ମାମଲା

# ସଜ୍ଜନ କୁମାର ନିର୍ଦ୍ଦୋଷରେ ଖଲାସ୍



ନୂଆଦିଲ୍ଲୀ ୨୨।୧: ୧୯୮୪ ଶିଖ ବିରୋଧୀ ହିଂସା ମାମଲାରେ ପୂର୍ବତନ କଂଗ୍ରେସ ନେତା ନିର୍ଦ୍ଦୋଷରେ ଖଲାସ୍ ହୋଇଛନ୍ତି। ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଜନକପୁରୀ ଓ ବିକାଶପୁରୀ ଅଞ୍ଚଳରେ ହୋଇଥିବା ହିଂସାକାଣ୍ଡ ସହ ଜଡିତ ଏକ ମାମଲାରେ ଦୋଷମୁକ୍ତ କରିଛନ୍ତି। ଏହି ମାମଲାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ଶୁଣାଣି ସମୟରେ, ସଜ୍ଜନ କୁମାର ନିଜର ପକ୍ଷ ରଖି କହିଥିଲେ ଯେ, ସେ ନିର୍ଦ୍ଦୋଷ ଓ କେବେ ହିଂସାରେ ଅଂଶଗ୍ରହଣ କରିନଥିଲେ। ଦୀର୍ଘ ଦିନ ପରେ, କୋର୍ଟ ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କ ଦୋଷମୁକ୍ତ ହେବା ବିଷୟରେ ସୂଚନା ପାଇ ସଜ୍ଜନ କୁମାର ହାତ ଯୋଡି କୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ସଜ୍ଜନ କୁମାରଙ୍କୁ ଏହି ମାମଲାରେ ଦୋଷମୁକ୍ତ କରାଯାଇଛି। ତେବେ ତାଙ୍କୁ ଜେଲ୍‌ରେ ରହିବାକୁ ପଡିବ। କାରଣ ତାଙ୍କୁ ପୂର୍ବରୁ ୧୯୮୪ ଦଙ୍ଗା ସହିତ ଜଡିତ ଅନ୍ୟ ଦୁଇଟି ମାମଲାରେ ଆଜୀବନ କାରାଦଣ୍ଡ ଦିଆଯାଇଛି।

ଫେବ୍ରୁଆରି ୨୦୧୫ରେ, ଜନକପୁରୀ ଏବଂ ବିକାଶପୁରୀ ଅଞ୍ଚଳରେ ୧୯୮୪ ମସିହାରେ ହୋଇଥିବା ହିଂସା ସହିତ ଜଡିତ ଅଭିଯୋଗ ଆଧାରରେ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ସଜ୍ଜନ କୁମାରଙ୍କ ବିରୋଧରେ ଦୁଇଟି ଏଫ୍‌ଆଇଆର୍ ଦାୟର କରିଥିଲା। ପ୍ରଥମ ଏଫ୍‌ଆଇଆର୍ ଜନକପୁରୀରେ ହୋଇଥିବା ହିଂସା ସହିତ ଜଡିତ ଥିଲା। ମାମଲାରେ ସୋହନ ସିଂହ ଓ ତାଙ୍କ ଜ୍ୱାଇଁ ଅବତାର ସିଂହଙ୍କୁ ୧ ନଭେମ୍ବର ୧୯୮୪ ରେ ହତ୍ୟା କରାଯାଇଥିଲା। ଦ୍ୱିତୀୟ ଏଫ୍‌ଆଇଆର୍ ବିକାଶପୁରୀ ଘଟଣା ସହିତ ଜଡିତ ଥିଲା। ଯେଉଁଥିରେ ୨ ନଭେମ୍ବର ୧୯୮୪ ରେ ଗୁରଚରଣ ସିଂହଙ୍କୁ ଜୀବନ୍ତ ଜାଳି ଦିଆଯାଇଥିଲା।

ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗରେ ନରମିଲା ଆମେରିକା

# ଟାରିଫ ଘୋଷଣାକୁ ବାତିଲ କଲେ ଟ୍ରମ୍ପ

## ଗ୍ରୀନଲ୍ୟାଣ୍ଡ ଅଧିଗ୍ରହଣ କରିବାକୁ ବ୍ୟାକୁଳ

## ଆପୋଷ ସମାଧାନ ସପକ୍ଷରେ ପୁଟିନ



ନୂଆଦିଲ୍ଲୀ,୨୨।୧: ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗରେ ନରମିଲା ଆମେରିକା। ପଛକୁ ଘୁଞ୍ଚିଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଗ୍ରୀନଲ୍ୟାଣ୍ଡର ନିୟନ୍ତ୍ରଣ କରିବାକୁ ବଳ ପ୍ରୟୋଗ କରିବେ ନାହିଁ ବୋଲି କହିଛନ୍ତି ଟ୍ରମ୍ପ। କିନ୍ତୁ ୱାଶିଂଟନକୁ ଆର୍କଟିକ ଦ୍ୱୀପର ମାଲିକାନା ଦେବା ପାଇଁ ତାଙ୍କର ଦାବିକୁ ପୁନରାବୃତ୍ତି କରିଛନ୍ତି।

ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମକୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ, ସେ ଗ୍ରୀନଲ୍ୟାଣ୍ଡର ଅଧିଗ୍ରହଣ ବିଷୟରେ ତୁରନ୍ତ ଆଲୋଚନା କରିବାକୁ ଚାହୁଁଛନ୍ତି। ଗ୍ରୀନଲ୍ୟାଣ୍ଡ ହେଉଛି ଆମେରିକାର ସହଯୋଗୀ ଦେଶ ଡେନମାର୍କର ଏକ ଅର୍ଦ୍ଧ-ସ୍ୱାୟତ୍ତ ଅଞ୍ଚଳ। ଆମେରିକା ଏବଂ ଡେନମାର୍କ ୩୨ଟି ଉତ୍ତର ଆମେରିକୀୟ ଏବଂ ୟୁରୋପୀୟ ଦେଶମାନଙ୍କ ମଧ୍ୟରେ ସାମିଲ ଅଛନ୍ତି ଯେଉଁମାନେ ସାମରିକ ମେଣ୍ଟ, ନାଟୋ ଗଠନ କରନ୍ତି। ଟ୍ରମ୍ପ ଡେନମାର୍କରୁ ଗ୍ରୀନଲ୍ୟାଣ୍ଡ ଅଧିଗ୍ରହଣ କରିବାର କଥା ବାରମ୍ବାର ଉଠାଇଛନ୍ତି। ରାଷ୍ଟ୍ରପତି ଭାବରେ ତାଙ୍କର ପ୍ରଥମ କାର୍ଯ୍ୟକାଳ ସମୟରେ ସେ ପ୍ରଥମେ ୨୦୧୯ରେ ଏହି ପ୍ରସଙ୍ଗରେ ମତ ଦେଇଥିଲେ। ଗ୍ରୀନଲ୍ୟାଣ୍ଡ ରୋକଠୋକ କହିଛି ଯେ, ସେ ଆମେରିକାର ଅଂଶ ହେବାକୁ ଚାହୁଁନାହିଁ, ଯାହା ପୂର୍ବରୁ ଏହି ଦ୍ୱୀପରେ ଏକ ସାମରିକ ଘାଟି ପରିଚାଳନା କରୁଛି। ଟ୍ରମ୍ପ ଆହୁରି କହିଛନ୍ତି ଯେ, ତାଙ୍କ ଦେଶ ଗ୍ରୀନଲ୍ୟାଣ୍ଡକୁ ଅଧିଗ୍ରହଣ କରିବା ପାଇଁ ଆଲୋଚନା କରିବାକୁ ଚେଷ୍ଟା କରିଛି, କାରଣ ଆମେରିକା ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ଏହାକୁ ସୁରକ୍ଷିତ ରଖିବା ସ୍ଥିତିରେ ନାହିଁ।

ସେପଟେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଯେ, ସେ ଏହି ପ୍ରସଙ୍ଗ ବିଷୟରେ ଚିନ୍ତିତ ନୁହଁନ୍ତି। ଗ୍ରୀନଲ୍ୟାଣ୍ଡରେ କ'ଣ ଘଟୁଛି ତାହା ଆମର କାମ ନୁହେଁ। ଜାତୀୟ ସୁରକ୍ଷା ପରିଷଦ ବୈଠକରେ ତାଙ୍କ ଟେଲିଭିଜନରେ ବକ୍ତବ୍ୟରେ ପୁଟିନ ଏହା କହିଥିଲେ। ରୁଷ ରାଷ୍ଟ୍ରପତି କହିଛନ୍ତି, ସେ ଭାବୁଛନ୍ତି ଯେ ସେମାନେ ଏହାକୁ ନିଜ ନିଜ ମଧ୍ୟରେ ସମାଧାନ କରିବେ।

# ଷ୍ଟିଲ ପ୍ଲାଣ୍ଟରେ ବିସ୍ଫୋରଣ, ୭ ଶ୍ରମିକ ମୃତ



ରାଞ୍ଚି, ୨୨।୧: ଛତିଶଗଡ଼ ବଲୋଦା ବଜାରରେ ଥିବା ଏକ ଷ୍ଟିଲ ପ୍ଲାଣ୍ଟରେ ଅଘଟଣ ଘଟିଛି। ପ୍ଲାଣ୍ଟର ଡିଏସି କୋଇଲା ଭାଟିରେ ହଠାତ୍ ବିସ୍ଫୋରଣ ହେବା ଯୋଗୁଁ ୭ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଛି। ବିସ୍ଫୋରଣରେ କିଛି ଶ୍ରମିକ ଆହତ ମଧ ହୋଇଛନ୍ତି। ବିସ୍ଫୋରଣ ସମୟରେ ଶ୍ରମିକ ଆଖପାଖ ଅଞ୍ଚଳରେ ସଫେଇ କାମ କରୁଥିଲେ। ଏହି ସମୟରେ ଗରମ କୋଇଲା ଯୋଗୁଁ ଜଳିଯାଇଥିଲେ।

ବିସ୍ଫୋରଣରେ ଅନେକ ଶ୍ରମିକ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ପାଇ ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲା। ବିସ୍ଫୋରଣ ଯୋଗୁଁ ଆକାଶରେ ଅନେକ ଉଚ୍ଚତା ଯାଏଁ ଧୂଆଁ ଉଠିଥିଲା। ଏହି ଅଘଟଣରେ ନିପାନିଆ ଥାନା ଏବଂ ଭାଟାପାରା ଗ୍ରାମୀଣ ପୁଲିସ ଯାଞ୍ଚ କରୁଛି। ବିସ୍ଫୋରଣ କେମିତି ହେଲା ତାହା ଏଯାଏଁ ଜଣାପଡିନାହିଁ। ପୁଲିସ ଘଟଣାସ୍ଥଳକୁ ଘେରାବନ୍ଦୀ କରି ରଖିଛି।

# ଚାଉଳ ବୋଝେଇ ଟ୍ରକକୁ ଧକ୍କା ଦେଲା ଟ୍ରେନ



ନୂଆଦିଲ୍ଲୀ,୨୨।୧: ଝାଡ଼ଖଣ୍ଡର ଜସିଡିହରେ ଏକ ଟ୍ରକକୁ ଧକ୍କା ଦେଇଛି ଟ୍ରେନ। ଏହି ଦୁର୍ଘଟଣାରେ ଟ୍ରକ୍ ଅନେକ ଗାଡ଼ିକୁ ଧକ୍କା ଦେଇଥିଲା। ଗୋଣ୍ଡା ଆସାନସୋଲ୍ ଏକ୍ସପ୍ରେସ୍ ଟ୍ରେନ୍ ଏକ ରେଳ କ୍ରସିଂରେ ଏକ ଟ୍ରକକୁ ଧକ୍କା ଦେଇଛି। ଧକ୍କା ଏତେ ଭୟଙ୍କର ଥିଲା ଯେ, ଟ୍ରେନ୍ ଇଞ୍ଜିନ୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ରେଳ ସେବା ବାଧାପ୍ରାପ୍ତ ହୋଇଥିଲା। ଜସିଡିହ ଏବଂ ମଧୁପୁର ମଧ୍ୟରେ ଏହି ଦୁର୍ଘଟଣା ହୋଇଛି। ସୂଚନା ଅନୁଯାୟୀ କ୍ରସିଂରେ ପ୍ରବଳ ଟ୍ରାଫିକ୍ ଯୋଗୁଁ ଟ୍ରେନ୍‌କୁ ସିଗନାଲ ଦିଆଯାଇ ନଥିଲା। ଏହା ସତ୍ତ୍ୱେ, ଟ୍ରେନ୍‌ଟି ଡାଉନ୍‌ଲାଇନ୍ ପାର ହୋଇ ରେଳ କ୍ରସିଂରେ ଟ୍ରକକୁ ଧକ୍କା ଦେଇଥିଲା। ଦୁଇଜଣ ମୋଟରସାଇକେଲ ଆରୋହୀ ମଧ ଧକ୍କାର ଶିକାର ହୋଇଥିଲେ, କିନ୍ତୁ ଟ୍ରେନର ଗତି ଧୀର ଥିବାରୁ ସେମାନଙ୍କ ଜୀବନ ରକ୍ଷା ପାଇଯାଇଥିଲା। ଘଟଣାସ୍ଥଳରେ ରିଲିଫ୍ କାର୍ଯ୍ୟ ଜାରି ରହିଛି।

# ମୁମ୍ବାଇକୁ ମିଳିବ ମହିଳା ମେୟର



ଲଟେରୀ ବ୍ୟବସ୍ଥାକୁ ବିରୋଧ କରି ବୈଠକରୁ ଉଠି ଆସିଲା ଉଦ୍ଧବ ସେନା

ମୁମ୍ବାଇ, ୨୨।୧: ମୁମ୍ବାଇ ମେୟର ପଦବୀକୁ ନେଇ ରାଜନୀତିକ ଯୁଦ୍ଧ ଚାଲିଥିବା ବେଳେ ଗୁରୁବାର ଲଟେରୀ ବ୍ୟବସ୍ଥାରେ ସହରର ଭାଗ୍ୟ ନିର୍ଦ୍ଧାରଣ କରାଯାଇଛି। ଲଟେରୀ ବ୍ୟବସ୍ଥା ଦ୍ୱାରା ମୁମ୍ବାଇ ମେୟର ପଦବୀ ଜଣେ ସାଧାରଣ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ବୋଲି ନିଷ୍ପତ୍ତି ହୋଇଛି। କିନ୍ତୁ ଏପରି ଲଟେରୀ ବ୍ୟବସ୍ଥା ଓ ଏହାର ରେଜଲ୍ଟକୁ ନାପସନ୍ଦ କରିଛି ଉଦ୍ଧବ ଠାକରେଙ୍କ ଶିବସେନା।

ମୁମ୍ବାଇର ମେୟର ଜଣେ ମହିଳା ହେଲେ ଏଥିରେ ଉଦ୍ଧବ ସେନାର କୌଣସି ଆପତ୍ତି ନାହିଁ। କିନ୍ତୁ ଜେନାରାଲ ବର୍ଗର ମହିଳା ହିଁ ମେୟର ହେବ ବୋଲି ଲଟେରୀ ଦ୍ୱାରା ନିଷ୍ପତ୍ତି ନିଆଯିବାକୁ ଦଳ ବିରୋଧ କରିଛି। ସଂରକ୍ଷଣ ବ୍ୟବସ୍ଥା ଅନୁସାରେ, ପୁଣେ, ଧୁଲେ, ବ୍ରିହାନ ମୁମ୍ବାଇ ମହାନଗର ନିଗମ(ବିଏମସି), ନାନ୍ଦେଦ, ନଭି ମୁମ୍ବାଇ, ମାଲେଗାଓଁ, ମୀରା ଭାୟାନ୍ଦର, ନାଶିକ ଓ ନାଗପୁର ମେୟର ମହିଳା ହିଁ ହେବେ। ଲାତୁର, ଜଲନା ଓ ଥାଣେ ଭଳି ୩ଟି ପୌର ପରିଷଦର ସର୍ବୋଚ୍ଚ ପଦ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇ ରହିଛି। ଲାତୁର ଓ ଜଲନାରେ ଅନୁସୂଚିତ ଜାତିର ମହିଳା ହିଁ ଅଧ୍ୟକ୍ଷ ହେବେ। ଥାଣେରେ ପୌର ପରିଷଦର ଅଧ୍ୟକ୍ଷ ଅନୁସୂଚିତ ଜାତିର ମହିଳା କିମ୍ବା ପୁରୁଷ ହୋଇପାରିବେ।

ମହାରାଷ୍ଟ୍ରର ୮ଟି ପୌର ପରିଷଦ ଅନ୍ୟ ପଛୁଆ ବର୍ଗର ଲୋକଙ୍କ ପାଇଁ ସଂରକ୍ଷିତ ହୋଇ ରହିଛି। ଅକୋଲା, ଚନ୍ଦ୍ରପୁର, ଅହଲ୍ୟାନଗର ଓ ଜଲଗାଁ ଓବିସି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବା ବେଳେ ପାନଭେଲ, ଇଚାଲକରଞ୍ଜି, କୋହ୍ଲାପୁର ଓ ଉଲାସନଗର କେବଳ ଓବିସି ବର୍ଗଙ୍କ ପାଇଁ ରହିଛି। ମୁମ୍ବାଇ ମେୟର ପୋଷ୍ଟରେ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ଉଦ୍ଧବ ସେନାର ନେତ୍ରୀ ତଥା ମୁମ୍ବାଇର ପୂର୍ବତନ ମେୟର କିଶୋରୀ ପେଡନେକର ବିଏମସିକୁ କାହିଁକି ଓବିସି ବର୍ଗରେ ସାମିଲ କରାଗଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ପୂର୍ବ ଦୁଇଟି ଟର୍ମରେ ଏହି ପୋଷ୍ଟକୁ ସଂପୂର୍ଣ୍ଣ ଭାବେ ଖୋଲା ରଖାଯାଇଥିଲା ବୋଲି ମଧ ସେ କହିଛନ୍ତି। ବୁଧବାର ଉଦ୍ଧବ ସେନା ୨୦୧୯ରୁ ୨୦୨୨ ଯାଏ ମେୟର ଭାବେ କାମ କରିଥିବା ପେଡନେକରଙ୍କୁ ଦଳର ନୂଆ କରି ନିର୍ବାଚିତ ବିଏମସି ଜେନେରାଲ ବଡିର ନେତ୍ରୀ ଭାବେ ନିଯୁକ୍ତ କରାଯାଇଥିଲା। ବିଏମସି ନିର୍ବାଚନରେ ଏକନାଥ ସିନ୍ଦେଙ୍କ ଶିବସେନା ଓ ବିଜେପି ମେଣ୍ଟ କରିଥିଲେ। ମେଣ୍ଟ ବିଏମସିର ମୋଟ ୨୨୭ ଆସନରୁ ୧୧୮ଟିରେ ଜିତିଛି। ଏହା ମ୍ୟାଜିକ ନମ୍ବର ୧୧୪ରୁ ୪ ଅଧିକ। ହେଲେ ଏଠାରେ ସିନ୍ଦେ ସେନା ମେୟର ପଦ ପାଇଁ ଜିଦ କରୁଥିବାରୁ ଏହାକୁ ନେଇ ଟଣାଓଟରା ଚାଲିଛି। ଏସବୁ ଭିତରେ ଏବେ ସଂରକ୍ଷଣକୁ ନେଇ ବିବାଦ ଦେଖିବାକୁ ମିଳିଛି।

ଗାଜା ପିସ୍ ବୋର୍ଡରେ ସାମିଲ ହୋଇନି ଋଷ

# ପୁଟିନ ଧରିଲେ ଟ୍ରମ୍ପଙ୍କ ମିଛ



ନ୍ୟୁୟର୍କ,୨୨।୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱ ଇକୋନୋମିକ୍ ଫୋରମରେ ଯୋଗ ଦେଇ ଡାଭୋସରେ ନାଟୋର ମହାସଚିବ ମାର୍କ ରୁଟେଙ୍କୁ ସାକ୍ଷାତ କରିଛନ୍ତି। ଏଠାରେ ଟ୍ରମ୍ପ୍ ଦାବି କରିଥିଲେ ଯେ, ଋଷ ଗାଜା ଶାନ୍ତି ଚୁକ୍ତିବୋର୍ଡରେ ସାମିଲ ହେବା ପାଇଁ ତାଙ୍କ ନିମନ୍ତ୍ରଣ ରକ୍ଷା କରିଛି। ଯାହାକୁ ନେଇ ପ୍ରତିକ୍ରିୟା ଦେଉଛି ମସ୍କୋ। ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଯେ, ଗାଜା ଶାନ୍ତି ଚୁକ୍ତିବୋର୍ଡ ଆମେରିକାର ପ୍ରସ୍ତାବ ଉପରେ ଋଷ ଏବେ ବିଚାର କରୁଛି। ଦେଶର ବୈଦେଶିକ ମନ୍ତ୍ରାଳୟ ସମସ୍ତ ଦିଗ ଉପରେ ନଜର ରଖିଛି। ଏହାର ଜବାବ ଉଚିତ ସମୟ ଆସିଲେ ଦିଆଯିବ। ଏହା ସହ ଟ୍ରମ୍ପ୍ ଯେଉଁ ଦାବି କରିଛନ୍ତି ତାକୁ ପୁଟିନ ଖଣ୍ଡନ କରିଛନ୍ତି। ସୂଚନାଯୋଗ୍ୟ, ଟ୍ରମ୍ପ୍ ନାଟୋ ମହାସଚିବଙ୍କୁ ସହ ସାକ୍ଷାତ କରିବା ପରେ ସାମ୍ବାଦିକଙ୍କ ଅନେକ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିରେ ସେ ପୁଟିନ ଗାଜା ଶାନ୍ତି ଚୁକ୍ତିରେ ସାମିଲ ହେବାକୁ ସମ୍ମତି ପ୍ରକାଶ କରିବା କଥା କହିଥିଲେ। ଏହାସହ ସେ ସେ ଭାରତ, ଚୀନ, ପାକିସ୍ତାନ, ତୁର୍କୀ, କତାର ଭଳି ଦେଶକୁ ମଧ ନିମନ୍ତ୍ରଣ ଦେଇଛନ୍ତି। ଏହାସହ ଆହୁରି ଅନେକ ଦେଶକୁ ଶାନ୍ତି ଚୁକ୍ତି ପାଇଁ ଗଠିତ ବୋର୍ଡରେ ସାମିଲ ହେବାକୁ ନିମନ୍ତ୍ରଣ ପ୍ରଦାନ କରିଛନ୍ତି। ସାଉଦି, ତୁର୍କୀ, ପାକିସ୍ତାନ, ଇଣ୍ଡୋନେସିଆ ଭଳି ଦେଶ ପ୍ରସ୍ତାବକୁ ସ୍ୱୀକାର କରିଥିବା ବେଳେ ଅନ୍ୟମାନେ ଏହାକୁ ନେଇ ଏବେବି ବିଚାର ବିମର୍ଷ କରୁଛନ୍ତି। ଚୀନ ବୈଦେଶିକ ମନ୍ତ୍ରାଳୟ ଟ୍ରମ୍ପଙ୍କ ବୋର୍ଡକୁ ନେଇ ସ୍ପଷ୍ଟ ଭାବେ କହିଥିଲା ଯେ, ଚୀନ୍ ସର୍ବଦା ସତ୍ୟ ବହୁପକ୍ଷବାଦର ସମର୍ଥକ ରହି ଆସିଛି। ଯଦି ବୋର୍ଡ ୟୁଏନର ସଂରକ୍ଷଣ ଓ ଏହାର ଚାର୍ଟର ସିଦ୍ଧାନ୍ତ ଅନୁରୂପ ନୁହେଁ, ତେବେ ଏହା କୌଣସି କାମର ନୁହେଁ। ତେବେ ଗାଜାରେ ଇସ୍ରାଏଲ-ହମାସ ଯୁଦ୍ଧ ଉପରେ ନଜର ରଖିବାକୁ ସାରା ବିଶ୍ୱରୁ ଏବେ ମିଶ୍ରିତ ପ୍ରତିକ୍ରିୟା ଆସିବାରେ ଲାଗିଛି।

# ସରବଜିତଙ୍କ ବିରୋଧରେ ମାମଲା ରୁଜୁ ହେବ

ଲାହୋର,୨୨।୧: ଧାର୍ମିକ ଯାତ୍ରା ନାଁରେ ପାକିସ୍ତାନ ଯାଇ ବିବାହ କରିଥିବା ଭାରତୀୟ ମହିଳା ସରବଜିତ କୌରଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି। ପାକିସ୍ତାନ ସରକାର ତାଙ୍କ ବିରୋଧରେ ଇମିଗ୍ରେସନ ନିୟମ ଉଲ୍ଲଙ୍ଘନ କରିଥିବା ନେଇ ଏଫଆଇଆର ରୁଜୁ କରିପାରନ୍ତି। ସେ ପାକ୍ ର ନିୟମ କାନୁନକୁ ନମାନି ବିବାହ କରିଥିଲେ। ଏନେଇ ଏକ ମାମଲାର ଶୁଣାଣି କରି ଲାହୋର କୋର୍ଟ ପାକ୍ ତଦନ୍ତକାରୀ ସଂସ୍ଥା ଏଫଆଇଏକୁ ରିପୋର୍ଟ ମାଗିଛନ୍ତି। ପାକିସ୍ତାନ ଶିଖ୍ ଗୁରୁଦ୍ୱାର କମିଟିର ପୂର୍ବତନ ଅଧ୍ୟକ୍ଷ ମହିନ୍ଦର ପାଲ ଲାହୋର କୋର୍ଟରେ ଏକ ଆବେଦନ କରିଥିଲେ। ଯାହାର ଶୁଣାଣି କରି ଲାହୋର କୋର୍ଟ ରିପୋର୍ଟ ମାଗିଛନ୍ତି। ଆବେଦନରେ କୁହାଯାଇଥିଲା ଯେ, ସରବଜିତ କୌର ୨୦୨୫ ନଭେମ୍ବରରେ ତୀର୍ଥଯାତ୍ରା ଭିସାରେ ପାକିସ୍ତାନ ଆସିଥିଲେ। ଭିସା ଅବଧି ସରିବା ପରେ ମଧ ସେ ଏଠାରେ ରହିଥିଲେ। ଯାହା ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରୁଛି।



ତୀର୍ଥଯାତ୍ରା ନାଁରେ ପାକିସ୍ତାନ ଯାଇ କରିଥିଲେ ବିବାହ

ଆବେଦନକାରୀଙ୍କ ଓକିଲ ଅଲୀ ଚଙ୍ଗେଜୀ କୋର୍ଟରେ କହିଥିଲେ ଯେ, ନାସିର ହୁସେନ ସରବଜୀତଙ୍କୁ ସମସ୍ତ ସହାୟତା ପ୍ରଦାନ କରିଥିଲେ। ଏହା ନିୟମ ବିରୋଧୀ। ଏହାକୁ ନେଇ କୋର୍ଟ ଇମିଗ୍ରେସନ ଅଧିକାରୀଙ୍କୁ ଜାନୁଆରୀ ୩୦ସୁଦ୍ଧା ରିପୋର୍ଟ ପ୍ରଦାନ ସହ ନିଜ ପକ୍ଷ ରଖିବାକୁ କହିଛନ୍ତି। ମାମଲାର ଆଗାମୀ ଶୁଣାଣି ଜାନୁଆରୀ ୩୦ ତାରିଖରେ ହେବ। ଆବେଦନକାରୀ କହିଥିଲେ ଯେ, ଘଟଣାରେ ଅଧିକାରୀ ପ୍ରଥମେ ଏଫଆଇଆର ଦାଖଲ କରିବା କଥା। କିନ୍ତୁ ଏପରି କିଛି ହୋଇନାହିଁ। ତୀର୍ଥଯାତ୍ରାର ପବିତ୍ରତାକୁ କିଛି ବ୍ୟକ୍ତି ନଷ୍ଟ କରୁଛନ୍ତି। ଏହାକୁ ନେଇ ହୋଇଥିବା ଆଇନକୁ କଡାକଡି ଭାବେ ପାଳନ କରାଯିବା ଦରକାର। ସରବଜିତଙ୍କୁ ତୁରନ୍ତ ଦେଶରୁ ବିଦା କରାଯାଉ। ଯାହାକୁ ନେଇ ହାଇକୋର୍ଟ ତଳ କୋର୍ଟରେ ଏନେଇ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି।

# ୧୩ଟି ଦେଶକୁ ଅସ୍ତ୍ରଶସ୍ତ୍ର ବିକିବ ପାକିସ୍ତାନ



ଇସଲାମାବାଦ,୨୨।୧: ପାକିସ୍ତାନ ଏହାର ଅସ୍ତ୍ରଶସ୍ତ୍ର ବିକ୍ରି କରିବାକୁ ୧୩ ଟି ଦେଶ ସହିତ କଥାବାର୍ତ୍ତା କରୁଛି ବୋଲି ଘୋଷଣା କରିଛି। ଏହି ଦେଶମାନଙ୍କ ମଧ୍ୟରେ ସାଉଦି ଆରବ, ଇଣ୍ଡୋନେସିଆ, ସୁଦାନ, ନାଇଜେରିଆ, ବାଂଲାଦେଶ, ମରୋକ୍କୋ, ଇଥିଓପିଆ, ଲିବ୍ୟା ଓ ଇରାକ୍ ପରି ଦେଶ ରହିଛନ୍ତି। ପାକିସ୍ତାନର ଅସ୍ତ୍ରଶସ୍ତ୍ର ମଧ୍ୟରେ ଲଢୁଆ ବିମାନ, ଡ୍ରୋନ୍ ଓ ସଶସ୍ତ୍ର ଯାନ ରହିଛି। ପାକିସ୍ତାନ ଆହୁରି ମଧ କହିଛି ଯେ, ଏହାର ଅସ୍ତ୍ରଶସ୍ତ୍ର ଯୁଦ୍ଧ ପରିକ୍ଷୀତ। ଭାରତ ସହିତ ନିକଟରେ ହୋଇଥିବା ଯୁଦ୍ଧରେ ଏସବୁ ବ୍ୟବହାର ହୋଇଥିବା ପାକିସ୍ତାନ ପକ୍ଷରୁ ଦାବି ହୋଇଛି। ପାକିସ୍ତାନ ବର୍ତ୍ତମାନ ଅର୍ଥନୈତିକ ଚାପ ତଥା ବିଦେଶୀ ମୁଦ୍ରା ବିନିମୟ ଅଭାବ ଦେଇ ଗତି କରୁଛି। ଅସ୍ତ୍ରଶସ୍ତ୍ର ବିକ୍ରି ଦ୍ୱାରା ପାକିସ୍ତାନ ଏଥିରୁ କିଛି ଆୟ କରିବାକୁ ଲକ୍ଷ୍ୟ ରଖିଛି। ତେବେ ପାକିସ୍ତାନ ଅସ୍ତ୍ରଶସ୍ତ୍ର ବିକ୍ରି କେବଳ ଆର୍ଥିକ ସମସ୍ୟାର ମୁକାବିଲା ପାଇଁ କରୁନାହିଁ। ପାକିସ୍ତାନ ଯେଉଁ ଦେଶମାନକୁ ଅସ୍ତ୍ରଶସ୍ତ୍ର ବିକ୍ରି କରୁଛନ୍ତି, ସେମାନଙ୍କ ସହିତ ଭାରତର କେମିତି ସମ୍ପର୍କ ରହିଛି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି।

ଭାରତୀୟ ସେନାର ପୂର୍ବତନ ସୈନିକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଜେଏସ୍ ସୋଢୀ କହିଛନ୍ତି, ଅପରେସନ ସିନ୍ଦୂର ପରେ ପାକିସ୍ତାନ ନିଜର ମିଥ୍ୟା ଆତ୍ମପ୍ରଚାର କରିବାରେ ସଫଳ ହୋଇଛି। ସାମରିକ ଦୃଷ୍ଟିକୋଣରୁ ଏହା ଭାରତଠାରୁ ପରାସ୍ତ ହୋଇଥିଲେ ମଧ ମିଥ୍ୟା ପ୍ରଚାର କରି ଭାରତଠାରୁ ଆଗରେ ରହିଛି। ଫଳରେ ଭାରତ ୩୩ଟି ଦେଶକୁ ଏହାର ପ୍ରତିନିଧୀ ପଠାଇ ପାକିସ୍ତାନ କାରନାମା ପଦାକୁ ଆଣିବାକୁ ପଡ଼ିଥିଲା। ଏହାସତ୍ତ୍ୱେ ଏବିବି, ଆଇଏମ୍‌ଏଫ ଓ ବିଶ୍ୱବ୍ୟାଙ୍କଠାରୁ ପାକିସ୍ତାନକୁ ୪୩.୪ ବିଲିଅନ ଡଲାର ଋଣ ମିଳିଥିଲା।

ଲସ୍କର-ଏ-ତୈବା ନିଯୁକ୍ତି ମାମଲା

# ସୟଦ ଏମ୍ ଇଦ୍ରିସ୍‌କୁ ୧୦ ବର୍ଷ ଜେଲ୍‌ଦଣ୍ଡ

କୋଲକାତା,୨୨।୧: ପଶ୍ଚିମବଙ୍ଗରେ ମୁସଲିମ ଯୁବକଙ୍କୁ ନିଯୁକ୍ତି ଓ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ସହିତ ସେମାନଙ୍କ ସମ୍ପର୍କ ତଥା ଭାରତ ସରକାରଙ୍କ ବିରୋଧରେ ଜିହାଦ କରିବାକୁ ସେମାନଙ୍କୁ ଉସୁକାଇବା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ଏକ ସ୍ୱତନ୍ତ୍ର କୋର୍ଟ ଅଭିଯୁକ୍ତ ସୟଦ ଏମ ଇଦ୍ରିସ୍‌କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ଗୁରୁବାର ଏନ୍‌ଆଇଏ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, କୋଲକାତା ସ୍ଥିତ ଏନଆଇଏ ସ୍ୱତନ୍ତ୍ର କୋର୍ଟ କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାର ବାସିନ୍ଦା ସୟଦ ଏମ. ଇଦ୍ରିସ୍‌କୁ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଓ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନର ବିଭିନ୍ନ ଧାରା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏକକାଳୀନ ସର୍ବାଧିକ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହା ସହିତ ୭୦,୦୦୦ ଟଙ୍କା ଜରିମାନା ମଧ୍ୟ କରାଯାଇଛି। ଏନ୍‌ଆଇଏ ଏପ୍ରିଲ ୨୦୨୦ରେ ପଶ୍ଚିମବଙ୍ଗ ପୁଲିସଠାରୁ ମାମଲାଟିକୁ ନିଜ ଅଧୀନକୁ ନେଇଥିଲା। ତଦନ୍ତ ସମୟରେ, ଏଜେନ୍ସି ଜମ୍ମୁ-କାଶ୍ମୀରର ଅଲତାଫ୍ ଅହମ୍ମଦ ରାଥର ସହିତ ସୟଦ ଏମ୍. ଇଦ୍ରିସ୍‌କୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା, ସେମାନେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଓ ଲସ୍କର-ଏ-ତୈବା ମଡ୍ୟୁଲ୍ ପ୍ରତିଷ୍ଠା କରିବା ପାଇଁ ତାନିଆ ପରଓ୍ୱିନ୍ ସହିତ ମିଶି ଷଡ଼ଯନ୍ତ୍ର ରଚିଥିଲେ। ସର୍ଚ୍ଚ ସମୟରେ, ଏସ୍‌ଟିଏଫ୍ ଜିହାଦୀ ପାଠ୍ୟପୁସ୍ତକ ଜବତ କରିଥିଲା।

ସାଉଥ ସୁପରଷ୍ଟାର ବିଜୟଙ୍କ ପାର୍ଟିକୁ ମିଳିଲା 'ହ୍ୱିସିଲ' ଚିହ୍ନ

# ଟିଭିକେ ଲଢ଼ିବ ତାମିଲନାଡୁ ବିଧାନସଭା ନିର୍ବାଚନ



ନୂଆଦିଲ୍ଲୀ ୨୨।୧: ନିର୍ବାଚନ ଆୟୋଗ ଗୁରୁବାର ଦକ୍ଷିଣୀ ସୁପରଷ୍ଟାର ବିଜୟଙ୍କ ପାର୍ଟି ତମିଲଗା ୱେଟ୍ରି କଜଗମ (ଟିଭିକେ)କୁ ନିର୍ବାଚନ ଚିହ୍ନ ପ୍ରଦାନ କରିଛନ୍ତି। ଆୟୋଗ ତାମିଲନାଡୁରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପାର୍ଟି ଏହି ନିର୍ବାଚନ ଚିହ୍ନକୁ ବ୍ୟବହାର କରି ଲଢ଼ିପାରିବ ବୋଲି କହିଛନ୍ତି। ଟିଭିକେ ନେତା ସି.ଟି.ଆର. ନିର୍ମଳ କୁମାର କହିଛନ୍ତି ଯେ, ୧୦ ପ୍ରସ୍ତାବିତ ଚିହ୍ନ ମଧ୍ୟରୁ ବିଜୟ 'ହ୍ୱିସିଲ'କୁ ତାଙ୍କର ପ୍ରଥମ ପସନ୍ଦ ବାଛିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଅଭିନେତା ବିଜୟଙ୍କ ଟପ ହିଟ୍ ଗୀତ ମଧ୍ୟରେ ଗୋଟିଏ 'ହ୍ୱିସିଲ ପୋଡୁ' ୨୦୨୪ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଗୋଟ'ର ଲୋକପ୍ରିୟ ଗୀତ ଥିଲା। ଏଥିରେ ସଂଯୋଗ ବଶତଃ ସେ ସମୟରେ ବିଜୟଙ୍କ ରାଜନୈତିକ ଏଣ୍ଟ୍ରିର ପ୍ଲାନ କରାଯାଇଥିଲା। ଟିଭିକେର ଚେନ୍ନାଇରେ ମଙ୍ଗଳବାର ଅନୁଷ୍ଠିତ ନିର୍ବାଚନ ପ୍ରଚାର ସମିତି ବୈଠକର ୨ ଦିନ ପରେ ପାର୍ଟିକୁ ନିର୍ବାଚନ ଚିହ୍ନ ମିଳିଛି। ଜନୈକ ବରିଷ୍ଠ ପାର୍ଟି ନେତା କହିଛନ୍ତି ଯେ ତାମିଲନାଡୁରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପାର୍ଟି ନିଜ ମୁଖିଆ ବିଜୟଙ୍କ ନିର୍ବାଚନ ପ୍ରଚାର ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରୁଛି। ପାର୍ଟିର ମୁଖ୍ୟ ସମନ୍ୱୟକାରୀ କେ.ଏ.ସେଙ୍ଗୋଟୈୟାଁ କହିଛନ୍ତି ଯେ, ନିର୍ବାଚନ ପ୍ରଚାର ସ୍ଥାନର ନାମ ସମ୍ପର୍କରେ ଅଧିକାରୀଙ୍କ ସୂଚନା ମିଳିବା ପରେ ଘୋଷଣା କରାଯିବ। ଦଳୀୟ କମିଟି ଜାନୁୟାରୀ ୨୬ରେ ସାରା ରାଜ୍ୟ ଗସ୍ତ କରିବ ଓ ତାମିଲନାଡୁର ସମସ୍ତ ୩୨୪ ନିର୍ବାଚନ କ୍ଷେତ୍ରରେ ପାର୍ଟି ପଦାଧିକାରୀଙ୍କ ସହିତ ପାରମର୍ଶ ବୈଠକ କରିବ। ତେବେ ପାର୍ଟି ଆଗାମୀ ନିର୍ବାଚନକୁ ଏକାକୀ ଲଢ଼ିବ କି ମେଣ୍ଟ କରି ଲଢ଼ିବ ସେ ସମ୍ପର୍କରେ ସୂଚନା ଦେବାକୁ ଯାଇ ସେଙ୍ଗୋଟୈୟାଁ କହିଛନ୍ତି ଯେ, ଏ ନେଇ ପାର୍ଟି ମୁଖ୍ୟ ଦଳର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନେବେ।

# ୧୬ ବର୍ଷରୁ କମ ବୟସ ପିଲାଙ୍କୁ ସୋସିଆଲ୍ ମିଡିଆ ମନା

ଆନ୍ଧ୍ରପ୍ରଦେଶ ସରକାର ଲଗାଇବେ କଟକଣା

ନୂଆଦିଲ୍ଲୀ,୨୨।୧: ଆନ୍ଧ୍ର ପ୍ରଦେଶର ଚନ୍ଦ୍ରବାବୁ ନାଇଡୁ ସରକାର ୧୬ ବର୍ଷରୁ କମ ବୟସ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବା ଉପରେ ଯୋଜନା କରୁଛନ୍ତି। ରାଜ୍ୟର ଆଇଟି ମନ୍ତ୍ରୀ ନାରା ଲୋକେସ ସ୍ୱିଜରଲାଣ୍ଡର ଡାଭୋସରେ ଆୟୋଜିତ ୱାର୍ଲଡ ଇକୋନୋମିକ ଫୋରମରେ ବ୍ଲୁମବର୍ଗ ସହ ଆଲୋଚନାରେ ଏହା କହିଛନ୍ତି। ନାରା ଲୋକେସ ସ୍ପଷ୍ଟ କରିଛନ୍ତି ଯେ, କମ ବୟସ ପିଲାଙ୍କୁ ସୋସିଆଲ୍ ମିଡିଆରେ ଉପଲବ୍ଧ ଅନେକ ପ୍ରକାର ସାମଗ୍ରୀକୁ ସଠିକ୍ ଭାବେ ବୁଝିପାରନ୍ତି ନାହିଁ, ଯାହା ସେମାନଙ୍କ ମାନସିକ ଓ ଭାବନାତ୍ମକ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସେ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ବୟସରୁ କମ ପିଲା ଏପରି ପ୍ଲାଟଫର୍ମରେ ନରହିବା ଦରକାର। ସେମାନେ କେଉଁ ପ୍ରକାରର କଣ୍ଟେଣ୍ଟ ସଂସ୍ପର୍ଶରେ ଆସୁଛନ୍ତି, ତାହା ଜାଣିପାରନ୍ତି ନାହିଁ। ଏପରି ସ୍ଥିତିରେ ଏକ ମଜଭୁତ ଆଇନଗତ ଢାଞ୍ଚାର ଆବଶ୍ୟକତା ଅଟେ।



ଉଲ୍ଲେଖଯୋଗ୍ୟ ଯେ, ଅଷ୍ଟ୍ରେଲିଆ ସରକାର ଗତ ମାସରେ ୧୬ ବର୍ଷରୁ କମ ବୟସ ପିଲାଙ୍କ ପାଇଁ ଟିକଟକ୍, ଏକ୍ସ, ଫେସବୁକ୍, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଓ ସ୍ନାପଚାଟ୍ ପରି ପ୍ରମୁଖ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲଗାଇଥିଲା। ଏହି ଆଇନ ଅନୁସାରେ ପିଲାମାନେ ନୂଆ ଆକାଉଣ୍ଟ ଖୋଲିପାରିବେ ନାହିଁ କିମ୍ବା ପୁରୁଣା ଆକାଉଣ୍ଟକୁ ଚଲାଇପାରିବେ ନାହିଁ। ଆନ୍ଧ୍ରପ୍ରଦେଶ ସରକାର ଏହି ମେଡଲରେ ଅଧ୍ୟୟନ କରୁଛନ୍ତି। ଯଦି ନିଷ୍ପତ୍ତି ଲାଗୁ ହୋଇଯାଏ, ସୋସିଆଲ୍ ମିଡିଆ ବ୍ୟବହାର ଉପରେ ଆଇନଗତ ପ୍ରତିବନ୍ଧକ ଲାଗୁ କରିବାରେ ଆନ୍ଧ୍ର ପ୍ରଦେଶ ଭାରତର ପ୍ରଥମ ରାଜ୍ୟ ହେବ।

### ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାରେ ଓଡ଼ିଶା ଛାତ୍ରଛାତ୍ରୀଙ୍କ କୃତିତ୍ୱ

# ଖୋ-ଖୋରେ ଉପବିଜେତା ଓଡ଼ିଶା



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ୬୯ ତମ ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାରେ ଓଡ଼ିଶା ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାର ଆୟୋଜନ ହୋଇଯାଇଛି। ଏକାକାଳୀନ ଝାଡଖଣ୍ଡସ୍ଥିତ ରାଞ୍ଚି, ପଶ୍ଚିମବଙ୍ଗସ୍ଥିତ କୋଲକାତା, ରାଜସ୍ଥାନର ପଟେଲ୍ ଷ୍ଟାଡ଼ିୟମଠାରେ ସାଇକେଲିଂ, ଜିମ୍ନାଷ୍ଟିକ୍ ଓ ଖୋ-ଖୋ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି।

ରାଞ୍ଚିଠାରେ ସାଇକେଲିଂ ୧୪ ବର୍ଷରୁ କମ୍ ବାଳିକା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲା ବାରିକପୁର ଉଚ୍ଚ ବିଦ୍ୟାଳୟର ସସ୍ମିତା ପଣ୍ଡା ୬ କିମି ଟାଇମ୍ ଟ୍ରେଲ୍ ରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ୫୦୦ ମିଟର ଟ୍ରାକ୍ ରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ସେହିପରି କୋଲକାତାରେ ଆୟୋଜିତ ଜିମ୍ନାଷ୍ଟିକ୍ ୧୭ ବର୍ଷରୁ କମ୍ ବାଳକ-ବାଳିକା ପ୍ରତିଯୋଗିତାରେ ପୁରୀ ଜିଲ୍ଲା ସ୍କୁଲର ଅଂଶୁମାନ ସୁନ୍ଦରା ଓ ଦାନ ଲକ୍ଷ୍ମୀ ରାଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ରାଜସ୍ଥାନରେ ଆୟୋଜିତ ଖୋ-ଖୋ ୧୪ ବର୍ଷରୁ କମ୍ ବାଳକ-ବାଳିକା ପ୍ରତିଯୋଗିତାରେ ଓଡ଼ିଶା ଫାଇନାଲରେ ଉପବିଜେତା ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ରାଞ୍ଚିରେ ୧୬ ଜଣ, କୋଲକାତାରେ ୧୪ ଜଣ, ଖୋ-ଖୋରେ ୨୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ରାଜ୍ୟର ସମସ୍ତ ଜିଲ୍ଲାରେ ଧାନ ସଂଗ୍ରହ ତ୍ୱରାନ୍ୱିତ

● ୭ ଲକ୍ଷ ଚାଷୀଙ୍କଠାରୁ ଧାନ ସଂଗ୍ରହ ଓ ୭୯୧୪ କୋଟି ଦେୟ ପ୍ରଦାନ

**ଭୁବନେଶ୍ୱର,୨୨।୧ (ସଂଚାର ବ୍ୟୁରୋ):** ଚଳିତ ଖରିଫ ଋତୁରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରିତ ଭାବେ ଜାରି ରହିଛି। ଆଜି ସୁଦ୍ଧା, ରାଜ୍ୟର ୬ ଲକ୍ଷ ୯୩ ହଜାର ୯୭ ଜଣ ଚାଷୀଙ୍କଠାରୁ ୩୦ ଲକ୍ଷ ୪୯ ହଜାର ୫୬୦ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଏହି ପ୍ରକ୍ରିୟାରେ ଚଳିତ ବର୍ଷ ଚାଷୀମାନେ ସକ୍ରିୟ ଅଂଶଗ୍ରହଣ କରୁଥିବା ଲକ୍ଷ୍ୟ କରାଯାଉଛି। ଏପର୍ଯ୍ୟନ୍ତ ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗିର ଏବଂ ଝାରସୁଗୁଡା ଭଳି ଜିଲ୍ଲାଗୁଡ଼ିକ ସେମାନଙ୍କର ଲକ୍ଷ୍ୟର ୬୦ ପ୍ରତିଶତରୁ ଅଧିକ ଧାନ ସଂଗ୍ରହ କରିସାରିଛନ୍ତି। ସମ୍ବଲପୁର ଜିଲ୍ଲାରେ ୯୬% ଧାର୍ଯ୍ୟ ଲକ୍ଷ୍ୟର ଧାନ ସଂଗ୍ରହ କରାଯାଇ ସାରିଲାଣି। ସେହିପରି, ସୁବର୍ଣ୍ଣପୁର ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟର ୭୭% ଧାନ ସଂଗ୍ରହ ହୋଇଛି ଏବଂ ଗତବର୍ଷ ଆଜିସୁଦ୍ଧା ୫୧ ହଜାର ୫ ଶହ ଚାଷୀ ଧାନ ବିକ୍ରୟ କରିଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମରେ ମୋଟ ୪୭୬ଟି ମଣ୍ଡି କାର୍ଯ୍ୟକ୍ଷମ ଅଛି, ଯେଉଁଥିରେ ୪୫,୨୫୫ ଜଣ ଚାଷୀ ଧାନ ବିକ୍ରୟ କରିପାରିଛନ୍ତି। ରାୟଗଡ଼ାରେ ମଧ୍ୟ ୧୦,୪୯୦ ଜଣ ଚାଷୀ ଚଳିତ ଖରିଫରେ ଅଂଶଗ୍ରହଣ କରିଥିବା ଗତବର୍ଷ ୯୬୫୫ ଜଣ ଚାଷୀଙ୍କ ଠାରୁ ସେମାନଙ୍କର ଧାନ ସଂଗ୍ରହ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୭,୯୧୪.୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଆଧାର ସଂଯୁକ୍ତ ଇ-କେୱାଇସି ଦେୟ ବ୍ୟବସ୍ଥା ଭଳି ପ୍ରମୁଖ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇ ଚାଷୀମାନଙ୍କୁ ଦେୟ ପ୍ରଦାନ କରାଯାଉଛି।

### ଅଷ୍ଟାଦଶ ଢେଙ୍କାନାଳ ଜିଲ୍ଲା ମହୋତ୍ସବକୁ କେନ୍ଦ୍ରମନ୍ତ୍ରୀଙ୍କ ସମ୍ବୋଧନ

# ପରମ୍ପରା ବିଷୟରେ ଜାଣିବା ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ

**ଢେଙ୍କାନାଳ,୨୨।୧(ସଂଚାର ବ୍ୟୁରୋ):** ଶିକ୍ଷା କେବଳ ବହି ଭିତରେ ସୀମିତ ନୁହେଁ। ଆମର ପରମ୍ପରା, ଲୋକକଳା ଓ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ଜାଣିବା ମଧ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଅଷ୍ଟାଦଶ ଢେଙ୍କାନାଳ ଜିଲ୍ଲା ମହୋତ୍ସବ-୨୦୨୬ ଅବସରରେ ଏକ ଭିଡିଓ ବାର୍ତ୍ତା ମାଧମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳ କେବଳ ଏକ ଜିଲ୍ଲା ନୁହେଁ, ଏହା ବୀରତ୍ୱ ଓ ସଂସ୍କୃତିର ଏକ ପବିତ୍ର ଭୂମି। ଦେଶର ସର୍ବକନିଷ୍ଠ ସହିଦ ବୀର ବାଜି ରାଉତ, ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ପଟ୍ଟନାୟକ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ, ମୃଷା ମଲ୍ଲିକ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଓ ବିଶିଷ୍ଟ କବି ବ୍ରଜନାଥ ବଡ଼ଜେନାଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଏହି ମାଟିକୁ ଗୌରବାନ୍ୱିତ କରିଛନ୍ତି। କପିଳାସର ଶିବଲୋକଠାରୁ ଆରମ୍ଭ କରି ମହିମା ଧର୍ମର ପ୍ରଚାର ପୀଠ ଯୋରନ୍ଦା ଏବଂ ସପ୍ତଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟନ୍ତ, ଏହି ମାଟିର ପ୍ରତିଟି ଧୂଳିକଣାରେ ଇତିହାସ ଜୀବନ୍ତ। ସେହି ଜିଲ୍ଲାରେ ଆୟୋଜିତ ଏହି ମହୋତ୍ସବ ଓଡ଼ିଶାର କଳା, ସଂସ୍କୃତି ଓ ସ୍ୱାଭିମାନର ଏକ ଜ୍ୱଳନ୍ତ ଉଦାହରଣ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରର ପ୍ରୟାସରେ ଆଜିର ଢେଙ୍କାନାଳ ଶିଳ୍ପ ଓ ଭିତ୍ତିଭୂମି କ୍ଷେତ୍ରରେ ସମଗ୍ର ଦେଶରେ ନୂତନ ପରିଚୟ ସୃଷ୍ଟି କରୁଛି। ଜିଲ୍ଲାର ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ୧୨୦ କୋଟି ଟଙ୍କା ବ୍ୟୟରେ 'ବାଜି ରାଉତ ରିଜିଓନାଲ ସ୍ପୋର୍ଟ୍ସ ହବ୍' ଏବଂ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ୧୨୦୦ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। କାମାକ୍ଷାନଗର ଓ ହିନ୍ଦୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦ୍ୱାରା ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ହେବା ସହ ଏକ 'ବିକଶିତ ଢେଙ୍କାନାଳ' ଗଠନ ଦିଗରେ ଏହା ସହାୟକ ହେବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ପରିଶେଷରେ ଶିଶୁମାନଙ୍କୁ ଅଧିକରୁ ଅଧିକ ମାତ୍ରାରେ ପ୍ରଧାନମନ୍ତ୍ରୀଙ୍କ 'ପୋଷଣ ଅଭିଯାନ'ରେ ସାମିଲ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

### ୨୫ରେ ଜାତୀୟ ମତଦାତା ଦିବସ

## ଶପଥ ନେଲେ ବିଏମ୍‌ସି କର୍ମଚାରୀ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ଆସନ୍ତା ୨୫ ତାରିଖରେ ଜାତୀୟ ମତଦାତା ଦିବସ ହୋଇଥିବାରୁ ଆଜି ଏହି ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଏକାମ୍ର ସଭାଗୃହରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶପଥ ପାଠ କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ ଦୃଢ଼ କରିବା, କୌଣସି ପ୍ରକାର ପ୍ରଲୋଭନରେ ପ୍ରଭାବିତ ନ ହୋଇ ଭୋଟ ଗ୍ରହଣରେ ନିଜର ମତଦାନ କରିବା, ନାଗରିକ ଅଧିକାର ସାଙ୍ଗକୁ ଭୋଟ ଦେବାର ନୈତିକ ଦାୟିତ୍ୱ ତୁଲାଇବା ସମସ୍ତଙ୍କ ଗୁରୁଦାୟିତ୍ୱ ହେବା ଦରକାର ବୋଲି ଶ୍ରୀମତୀ ଦାସ କହିଛନ୍ତି। ଏହି ଦିବସ ପାଳନ ଦ୍ୱାରା ପ୍ରତ୍ୟେକ ଭୋଟର ସଚେତନ ହେବେ ଓ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସହ ନିଜର ମତାଧିକାର ସାବ୍ୟସ୍ତ କରିବେ।

ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ଦାସ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସରକାରଙ୍କ ପ୍ରଣୀତ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

● ସରକାରଙ୍କ ଅଭିଭାଷଣ ପଢ଼ିଲେନି

## ରାଜ୍ୟପାଳ ବିଧାନସଭାରୁ ଚାଲିଗଲେ

**ବେଙ୍ଗାଲୁରୁ, ୨୨।୧:** କେନ୍ଦ୍ର ସରକାରଙ୍କ ମନରେଗା ଯୋଜନାର ନାମ ପରିବର୍ତ୍ତନ ପ୍ରତିବାଦରେ କର୍ଣ୍ଣାଟକ ସରକାର ଦ୍ୱାରା ଡକାଯାଇଥିବା ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ସମୟରେ ଗୁରୁବାର ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ୍ ସରକାରଙ୍କ ପ୍ରସ୍ତୁତ ଅଭିଭାଷଣ ପଢି ନଥିଲେ। ତାଙ୍କ ନିଜ ଭାଷଣରୁ କିଛି ଧାଡ଼ି ପଢି ଗୃହରୁ ଚାଲିଯାଇଥିଲେ। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ରାଜ୍ୟପାଳଙ୍କ ପଦକ୍ଷେପ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଏହାକୁ ସମ୍ବିଧାନର ଉଲ୍ଲଂଘନ ବୋଲି କହିଥିଲେ। ଏହା ପରେ ରାଜ୍ୟ ରାଜନୀତି ଉଷ୍ମ ହୋଇ ଆରୋପ ପ୍ରତ୍ୟାରୋପର ଝଡ଼ ସୃଷ୍ଟି ହୋଇଛି।

## ଭାରତ- ଇୟୁ ପ୍ରତିରକ୍ଷା ଚୁକ୍ତି ଅନୁମୋଦିତ

**ନୂଆଦିଲ୍ଲୀ,୨୨।୧:** ୟୁରୋପୀୟ ସଂଘ (ଇୟୁ) ଭାରତ ସହ ନୂତନ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି। ଆସନ୍ତା ସପ୍ତାହରେ ନୂଆଦିଲ୍ଲୀରେ ହେବାକୁ ଥିବା ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ଏହା ସ୍ୱାକ୍ଷରିତ ହେବ। ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟ କାଜା କଲାସ୍ ବୁଧବାର ୟୁରୋପୀୟ ସଂସଦରେ ଏହି ସୂଚନା ଦେଇଛନ୍ତି। ଏହି ସହଭାଗିତା ଏକ ବୃହତ୍ ରଣନୀତିକ ଏଜେଣ୍ଡାର ଅଂଶ ହେବ ବୋଲି ସେ କହିଛନ୍ତି। ଏହି ଏଜେଣ୍ଡାରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ), ପ୍ରତିରକ୍ଷା ଓ ସୁରକ୍ଷା ଚୁକ୍ତି, ସାଇବର ସୁରକ୍ଷା, ସାମୁଦ୍ରିକ ସୁରକ୍ଷା ଓ ଆତଙ୍କବାଦ ନିରୋଧୀ ପଦକ୍ଷେପ ଅନ୍ତର୍ଭୁକ୍ତ। ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ୍ ଡେର୍ ଲିଏନ୍ ଭାରତ ଆସୁଛନ୍ତି। ଜାନୁଆରି ୨୬ ଗଣତନ୍ତ୍ର ଦିବସ ଉତ୍ସବରେ ସେ ମୁଖ୍ୟଅତିଥି ହେବେ। ପରଦିନ ଜାନୁଆରି ୨୭ରେ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ।

● ଅଷ୍ଟ୍ରେଲିୟାରେ ପୁଣି ସାମୂହିକ ଗୁଳିକାଣ୍ଡ

## ନ୍ୟୁ ସାଉଥୱେଲସରେ ୩ ମୃତ

**ଲେକ୍ କାର୍ଗେଲିଗୋ, ୨୨।୧:** ଅଷ୍ଟ୍ରେଲିୟାର ନ୍ୟୁ ସାଉଥୱେଲସ୍ ରାଜ୍ୟରେ ସାମୂହିକ ଗୁଳିକାଣ୍ଡ ଚାଞ୍ଚଲ୍ୟ ଖେଳାଇ ଦେଇଛି। ବଣ୍ଡିବିଚ୍ ଗୁଳିକାଣ୍ଡର ଠିକ୍ ୧ ମାସ ପରେ ଗୁରୁବାର ଲେକ୍ କାର୍ଗେଲିଗୋ ସହରରେ ଏହି ଗୁଳିକାଣ୍ଡ ହୋଇଥିବା ବେଳେ ୩ ଜଣଙ୍କ ମୃତ୍ୟୁ ହୋଇଛି ଓ ଜଣେ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପୁଲିସ ଅପରାଧୀଙ୍କୁ ଧରିବା ପାଇଁ ବଡ଼ ଧରଣର ତଲାସୀ ଅଭିଯାନ ଆରମ୍ଭ କରିଛି। ଏହି ଗୁଳିକାଣ୍ଡ ଏପରି ସମୟରେ ହୋଇଛି ଯେତେବେଳେ ବଣ୍ଡିବିଚ୍ ଗୁଳିକାଣ୍ଡ ଲାଗି ଦେଶରେ ଜାତୀୟ ଶୋକ ଦିବସ ପାଳିତ ହେଉଥିଲା। ଦେଶରେ ଲଗାତାର ହେଉଥିବା ଏଭଳି କାଣ୍ଡ ସୁରକ୍ଷା ବ୍ୟବସ୍ଥା ଉପରେ ଏବେ ପ୍ରଶ୍ନ ଚିହ୍ନ ଲଗାଇଛି। ପୁଲିସ ସୂଚନା ଅନୁସାରେ ଗୁରୁବାର ଅପରାହ୍ନ ପାଖାପାଖି ୪ଟା ୪୦ ମିନିଟ୍ ରେ ଲେକ୍ କାର୍ଗେଲିଗୋର ୟେଲକିନ ଷ୍ଟ୍ରିଟ୍ ରେ ଏକ ଘର ଉପରକୁ ଗୁଳି କରାଯାଇଛି। ଗୁଳିକାଣ୍ଡ ସୂଚନା ମିଳିବା ମାତ୍ରେ ଜରୁରୀକାଳୀନ ସେବା ଏବଂ ୱେଷ୍ଟ ପୁଲିସ ଡିଷ୍ଟ୍ରିକ୍ଟର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁଳିକାଣ୍ଡରେ ୨ ଜଣ ମହିଳା ଓ ଜଣେ ପୁରୁଷ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗୁରୁତର ଅବସ୍ଥାରେ ହସ୍ପିଟାଲ ପହଞ୍ଚାଇଛି। ପୁଲିସ କହିଛି ଯେ, ଆକ୍ରମଣକାରୀ ଗୁଳିକାଣ୍ଡ ପରେ ଫେରାର ହୋଇଯାଇଛନ୍ତି। ତେବେ ସୁରକ୍ଷା କାରଣରୁ ସମ୍ପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରାଯାଇଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କୁ ନିଜନିଜ ଘରେ ରହିବାକୁ କୁହାଯାଇଛି। ସେହିପରି ପୋଲିସ ଅଭିଯାନ ଶେଷ ନହେବା ପର୍ଯ୍ୟନ୍ତ କାହାରିକୁ ଘଟଣାସ୍ଥଳକୁ ନ ଆସିବା ପାଇଁ ଅଧିକାରୀ ନିବେଦନ କରିଛନ୍ତି।

## ବୁଡ଼ିଗଲା ବାଂଲାଦେଶୀ ଜାହାଜ

● ୧୧ ଜଣ ଉଦ୍ଧାର

**କୋଲକାତା,୨୨।୧(ସଂଚାର ବ୍ୟୁରୋ):** ମୁଡିଗଙ୍ଗାରେ ବାଂଲାଦେଶୀ ଜାହାଜ ବୁଡ଼ିଯାଇଛି। ଜାହାଜଟି ପାଉଁଶରେ ଭର୍ତ୍ତି ଥିଲା। ଫଳସ୍ୱରୂପ, ପ୍ରଦୂଷଣ ବ୍ୟାପିବାର ଆଶଙ୍କା ରହିଛି। ବୁଡ଼ିଯାଉଥିବା ଜାହାଜରୁ ୧୧ ଜଣଙ୍କୁ ଉଦ୍ଧାର କରାଯାଇଛି। ନଦୀ କୂଳ ସହିତ ଧକ୍କାହେବା ଯୋଗୁଁ ଏହି ଘଟଣା ଘଟିଛି। ଜାହାଜରେ ୧୧ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ ନାବିକ ଏବଂ ୧୦ ଜଣ ବାଂଲାଦେଶୀ କ୍ରୁ ସଦସ୍ୟ ଥିବା ଜଣାପଡ଼ିଛି। ଜାହାଜର ନାମ ଏମଭି ତମଜିଦ ନାସିର। କଚୁବେଡିଆ ଏବଂ ଲଟ୍ ଆଠ୍ ମଧ୍ୟରେ ଏହି ଘଟଣା ଘଟିଛି। ପୁଲିସ ରାତିରେ ନାବିକମାନଙ୍କୁ ସୁରକ୍ଷିତ ଭାବରେ ଜାହାଜରୁ ବାହାର କରିବାରେ ସକ୍ଷମ ହୋଇଥିଲା। ତା'ପରେ ସେମାନଙ୍କୁ ବାଂଲାଦେଶ ଯାଉଥିବା ଅନ୍ୟ ଏକ ଜାହାଜକୁ ସ୍ଥାନାନ୍ତର କରାଯାଇଥିଲା। ସେମାନେ ସୁରକ୍ଷିତ ଭାବରେ ଫେରି ଯାଇଥିଲେ। ଯଦିଓ ଜାହାଜଟିର ୯୦ ପ୍ରତିଶତ ପାଣିରେ ବୁଡ଼ି ରହିଛି, ତେବେ ନଦୀରେ ପ୍ରଦୂଷଣ ବ୍ୟାପିବାର ଆଶଙ୍କା ରହିଛି। ବଜ୍‌ବଜ୍‌ରୁ ଜାହାଜ ଛାଡିବା ପରେ ଦୁର୍ଘଟଣା ଘଟିଥିଲା।

## ବିଜେପି ବିଧାୟକଙ୍କ ବିରୋଧରେ ଥାନାରେ ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ

**କୋଲକାତା,୨୨।୧(ସଂଚାର ବ୍ୟୁରୋ):** ଖଡ଼ଗପୁରର ବିଜେପି ବିଧାୟକ ହିରଣ ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। ହିରଣ ଏବଂ ଋତିକା ଗିରିଙ୍କ ବିବାହ ଫଟୋ ସାର୍ବଜନୀନ ହୋଇଥିଲା। ଏହି କାରଣରୁ ତାଙ୍କ ପ୍ରଥମ ସ୍ତ୍ରୀ ଅନିନ୍ଦିତା ବୁଧବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଋତିକା କହିଥିଲେ, 'ଅନିନ୍ଦିତାଙ୍କୁ ଛାଡପତ୍ର ନୋଟିସ ପଠାଯାଇଛି।' ସେ ଆହୁରି ଦାବି କରିଥିଲେ, 'ଆମେ ଗତ ପାଞ୍ଚ ବର୍ଷ ଧରି ଏକାଠି ଅଛୁ। ଏହି ବିବାହ ବହୁତ ଦିନ ପୂର୍ବରୁ ହୋଇଥିଲା।' 'ଯଦି ତୁମେ ଏହାକୁ ବେଆଇନ ଭାବୁଛ, ତେବେ ତାଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହ।' ତା'ପରେ ବୁଧବାର ରାତିରେ ଆନନ୍ଦପୁର ଥାନାରେ ଅନିନ୍ଦିତାଙ୍କୁ ଦେଖାଯାଇଥିଲା।

# ସମାଜସେବୀଙ୍କ ଦେହାନ୍ତ

**କେନ୍ଦ୍ରାପଡ଼ା,୨୨।୧(ସଂଚାର ବ୍ୟୁରୋ):** ଆଜି ପ୍ରତ୍ୟୁଷରେ ତିନି ମୁହାଣି ଅଞ୍ଚଳର ଧୁଣ୍ଡାବାବା ମଠ କଲୋନୀର ବାସିନ୍ଦା ସମାଜସେବୀ ନୀହାର ରଞ୍ଜନ ମହାନ୍ତିଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ମହାନ୍ତି ଜଣେ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବିଧବା ପତ୍ନୀଙ୍କ ସହ ପୁଅବୋହୂ, ଝିଅ-ଜ୍ୱାଇଁ, ସାନ ଭାଇ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ବିଜେଡି ନେତା ଉମାଶଙ୍କର ଜେନା, ରବୀନ୍ଦ୍ର ପଣ୍ଡା, ବଳରାମ ଦାସ, ପ୍ରମୋଦ ସିଂହ, କୁଳମଣି ସ୍ୱାଇଁ, ଗୁରୁଚରଣ ମର୍ଦ୍ଦରାଜ, ଗୌରାଙ୍ଗ ବେହେରା, ପ୍ରଭାକର ସ୍ୱାଇଁ ପ୍ରମୁଖ ଶ୍ରୀ ମହାନ୍ତିଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଜଳା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ଅଙ୍କିତ ମୁଖାଗ୍ନି ଦେଇଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ବର୍ଷ...

କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩ଟି କିସ୍ତିରେ ମୋଟ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇସାରିଛି। ଏହି ଦୁଇଟି କିସ୍ତିକୁ ପ୍ରତି ବର୍ଷ ରାକ୍ଷୀ ପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରେ ଉନ୍ନତ ଆଣିବାର ଲକ୍ଷ୍ୟ ରଖିଛନ୍ତି, ଯାହା କ୍ରମଶଃ ସଫଳ ହେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମହିଳା ସଶକ୍ତିକରଣ ଓ ସେମାନଙ୍କ ଆର୍ଥିକ ସ୍ୱାବଲମ୍ବିତା ବିଷୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆର୍ଥିକ ସ୍ୱାଧୀନତା ଆତ୍ମବିଶ୍ୱାସ ଆଣିଥାଏ। ଯେତେବେଳେ ଜଣେ ମହିଳାଙ୍କ ହାତରେ ଟଙ୍କା ଥାଏ, ପରିବାର ଓ ସମାଜରେ ତାଙ୍କର ସ୍ୱର ଅଧିକ ଶକ୍ତିଶାଳୀ ହୋଇଥାଏ। ସେ ନିଷ୍ପତ୍ତି ନେଇପାରନ୍ତି, ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି ଓ ସାହସର ସହ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ବି ହୋଇପାରନ୍ତି। ସୁଭଦ୍ରା ଯୋଜନା ରାଜ୍ୟର ମହିଳାମାନଙ୍କୁ ସେହି ଆତ୍ମବିଶ୍ୱାସ ପ୍ରଦାନ କରିବାର ଲକ୍ଷ୍ୟ ରହିଛି। ଏହି ଯୋଜନା ସାମାଜିକ ନ୍ୟାୟ ମଧ ପ୍ରଦାନ କରୁଛି। ଏହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ଗ୍ରାମାଞ୍ଚଳ, ଆଦିବାସୀ ସମ୍ପ୍ରଦାୟ, ସହରାଞ୍ଚଳ ଗରିବ ପରିବାର ଓ ସାହାଯ୍ୟ ଆବଶ୍ୟକତା କରୁଥିବା ମହିଳା ଓ ସେମାନଙ୍କ ପରିବାରଙ୍କୁ ସମର୍ଥନ କରିବା ଉପରେ ଧ୍ୟାନ ଦେଇଆସୁଛି। କାରଣ ବିକାଶ ଯାତ୍ରାରେ କେହି ବି ପଛରେ ରହିବା ଉଚିତ୍ ନୁହେଁ ବୋଲି ସରକାର ଚାହୁଁଛନ୍ତି।

ବିଜେପି ସରକାର କେବଳ ସୁଭଦ୍ରା ଯୋଜନାରେ ସୀମାବଦ୍ଧ ହୋଇ ରହିନାହାନ୍ତି। ଚଳିତ ବଜେଟରେ ରେକର୍ଡ ୮୯ ହଜାର ୮୬୨ କୋଟି ଟଙ୍କା କେବଳ ମହିଳାଙ୍କ ପାଇଁ ରଖାଯାଇଛି। ଏହି ପ୍ରାବଧାନ ମୋଟ ବଜେଟ ଆକାରର ପ୍ରାୟ ୩୦ ପ୍ରତିଶତ। ସୁଭଦ୍ରା ଯୋଜନାରେ ଦିଆଯାଇଥିବା ୩ଟି କିସ୍ତିର ସହାୟତା ରାଶି ରାଜ୍ୟର ମହିଳାମାନଙ୍କ ଆର୍ଥିକ ମେରୁଦଣ୍ଡକୁ ମଜବୁତ୍ କରିବା ସହ ମହିଳାଙ୍କ ବିକାଶକୁ ଏକ ବଳ ଯୋଗାଇଛି। ଏହି ଧାରାକୁ ବଜାୟ ରଖିବା ସହ ସରକାର ପ୍ରତିଶ୍ରୁତିବଦ୍ଧ। ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁନାହୁଁ, ବରଂ ଶିକ୍ଷା, ଦକ୍ଷତା ଓ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ ଦୂର କରୁଛୁ ବୋଲି ସେ କହିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ ସୁଭଦ୍ରା ଯୋଜନା ଶିଖାଇ ଦେଇଛି ଯେ ମହିଳାଟିଏ ନିଜ ବଳରେ ନିଜର ଉଦ୍ୟମିତା ଆରମ୍ଭ କରିପାରେ। ସମ୍ମାନ, ସ୍ୱାବଲମ୍ବୀ ଓ ସ୍ୱାଭିମାନର ଲକ୍ଷ୍ୟ ନେଇ ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ। ଏହି ଅବସରରେ ୫ ସଫଳ ସୁଭଦ୍ରା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ଓ ସହାୟତା ରାଶି ବାବଦ ଚେକ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଶ୍ରୀ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଓ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ମଂଚାସୀନ ଥିଲେ।

### ଖାଇକୁ...

ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଘଟଣାସ୍ଥଳରେ ୪ ଜଣ ଯବାନଙ୍କ ମୃତ୍ୟୁ ହୋଇଥିବା ବେଳେ ୧୭ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ଚିକିତ୍ସାଧୀନ ଥିବା ସମୟରେ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଅବଶିଷ୍ଟ ୧୧ ଜଣ ଆହତଙ୍କ ମଧ୍ୟରୁ ଜଣଙ୍କୁ ଭଦ୍ରବାହ ଉପଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ୧୦ ଜଣଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ସକାଶେ ଉଧମପୁର କମାଣ୍ଡର୍ ହସ୍ପିଟାଲ୍‌କୁ ଏୟାରଲିଫ୍ଟ କରାଯାଇଛି ବୋଲି ଭଦ୍ରେବାହ ଏଡିପି ସୁମିତ୍ କୁମାର ଭୁତୟାଲ୍ କହିଛନ୍ତି।

### ପତିରାମ...

ସୂତ୍ରରୁ ସୂଚନା ପାଇବା ପରେ ଜାମସେଦପୁରଠାରୁ ପାଖାପାଖି ୧୮୦ କିମି ଦୂରବର୍ତ୍ତୀ ଛୋଟନାଗରା ଓ ଜେରାଇକେଲା ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ସୁରକ୍ଷାକର୍ମୀମାନେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ଗୁଳି ଚଳାଇବା ପରେ ସୁରକ୍ଷାକର୍ମୀମାନେ ପାଲଟା ଆକ୍ରମଣ କରିଥିଲେ। ଏହି ଏନ୍‌କାଉଣ୍ଟର୍‌ରେ ସିଆରପିଏଫ୍‌ର କୋବ୍ରା ଯବାନ ଓ ଝାଡ଼ଖଣ୍ଡ ପୁଲିସ ସାମିଲ୍ ଥିଲେ। ଉକ୍ତ ଅଞ୍ଚଳରେ ଆହୁରି କେତେକ ମାଓବାଦୀ ଲୁଚି ରହିଥିବା ସନ୍ଦେହରେ ସୁରକ୍ଷାକର୍ମୀମାନେ ତଲାସୀ ଅଭିଯାନ ଚଳାଇଛନ୍ତି। ସେହିପରି ଏନ୍‌କାଉଣ୍ଟର୍ ସ୍ଥଳରେ ବରିଷ୍ଠ ପୁଲିସ୍ ଅଧିକାରୀ ଓ ଅର୍ଦ୍ଧସାମରିକ ଅଧିକାରୀମାନେ ପହଞ୍ଚିଛନ୍ତି।

### ଖୋଲା...

ନିର୍ବାଚନ ସହ ଏହାର କି ଲିଙ୍କ ବୋଲି କହିବା ସହ ବାପା ବିଜୟ ମହାପାତ୍ର ରାଜ୍ୟସଭା ପାଇଁ ଇଚ୍ଛୁକ ନୁହଁନ୍ତି ବୋଲି ସ୍ପଷ୍ଟ କରିଛନ୍ତି ଅରବିନ୍ଦ।

ନବୀନ ବାବୁଙ୍କୁ କିଏ ଭୁଲ୍ ତଥ୍ୟ ଦେଉଛି, ସେନେଇ ବି ପ୍ରଶ୍ନ ଉଠାଇଛନ୍ତି। ଅରବିନ୍ଦ ଆହୁରି କହିଛନ୍ତି ଯେ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ହରାଇବାକୁ ସେ ଚକ୍ରାନ୍ତ କରିଥିବା ଦଳ ଅଭିଯୋଗ କରୁଛି। କିନ୍ତୁ ସବୁଠୁ ଅଧିକ ଭୋଟ ମାଇନସ ହୋଇଛି ମହାକାଳପଡ଼ାରେ। ତେବେ ସେଠି କିଏ ଷଡ଼ଯନ୍ତ୍ର କଲେ କି ପ୍ରଶ୍ନ କରି ଅତନୁ ସବ୍ୟସାଚୀ ନାୟକଙ୍କୁ ତେର୍ଛା ବାଣ ମାରିଛନ୍ତି ଅରବିନ୍ଦ।

ଅରବିନ୍ଦଙ୍କ ନିଲମ୍ବନକୁ ନେଇ ପାଟକୁରା ବିଜେଡି ମଧ ଦୁଇ ଫାଳ ହୋଇଛି। କିଛି ଦିନ ତଳେ ବିଧାୟକଙ୍କ ସମର୍ଥନରେ ବ୍ଲକ, ପଞ୍ଚାୟତ ଓ ୱାର୍ଡସ୍ତରୀୟ ଜନ ପ୍ରତିନିଧିମାନେ ଏକାଧିକ ସାମ୍ବାଦିକ ସମ୍ମିଳନୀ କରି ନିଲମ୍ବନ ଆଦେଶକୁ ବିରୋଧ କରିବା ସହ ଏହାର ପୁନର୍ବିଚାର ପାଇଁ ନିବେଦନ କରିଥିଲେ। ଅନ୍ୟ ପକ୍ଷରେ ବିଜେଡିର ୫ ଜିଲ୍ଲା ପରିଷଦ ସଭ୍ୟ, ଡେରାବିଶ ବ୍ଲକ ଉପାଧ୍ୟକ୍ଷ ମଧ ସାମ୍ବାଦିକ ସମ୍ମିଳନୀ କରି ଏହାକୁ ଯଥାର୍ଥ ବୋଲି କହିଥିଲେ।

ଗତକାଲି ନବୀନଙ୍କ ପ୍ରତିକ୍ରିୟା ପରେ ଆଜି ପାଟକୁରାରେ ବିଜେଡିର ତୃଣମୂଳସ୍ତରୀୟ ନେତା ଓ କର୍ମୀ ମଧ ମେଳି କରିଛନ୍ତି। ଆଜି ବିଧାୟକ ସମର୍ଥନରେ ଗରଦପୁର ବ୍ଲକ ଅଧ୍ୟକ୍ଷ କହିଛନ୍ତି ଯେ ନବୀନ ନିବାସ ଯାଇଥିବା ହାତଗଣତି ନେତା ହେଉଛନ୍ତି ବାହାର ବ୍ଲକରୁ ଆମଦାନୀ ହୋଇଥିବା କର୍ମୀ। ପାଟକୁରା ନିର୍ବାଚନମଣ୍ଡଳୀର ୫୧ ପଞ୍ଚାୟତର ପ୍ରତିନିଧି ଓ ତଳ ସ୍ତରରେ ଥିବା କର୍ମୀଙ୍କୁ ନ ଡାକି ନ ବୁଝି ଦଳର ସଭାପତି ଯେଉଁ ଏକତରଫା ବାର୍ତ୍ତା ଦେଇଛନ୍ତି, ତାକୁ ଆମେ ସହଜରେ ହଜମ କରିପାରୁନାହୁଁ।

### ପଶ୍ଚିମ...

ଏଥିସହିତ ସିଆଇଆଇ ସହ ମିଳିତ ଉଦ୍ୟମରେ ରାଉରକେଲାରେ ହେବାକୁ ଥିବା ଏଣ୍ଟରପ୍ରାଇଜ ଓଡିଶା-୨୦୨୬ର ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ। ପଶ୍ଚିମ ଓଡିଶାରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସହ ନିବେଶକଙ୍କୁ ଆକୃଷ୍ଟ କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟିରେ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହେବ। ରାଜ୍ୟ ସରକାର ଏବେ ପାରମ୍ପରିକ ଶିଳ୍ପ ପରିବର୍ତ୍ତେ ଅଧିକ ନିଯୁକ୍ତି ସୃଷ୍ଟିକାରୀ ଏବଂ ନୂଆ ଯୁଗର ଶିଳ୍ପକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ସରକାର ଭିତ୍ତିଭୂମୀ ବିକାଶ ସାଙ୍ଗକୁ ଶିଳ୍ପନୀତିରେ ସଂଶୋଧନ ମଧ କରିଛନ୍ତି।

ରାଜ୍ୟରେ ବିଜେପି ସରକାର ଶାସନ ଭାର ଗ୍ରହଣ କରିବା ଦିନରୁ କେବଳ ପଶ୍ଚିମ ଓଡିଶାରେ ୧ଲକ୍ଷ ୨୮ ହଜାର ୪୭୨ କୋଟିର ପୁଞ୍ଜିନିବେଶ ହୋଇଛି। ଏହିସବୁ ପ୍ରକଳ୍ପ ଜରିଆରେ ୬୯ହଜାର ୩୩୮ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହେଉଥିବା ରୋଡ ସୋ ପରେ ଓଡିଶାରେ ନିବେଶ ପାଇଁ ନିବେଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି।

### ଓଡ଼ିଆ...

ଭାଷା ପାଇଁ ଆବଶ୍ୟକୀୟ ସଂସ୍ଥାଗତ ସୁଦୃଢ଼ିକରଣ ପ୍ରାସଙ୍ଗିକତା ରଖୁଛି। ତା' ସହିତ, ରାଜ୍ୟର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାକୁ ଏକ ବୈକଳ୍ପିକ ବିଷୟ ଭାବରେ ଆରମ୍ଭ କରିବା ଏବଂ ଓଡ଼ିଆ ଭାଷା ବିଭାଗ ପ୍ରତିଷ୍ଠା କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷାରେ ଭାଷା-ନିରନ୍ତରତା ଉପଲବ୍ଧ ହୋଇପାରିବ ବୋଲି ଶିକ୍ଷା ମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଓଡ଼ିଶା-ଗୁଜରାଟ ମଧ୍ୟରେ ସ୍ଥାନାନ୍ତରିତ ହେଉଥିବା ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଏନସିଇଆରଟି ଆଧାରିତ ପାଠ୍ୟକ୍ରମ ପ୍ରଚଳନ କରିବାକୁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ। ଏହି କ୍ରମରେ ଓଡ଼ିଆ ଭାଷା ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଟିଏଟି) ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ସରକାରୀ ବିଦ୍ୟାଳୟରେ ଯୋଗ୍ୟ ଓଡ଼ିଆ ଶିକ୍ଷକଙ୍କ ଅଭାବ ଦୂର ହୋଇପାରିବ।

'ସୁରଟ ଓଡ଼ିଆ ସମାଜ' ପକ୍ଷରୁ ମିଳିଥିବା ଆବେଦନ ପତ୍ରକୁ ମଧ ସେ ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ସଂଲଗ୍ନ କରିଛନ୍ତି। ଗୁଜରାଟ ସରକାର ଏହି ବିଷୟଗୁଡ଼ିକ ଉପରେ ସହାନୁଭୂତିର ସହ ବିଚାର କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି।

### ରାଜ୍ୟସଭା...

ମାତ୍ର ଗୋଟିଏ ଆସନ ଖାଲି ହେବ।

ଏହି ନିର୍ବାଚନ ପ୍ରକ୍ରିୟାରେ ରିଟର୍ଣ୍ଣିଂ ଅଫିସର ଓ ସହାୟକ ରିଟର୍ଣ୍ଣିଂ ଅଫିସରଙ୍କ ନିଯୁକ୍ତି ପାଇଁ ପ୍ରସ୍ତାବ ମଗାଯାଇଛି। ଏହି ପ୍ରସ୍ତାବରେ ଅଧିକାରୀମାନଙ୍କର ଟେଲିଫୋନ୍ ନମ୍ବର, ମୋବାଇଲ୍ ନମ୍ବର, ଫ୍ୟାକ୍ସ ନମ୍ବର ଓ ଇ-ମେଲ୍ ଆଇଡି ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ଏଥିସହ ଭୋଟ୍ ଗ୍ରହଣ ସ୍ଥାନ ଓ ବ୍ୟବହୃତ ହେବାକୁ ଥିବା ବାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ମଧ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଆସନ୍ତା ଏପ୍ରିଲ ୨ରେ ଓଡ଼ିଶାର ୪ ସାଂସଦଙ୍କ କାର୍ଯ୍ୟକାଳ ସରୁଛି। ବିଜେପିର ମମତା ମହନ୍ତ ଓ ସୁଜିତ୍ କୁମାରଙ୍କ କାର୍ଯ୍ୟକାଳ ସରିବା ସହ ବିଜେଡିର ମୁନ୍ନା ଖାଁ ଓ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ବି ସରିବ।

### କଂଗ୍ରେସ...

ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ। ସେ ମଧ ଏହାକୁ ସ୍ୱୀକାର କରିଛନ୍ତି। ତେବେ ସେ କହିଛନ୍ତି ଯେ ବରିଷ୍ଠ ନେତାମାନେ ଯଦି ଏକାଠି ହେବେ, ତା'ହେଲେ ଯାଇ ପୁଣି କଂଗ୍ରେସ ଭୋଟ ଫେରିଆସିବ। ସେହିଭଳି ନିରଞ୍ଜନ କହିଛନ୍ତି ଯେ କଂଗ୍ରେସ ଏବେ ଲୋକଙ୍କ ପାଖରେ ପହଞ୍ଚିବା ଦରକାର। କ୍ଷମତା ଲୋଭ ଛାଡ଼ି ଦଳ କ୍ରିୟାଶୀଳ ହେଲେ ଲୋକଙ୍କ ଆସ୍ଥାଭାଜନ ହୋଇପାରିବ। ଆଗକୁ ପଞ୍ଚାୟତ ନିର୍ବାଚନ ଅଛି, ଲୋକଙ୍କ ମନ ପରିବର୍ତ୍ତନ ହେଲେ ଦଳ ପୁଣି ଥରେ କ୍ଷମତାକୁ ଫେରିପାରିବ ବୋଲି ସେ କହିଛନ୍ତି।

### ନବୀନଙ୍କ...

ମାତ୍ର ପଦୁଟିଏ କଥା କହି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଦା କରିଦେଉଥିଲେ। ହେଲେ ଏଥର ନିଲମ୍ବନର ପ୍ରାୟ ଚାରି ଦିନ ପରେ ନବୀନ ମୁହଁ ଖୋଲି ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ସ୍ପଷ୍ଟୀକରଣ ଅରବିନ୍ଦଙ୍କ ପ୍ରମାଣ ମାଗିବା ସଂକ୍ରାନ୍ତରେ ଥିଲା। କାରଣ ସନାତନ ନିଲମ୍ବନ ପରଠାରୁ ଆଉ ମୁହଁ ଖୋଲୁନାହାନ୍ତି କି ଗଣମାଧ୍ୟମ ବି ତାଙ୍କୁ ଆଉ ଖୋଜୁନାହିଁ। ତେବେ ପ୍ରଥମ ଦିନର ଅଭିଯୋଗ ଓ ଶେଷ ଦିନର ସ୍ପଷ୍ଟୀକରଣ ମଝିରେ ବିଜେଡି ପକ୍ଷରୁ ବିଜେଡିକୁ ଭାଙ୍ଗିବା ପାଇଁ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦଙ୍କୁ ଆଗରେ ରଖି ଷଡ଼ଯନ୍ତ୍ର କରୁଥିବା କୁହାଯାଇଥିଲା।

କେନ୍ଦ୍ରାପଡ଼ାରୁ ଆସିଥିବା ଅରବିନ୍ଦବିରୋଧୀ ବି ସମାନ କଥା କହୁଛନ୍ତି। ହେଲେ ନବୀନ ପଟ୍ଟନାୟକ ସେ ବିଷୟରେ ପଦୁଟିଏ କହିନାହାନ୍ତି। ବିଜେଡି ମୁଖପାତ୍ର ବି ଆଉ ସେ ପ୍ରସଙ୍ଗ ଉଠାଉନାହାନ୍ତି। ଅନ୍ୟ ପକ୍ଷରେ ବିଧାୟକ ଅରବିନ୍ଦ ମହାପାତ୍ର ନିଲମ୍ବନ ପ୍ରସଙ୍ଗରେ କିନ୍ତୁ ନଛୋଡ଼ବନ୍ଧା। ନବୀନଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଗଣମାଧ୍ୟମ ସାମ୍ନାରେ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି। ବିଜେଡି ଓ ଅରବିନ୍ଦଙ୍କ ମଧ୍ୟରେ ଚାଲିଥିବା ଏହି ରାଜନୀତି ଯୁଦ୍ଧ ଆଗାକୁ କି ରୂପ ନେଉଛି, ତା' ଉପରେ ଏବେ ସମସ୍ତଙ୍କ ନଜର।

### ତିନି...

ବିଧାୟକ କ୍ରସ୍ ଭୋଟିଂ କରିବେ ବୋଲି ଦଳର ବରିଷ୍ଠ ନେତାମାନେ ସନ୍ଦେହ କରୁଥିବାରୁ ବରିଷ୍ଠ ନେତାମାନେ ସେ ଯୋଜନାରୁ ଦୂରେଇ ରହିବାକୁ ପସନ୍ଦ କରୁଛନ୍ତି।

ସେହିଭଳି ବିଜେଡି ଦଳରେ କ୍ରସ ଭୋଟିଂର ଭୟ ଥିବା ସମସ୍ତେ ଜାଣନ୍ତି। ଦଳର ଗୋଟିଏ ପ୍ରାର୍ଥୀ ପାଇଁ କେହି ଦଳୀୟ ହ୍ୱିପକୁ ଅବମାନନ କରିନପାରନ୍ତି। ହେଲେ ଚତୁର୍ଥ ପ୍ରାର୍ଥୀଙ୍କ ପାଇଁ କ୍ରସ ଭୋଟିଂ ହେବା ଭୟ ବଜେଡି ଦଳରେ ଅଧିକ। ୩୨ରୁ ୩୫ ବିଧାୟକ କ୍ରସ ଭୋଟିଂ ସ୍ଥାନରରେ ଥିବା ଦଳ ଭିତରେ ଚର୍ଚ୍ଚା ହେଉଛି।

ହିତାଧିକାରୀଙ୍କଠାରୁ ଲାଞ୍ଚ ନେବା ମାମଲା

## ପୂର୍ବତନ ଗ୍ରାମ ରୋଜଗାର ସେବକଙ୍କୁ ଜେଲ୍

**ସୁବର୍ଣ୍ଣପୁର,୨୨।୧(ସଂଚାର ବ୍ୟୁରୋ):** ଆଜି ବଲାଙ୍ଗିର ଭିଜିଲାନ୍ସ କୋର୍ଟ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତର ପୂର୍ବତନ ଗ୍ରାମ ରୋଜଗାର ସେବକ ସୌଭାଗ୍ୟବନ୍ତ ସାହୁଙ୍କୁ ଏକ ଲାଞ୍ଚ ମାମଲାରେ ଦଣ୍ଡିତ କରିଛନ୍ତି। ବିଜୁ କୋଠାଘର ଯୋଜନାରେ ଜଣେ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ଦେବାକୁ ସେ ଲାଞ୍ଚ ନେଇ ଦୁର୍ନୀତି ନିବାରଣ ହାତରେ ଧରା ପଡ଼ି ସମ୍ବଲପୁର ଥାନାରେ ମାମଲା ରୁଜୁ ହୋଇଥଲା। ମାମଲାର ବିଚାରକରି ଅଦାଲତ ଶ୍ରୀ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ଆଜି କୋର୍ଟ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ଜେଲ ହାଜତକୁ ପଠା ଯାଇଛି।

## ପାଗଳ କୁକୁର କାମୁଡ଼ାରେ ୧୨ ଗୁରୁତର

**କେନ୍ଦୁଝର, ୨୨।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ଆଜି ଏକ ପାଗଳା କୁକୁର ଆକ୍ରମଣଯୋଗୁଁ ଆତଙ୍କ ଖେଳିଯାଇଛି। ଆଜି ସକାଳୁ ଏହି କୁକୁରଟି ଉତ୍ପାତ ଆରମ୍ଭ କରିଥିଲା। ଏହି ପାଗଳା କୁକୁର ପ୍ରଥମେ ସକାଳୁ ସକାଳୁ ବେଗନା ଗ୍ରାମରେ ୫ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ଏହାପରେ କୁକୁରଟି ଯେଉଁ ରାସ୍ତା ଦେଇ ଗଲା ରାସ୍ତାରେ ଯାହାକୁ ପାଇଲା କାମୁଡ଼ିଥିଲା। ଏହି ଆକ୍ରମଣରେ ସନ୍ଧ୍ୟା ସୁଦ୍ଧା ମୋଟ ୧୨ ଜଣଙ୍କୁ ଆକ୍ରମଣ କରି ଖଣ୍ଡିଆ ଖାବରା କରି ଦେଇଛି। ସମସ୍ତ ଗୁରୁତର ଓ ଆହତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଓ ଆହତ ବ୍ୟକ୍ତିମାନେ ହେଲେ ସିଲୁ ନାଏକ, କ୍ରିସ୍ ନାଏକ, ଦିବ୍ୟସଚି ସେଠୀ, ଦୈତାରୀ ମହାନ୍ତ, ବନିତା ସେଠୀ, ସାଇ ଶ୍ରଦ୍ଧା ସେଠୀ, ବର୍ଷାରାଣୀ ମହାନ୍ତ, ନିରୋୟାନ ଗିରୀ, ଅଜିତ ମୁଣ୍ଡା, ଶକୁନ୍ତଳା ମହାନ୍ତ, ପପୁନ ନାଏକ, ହିମାଂଶୁ ଶେଖର ବିଶ୍ୱାସ, ବୋଲି ଜଣାପଡ଼ିଛି। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଉଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମତଦାତାଙ୍କ ସଂକଳ୍ପ ପାଠ



**କଟକ,୨୨।୧(ସଂଚାର ବ୍ୟୁରୋ):** ଆସନ୍ତା ୨୫ ଜାନୁୟାରୀ ରେ ହେବାକୁ ଥିବା ଜାତୀୟ ମତଦାତା ଦିବସ ଉପଲକ୍ଷେ ଆଜି ପୂର୍ବାହ୍ନ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା କକ୍ଷଠାରେ ମତଦାତାଙ୍କ ସଂକଳ୍ପ ପାଠ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜିତ୍ ଦାସ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ସଂକଳ୍ପ ପାଠ କରାଇଥିଲେ। ସଂକଳ୍ପରେ "ଆମେ ଭାରତର ନାଗରିକ ବୃନ୍ଦ, ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଏହି ଶପଥ ନେଉଛୁ କି ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବୁ ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭୀକ ହୋଇ, ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାରର ପ୍ରୟୋଗ କରିବୁ" ବୋଲି ମତଦାତାମାନେ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ଆଜିର ଏହି ଗରିମାମୟ କାର୍ଯ୍ୟକ୍ରମ "ମୋ ଭାରତ, ମୋ ଭୋଟ" ଧାରଣା କୁ ନେଇ ଆୟୋଜନ କରାଯାଇଥିଲା। ଏହି ଅବସରରେ ଡେପୁଟି କଲେକ୍ଟର (ନିର୍ବାଚନ) ଅମ୍ଳାନ ଅପରାଜିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସଂକଳ୍ପ ପାଠ ରେ ଅଂଶଗ୍ରହଣ କରିଥିଲେ। ଗଣତନ୍ତ୍ରର ମୂଳ ଆଧାର ଭାବେ ମତଦାନର ଗୁରୁତ୍ୱ ଓ ନାଗରିକଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଥିଲା।

# କର୍ମଚାରୀ, ସମ୍ପାଦକ ଓ ମିଲର ମିଲିଭଗତରେ ଚାଷୀ ଶୋଷଣ

- ବିଳମ୍ବରେ ଅଖା ମିଳିବାରୁ ଚାଷୀ ହନ୍ତସନ୍ତ
- ଧାନ ମଣ୍ଡିକୁ ଆସୁନି ଗ୍ରେନ ଆନାଲାଇଜର
- ଦାୟିତ୍ୱ ଥିବା ଅଧିକାରିଣୀ ନଡ଼ିଆ ବାଡେଇ କାମ ସାରିଦେଉଛନ୍ତି



**କାକଟପୁର/ଅସ୍ତରଙ୍ଗ,୨୨।୧(ସଂଚାର ବ୍ୟୁରୋ):** ଧାନର ମାନ ପରୀକ୍ଷଣ ହେଉନି, କିନ୍ତୁ ମଣ୍ଡିରେ ମନଇଚ୍ଛା ଚାଲିଛି କଟନି -ଛଟନୀ। ମିଲର ଏଫଏକ୍ୟୁ ଅସ୍ତ୍ର ଆଗରେ ଚାଷୀ ମୁଣ୍ଡ ନୁଆଁଉଥିବା ବେଳେ କଟନୀ ଛଟନୀ ଅସମାନତା କିନ୍ତୁ ଅସନ୍ତୋଷ ସୃଷ୍ଟି କରିଛି। ଅନ୍ୟ ପଟେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ସେବା ସମବାୟ ସମିତିରେ ଗୁରୁବାର ବ୍ଲକର ପ୍ରଥମ ଧାନ ମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ସ୍ଥାନୀୟ ନୋଡାଲ ଅଧିକାରିଣୀ, ସମ୍ପାଦକ ଓ ମିଲର ମିଲିଭଗତ ରେ ଚାଷୀ ଶୋଷଣ ହେବାକୁ ବସିଛି। ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ବିଡ଼ିଓ ଙ୍କୁ ଚାଷୀଙ୍କ ସମସ୍ୟା କୁ ନଜର ରଖି ଉପଯୁକ୍ତ ସେବା ଯୋଗାଇଦେବା ସହ ସମସ୍ୟା ବୁଝିବାକୁ ଅସ୍ତରଙ୍ଗ ବିଡ଼ିଓ ଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲ୍ଲା ପ୍ରଶାସନନିୟମ କୁ ଖୁଲମ ଖୁଲ୍ଲା ଉଲ୍ଲଘଂନ କରି ଅତିଥି ଙ୍କ ଉପସ୍ଥିତ ରେ ବିଡ଼ିଓ ନଡ଼ିଆ ବାଡେଇ କାମ ସାରିଦେଲେ। କିନ୍ତୁ ଚାଷୀ ଧାନ ର ମାନ ଯାଞ୍ଚ ପାଇଁ ଗ୍ରେନ ଆନାଲାଇଜର ମେସିନ ନଥିବା ବେଳେ ଧାନର ମାନ କିପରି ଯାଞ୍ଚ ହେବ ତଦାରଖ ନ କରି ପଳାଇଯାଇଥିଲେ। କିନ୍ତୁ ଧାନ ପଡି କି ରହିଲା। ଅନ୍ୟ ପଟେ ସରକାରୀ କାଗଜ କଲମ ରେ କଟନୀ ଛଟନୀ ମନା। ମାତ୍ର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ବିନା କଟନୀ ଛଟିନୀ ରେ ଧାନ ଉଠାଉନାହାନ୍ତି ମିଲର୍ସ। ଅସାଧୁ କର୍ମଚାରୀ, ସମ୍ପାଦକ ଓ ମିଲର୍ସ ମିଲିଭଗତ ଯୋଗୁଁ ମାନ ପରୀକ୍ଷଣ ଭଳି ଝିନଝଟରେ ନ ପଶି ସର୍ବନିମ୍ନ କଟନୀ ଛଟନୀ ରେ ଧାନ ବିକ୍ରି କରିବାକୁ ରାଜି ଦେଖିବାକୁ ମିଳୁଛି।ମଣ୍ଡିରେ ଧାନ ନେବା ପାଇଁ ଚାଷୀଙ୍କ ମୋବାଇଲି କୁ ଆସିଛି ମେସେଜ। ହେଲେ ଉଠିପାରୁନି ଧାନ। ଯାହାକି ଏବେ ଚାଷୀ ଚିନ୍ତାରେ ରହିଛନ୍ତି। ଏ ନେଇ ମଧ ବିଡ଼ିଓ ଙ୍କ କୌଣସି ଉତ୍ତର ମିଳିନଥିବା ବେଳେ ଅଧିକାରିଣୀ ଙ୍କ ଏଭଳି ଦାୟିତ୍ୱହୀନତା ପାଇଁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟ ପଟେ କେନ୍ଦ୍ରାପଟି ସେବା ସମବାୟ ସମିତି ରେ ଉଚ୍ଚ ସ୍ତରୀୟ ତଦନ୍ତ ଜରୁରୀ ବୋଲି ଅନେକ ଚାଷୀ ଦାବୀ କରିଛନ୍ତି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଅମଳ କରିଥିବା ଚାଷୀକୁଳରେ ଏବେ ଭାଳେଣି ପଡିଛି। କେନ୍ଦ୍ରାପଟି ସେବା ସମବାୟ ସମିତିରେ ଚଳିତ ବର୍ଷ ୩୮୭ଚାଷୀ ପଞ୍ଜିକରଣ କରିଥିବା ବେଳେ ଅନୁପାତୀତ ଟାର୍ଗେଟ ରହୁନି। ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଉଥିବା ବେଳେ ଚାଷୀ ଟୋକନ କାଣ୍ଟ ଛାଣ୍ଟ କୁ ନେଇ ଅଭିଯୋଗ ଆଣୁଛନ୍ତି। ଚାଷୀ ଙ୍କ ଠାରୁ ଅଧିକ ଧାନ ନ କିଣିବାକୁ ଏହା ଏକ ସୁଚିନ୍ତିତ ଫନ୍ଦି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ମିଲର ମାନେ ଧାନ ଅଖା ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ସେମାନେ ବିଳମ୍ବ କରୁଛନ୍ତି। ଚାଷୀ ପୂର୍ବରୁ ପ୍ଲାଷ୍ଟିକ ଅଖାରେ ଧାନ ଭର୍ତ୍ତି କରିଥିବା ବେଳେ ସେମାନଙ୍କୁ ଚିରା ଓ ଫଟା ଝୋଟ ଅଖା ରେ ଦେଉଛନ୍ତି ମିଲର୍ସ। ଏହା ସହ ଅଖା ବାବଦରେ ଧାନ କାଟୁଛନ୍ତି।

## ଜଙ୍ଗଲ ଛାଡ଼ି ସହରମୁହାଁ ଜଙ୍ଗଲି ପଶୁପକ୍ଷୀ

### ଖାଦ୍ୟ ଅଭାବରୁ ସଙ୍କଟରେ ଜଙ୍ଗଲି ପଶୁ ପକ୍ଷୀ

**ଆନନ୍ଦପୁର,୨୨।୧(ସଂଚାର ବ୍ୟୁରୋ):** ପଶୁପକ୍ଷୀ ଜଙ୍ଗଲ ଛାଡ଼ି ସହର ମୁହାଁ! ହଁ ଦର୍ଶକ ବନ୍ଧୁ, ଏବେ ଜଙ୍ଗଲି ପଶୁପକ୍ଷୀ ଖାଦ୍ୟ ଖୋଜି ଖୋଜି ସିଧା ସହର ରାସ୍ତାରେ ବି ଦେଖା ଦେଉଛନ୍ତି। ଏହା ମାତ୍ର ଏକ ଦୃଶ୍ୟ ନୁହେଁ, ବରଂ ଏହା ଏକ ସଙ୍କଟର ଗଭୀର ସତ୍ୟ। ମଣିଷ ର ନିଜ ସ୍ୱାର୍ଥ, ଅବିବେକୀ ଗଛକାଟା, ଅବୈଧ ଉଦ୍ଧାରଣ ଓ ଜଙ୍ଗଲ ଧ୍ୱଂସ ଏଇ ସବୁରେ ଆଜି ପ୍ରଭାବିତ ହେଉଛି ଜଙ୍ଗଲି ପଶୁପକ୍ଷୀ। ଖାଦ୍ୟ ଓ ପାଣିର ଅଭାବ ରୁ ବାଧ ହୋଇ ଏବେ ପଶୁ ପକ୍ଷୀ ସହର କୁ ଯାଉଛନ୍ତି। ଘର ବାଡ଼ି, ଫାର୍ମହାଉସ୍, ବଜାର, ସହର ରାସ୍ତା ସବୁଠି ତାଙ୍କ ଉପସ୍ଥିତି ଭୟ ଓ ଆଶଙ୍କା ସୃଷ୍ଟି କରୁଛି। ଏଥିପାଇଁ ବିଶେଷଜ୍ଞମାନେ ସ୍ପଷ୍ଟ କହୁଛନ୍ତି ଏହା ଆଜି ଦିନର ସମସ୍ୟା ନୁହେଁ, ଏହା ଅବିରତ ଜଙ୍ଗଲ ଧ୍ୱଂସର ପରିଣାମ। ଯେଉଁଠି ଆଗରୁ ଜଙ୍ଗଲ ଥିଲା, ଏବେ ସେଠାରେ ସଡକ, କାରଖାନା ଓ ଅବସାନ ଗୃହର ନିର୍ମାଣ ହେଉଛି। ପଶୁ ପକ୍ଷୀ ମଣିଷଙ୍କ ବିଦ୍ରୋହୀ ନୁହେଁ, ତାଙ୍କର ଘର ଭଙ୍ଗା ଯାଉଛି, ତେଣୁ ସେମାନେ ଆମର ଘରକୁ ପହଞ୍ଚୁଛନ୍ତି। ମଣିଷ ଙ୍କ ସ୍ୱାର୍ଥ ସାଧନ ପାଇଁ ପ୍ରକୃତି ର ନିର୍ଦ୍ଦୟ ଶୋଷଣ, ଜଙ୍ଗଲ ଏବେ ନାମକୁ କେବଳ, ତେବେ ଏପରି ପରିସ୍ଥିତି ରେ ସରକାରଙ୍କ 'ଜଙ୍ଗଲ ସୃଷ୍ଟି' ପ୍ରୟାସ କେବଳ ପ୍ରହସନ ଓ କାଗଜ କଲମରେ ରହି ଯାଇଛି ବୋଲି ମନେ ହେଉଛି। ପରିବେଶ ପ୍ରେମୀମାନେ ଏହାକୁ ପ୍ରହସନ ବୋଲି ବର୍ଣ୍ଣନା କରୁଛନ୍ତି। ଯଦି ଏହି ଭାବରେ ଜଙ୍ଗଲ କମିବା ଓ ସହର ବଢ଼ିବା ଚାଲିଥାଏ, ତେବେ ଆଗାମୀ କାଳ ରେ ମଣିଷ-ପଶୁ ସଂଘର୍ଷ ଅଧିକ ଭୟଙ୍କର ରୂପ ନେଇପାରେ। ପରିବେଶ ବଞ୍ଚିଲେ ଆମେ ବଞ୍ଚିବୁ ଏହି ସତ୍ୟ କୁ ଯେତେ ଶୀଘ୍ର ଏ ମଣିଷ ବୁଝିବ ତେବେ ସମାଜ ପାଇଁ ଭଲ ହେବ ବୋଲି ସାଧୁ ସନ୍ଥ ମାନେ କହୁଛନ୍ତି।

## ମଣ୍ଡି ଖୋଲିଲା, ଧାନ ଉଠାଉ ନାହାନ୍ତି ମିଲର



**କାକଟପୁର/ଅସ୍ତରଙ୍ଗ,୨୨।୧(ସଂଚାର ବ୍ୟୁରୋ):** ମଣ୍ଡି ଖୋଲିଲା। ଚାଷୀ ଖରିଫ ଧାନ ବିକିବାକୁ ଆଣିଲେ। ମାତ୍ର ମିଲର ଧାନ ଉଠାଉ ନାହାନ୍ତି। ଶୀତ ରାତିରେ କାକରରେ ପଡ଼ି ରହିଛି। ମିଲର କହୁଛନ୍ତି, କୁଇଣ୍ଟାଲ ପିଛା ୬ରୁ ୭କେଜି ରୁ କମ୍ କାଟ ହେଲେ ଧାନ ଉଠାଇବୁ ନାହିଁ। ତଥାପି ମିଲର ଧାନ ଉଠାଉ ନାହାନ୍ତି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ସେବା ସମବାୟ ସମିତି ରେ। ବିଭାଗୀୟ ଅଧିକାରୀ ନଡ଼ିଆ ବାଡେଇ କାମ ସାରିଥିବା ବେଳେ ଧାନ ଶୀତ ରାତିରେ ବାହାରେ ପଡ଼ିରହିଲା। ମିଲର କଟନି ଛଟନି ବାବଦ କୁ ୭କେଜି ଧାନରୁ କମ୍ ହେଲେ ଉଠାଇବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି। ବିଭାଗୀୟ ଅଧିକାରିଣୀ ଙ୍କୁ ଜିଲ୍ଲା ପ୍ରଶାସନ ଦାୟିତ୍ୱ ଦେଇଥିବା ବେଳେ କାହିଁକି ଧାନ ଉଠିଲା ନାହିଁ ତାହା ପ୍ରଶ୍ନବାଚୀ।

## ରେଞ୍ଜରଙ୍କ ଘର ନିକଟରୁ ମିଳିଲା ମୃତହାତୀର ଶରୀର

### ମୋବାଇଲ ଲାଇଟରେ ହେଲା ଶବ ବ୍ୟବଚ୍ଛେଦ!




**ଫୁଲବାଣୀ,୨୨।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ବେଲଘର ରେଞ୍ଜ ମୁଣ୍ଡୁଟି ଜଙ୍ଗଲରୁ ହାତୀର ମୃତଦେହ ଗାଏବ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହି ମୃତହାତୀର ଖଣ୍ଡବିଖଣ୍ଡିତ ଅଂଶ ବୁଧବାର ନିଲମ୍ବିତ ରେଞ୍ଜର ବିନୟ ବିଶିଙ୍କ ଘର କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ତହଁସିର ଡ୍ୟାମ୍ ନିକଟ ନିକଟରୁ ମିଳିଛି। ସୂଚନା ଅନୁସାରେ, ମୁଣ୍ଡୁଟି ଜଙ୍ଗଲରୁ ହାତୀ ମୃତ୍ୟୁ ଓ ଶବକୁ ନେଇ ଅନ୍ୟତ୍ର ପୋତିଦେବା ଘଟଣାରେ ବନ ବିଭାଗ ପକ୍ଷରୁ ରେଞ୍ଜର ବିନୟ ବିଶିଙ୍କୁ ମଙ୍ଗଳବାର ଚାକିରିରୁ ନିଲମ୍ବନ କରାଯାଇଥିଲା। ତେବେ ହାତୀର ଶବ ମିଳିନଥିଲା। ବାଲିଗୁଡ଼ା ଡିଏଫ୍ଓ ଏହି ଘଟଣାର ତଦନ୍ତ କରୁଥିଲେ। ବୁଧବାର ଜଏଣ୍ଟ୍ ଟାସ୍କଫୋର୍ସ ଟିମ୍ ସହ ବାଲିଗୁଡ଼ା ଡିଏଫ୍ଓ ଘନଶ୍ୟାମ ମହନ୍ତ ଓ ତୁମୁଡ଼ିବନ୍ଧ ରେଞ୍ଜର କାଳୀଚରଣ ବେହେରା ନିଲମ୍ବିତ ରେଞ୍ଜର ଶ୍ରୀ ବିଶିଙ୍କ ଗାଁ କେସିଙ୍ଗାର ତହଁସିରରେ ପହଞ୍ଚି ତନାଘନା କରିଥିଲେ। ହାତୀର ଶବ ପୋତିବା ଘଟଣାରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କ ସୂଚନା ଆଧାରରେ ବାଲିଗୁଡା ବନଖଣ୍ଡ ବିଭାଗ ଓ କଳାହାଣ୍ଡି ବନଖଣ୍ଡ ବିଭାଗ ଅଧିକାରୀମାନେ ତହଁସିର ଡ୍ୟାମ୍ ନିକଟରେ ପୋତାଯାଇଥିବା ସ୍ଥାନ ଚିହ୍ନଟ କରିଥିଲେ। ଏହି ଅପରେସନକୁ ସମ୍ପୂର୍ଣ୍ଣ ଗୁପ୍ତ ରଖିବା ପାଇଁ ମିଳିଥିବା ସ୍ଥାନରେ ଗ୍ରିନ୍ ବ୍ୟାରିକେଡ୍ କରି ରଖିଥିଲେ। ଜେସିବି ଦ୍ୱାରା ମାଟି କଢା ଯାଇ ୭ ଫୁଟ୍ ତଳୁ ହାତୀ ଶରୀରର ବିଭିନ୍ନ ଅଂଶ ପାଇଥିଲେ। ହାତୀକୁ ଟିକିଟିକି କରି କାଟି ପୋତା ଯାଇଥିବା ଅନୁମାନ କରାଯାଉଛି। ତେବେ ଦେହାଂଶର ଅଧିକାଂଶ ପଚିସଢ଼ି ଯାଇଥିବା ବେଳେ ଶୁଣ୍ଢ, ଗୋଡ଼, ମୁଣ୍ଡ ଆଦି ମିଳିଥିଲା।

## ଜିଲ୍ଲାପାଳ କାର୍ଯ୍ୟାଳୟରେ ମତଦାତା ଶପଥ ଗ୍ରହଣ

**ଫୁଲବାଣୀ,୨୨।୧(ସଂଚାର ବ୍ୟୁରୋ):** ଜାତୀୟ ମତଦାତା ଦିବସ-୨୦୨୬ ଅବସରରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମତଦାତା ସପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାୟକ ମହୋଦୟ, ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମତଦାତା ସପଥ ପଠନ କରାଇଥିଲେ।ଏଥିରେ



ଉପଜିଲ୍ଲାପାଳ, ସମସ୍ତ ସହକାରୀ ଜିଲ୍ଲାପାଳ ସହିତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନିର୍ଭୟ, ନିଷ୍ପକ୍ଷ ଓ ସଚେତନ ଭାବରେ ମତଦାନ କରିବା ସହ ଦାୟିତ୍ୱଶୀଳ ନାଗରିକ ଭାବେ କର୍ତ୍ତବ୍ୟ ପାଳନ ପାଇଁ ସଙ୍କଳ୍ପ ଗ୍ରହଣ କରିଥିଲେ।

## ଭାଲୁର ଆତଙ୍କ ବୃଦ୍ଧା ଗୁରୁତର, ଦୁଇ ଆହତ



**ନୀଳଗିରି,୨୨।୧(ସଂଚାର ବ୍ୟୁରୋ):** ଆଜି ଭୋର ୫ ଟାସମୟରେ ଠାକୁର ଙ୍କ ପାଇଂ ଫୁଲ ସଂଗ୍ରହ କରିବାକୁ ନୀଳଗିରି ଏନଏସି ଅଧିନସ୍ଥ ୮ ନମ୍ବର ୱାର୍ଡ ର ପୁଷ୍ପ ଲତା ବୈଠା ଓ କନକ କୁଁଅର ଉଭୟେ ଅଲଗା ଅଲଗା ଫୁଲ ତୋଳୁ ଥିବା ସମୟରେ ପ୍ରଥମେ ପୁଷ୍ପ ଲତା ବୈଠା ଙ୍କୁ ଆମ୍ପୁଡ଼ି କ୍ଷତାକ୍ତ କରିଦେଇ ଥିବା ବେଳେ ହଠାତ କନକ କୁଁଅର ଶବ୍ଦ ଶୁଣି ପଛ ଆଡକୁ ଚାହିଁ ବା ବେଳକୁ ତାଙ୍କୁ ଭାଲୁ ଠେଲି ଦେବାରୁ କଚାଡି ପଡ଼ିଲେ ଫଳରେ ତାଙ୍କ ଗୋଡ ଭାଙ୍ଗି ଯାଇଛି।ଏହି ସମୟରେ ନିତ୍ୟା ନନ୍ଦ ସାହୁ ଘରୁ ଆସୁଥିବା ସମୟରେ ଭାଲୁ ଆକ୍ରମଣ ର ଶିକାର ହୋଇ ଥିଲେ। ଏ ନେଇ ତିନିଜଣ ନୀଳଗିରି ଡାକ୍ତର ଖାନା ରେ ଚିକିତ୍ସିତହେଉଛନ୍ତି। ଆଶ୍ଚର୍ଯ୍ୟ ର କଥା ବନ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ମିଟର ଭିତରେ ଥାଇ କୌଣସି ପଦକ୍ଷେପ ନେଇପାରୁନାହିଁ ଓ ଯାହାଫଳରେ ଗ୍ରାମାଞ୍ଚଳ ଠାରୁ ସାଧାରଣ ଲୋକଙ୍କ ଧନଜୀବନ ବିପଦ ଅବସ୍ଥା ଗତି କରୁଥିବାରୁ ଘରୁ ବାହାରକୁ ବାହାରିବାକୁ ଭୟଭୀତ ହେଉ ଛନ୍ତି। ଏପରି କି ସକାଳୁ ସକାଳୁ ମର୍ନିଙ୍ଗ ୱାର୍କ କରିବାକୁଲୋକେ ଡରୁଛନ୍ତି। ଏଥିପ୍ରତି ବନବିଭାଗ ନଜର ଦେବାକୁ ସାଧାରଣ ଲୋକଦାବୀ କରିଛନ୍ତି।

## ଚର୍ମ ତତ୍ତ୍ୱାବଧାନକୁ ନେଇ ସୋଆ ଏସ୍‌ପିଏସ ପକ୍ଷରୁ ଆର୍ନ୍ତଜାତିକ ସମ୍ମିଳନୀ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ଚର୍ମ ର ତତ୍ତ୍ୱାବଧାନ ଏବଂ ଅତ୍ୟାଧୁନିକ ପ୍ରକ୍ରିୟାରେ କ୍ଷତ ପରିଚାଳନା କ୍ଷେତ୍ରରେ ସ୍ମାର୍ଟ ବାୟୋମ୍ୟାଟେରିଆଲ୍ସ, ନାନୋ ଟେକ୍ନୋଲୋଜି ଏବଂ ଡ଼ିଜିଟାଲ୍ ସେନସିଂରେ ବିକାଶକୁ ନେଇ ବିଭିନ୍ନ ଦକ୍ଷିଣ ପୂର୍ବ ଏସିଆ ଦେଶ ଗୁଡିକର ବିଶେଷଜ୍ଞ ମାନେ ଏକତ୍ରିତ ହୋଇ ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ ଏକ ଦିବସୀୟ ସମ୍ମିଳନୀରେ ଆଲୋଚନା କରିଛନ୍ତି। ସୋଆ ପରିଚାଳିତ ସ୍କୁଲ୍ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ (ଏସପିଏସ) ପକ୍ଷରୁ 'ଦ ଇଣ୍ଡୋ-ଏସିଆନ୍ ଇଂଟରନ୍ୟାସନାଲ ସେମିନାର' (ଆଇଏଆଇଏସ-୨୦୨୬) ଆୟୋଜିତ ହୋଇଯାଇଥିବା ବେଳେ ଏହାର ପ୍ରସଙ୍ଗ ରହିଥିଲା 'ଇଞ୍ଜିନିୟରିଂ ଦ ନେକ୍ସଟ୍ ଜେନେରେସନ ଅଫ ଟ୍ରାଂସଡରମାଲ୍ କେୟାର'। ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସ୍ମାର୍ଟ ଟ୍ରାଂସଡରମାଲ୍ ସିଷ୍ଟମ୍‌କୁ ଭିତି କରି ଆଲୋଚନା କରାଯାଇଥିଲା। ଏହି ଅବସରରେ ସମ୍ମିଳନୀର ଆବାହକ ପ୍ରଫେସର ଏ. ବୋଷ କହିଥିଲେ ଯେ ବର୍ତ୍ତମାନ ସମୟରେ ଆମେ ଚିରାଚରିତ କ୍ଷତ ସ୍ଥାନର ଚିକିତ୍ସା ଏବଂ ସାଧାରଣ ଔଷଧ ପ୍ରଦାନ ପ୍ରକ୍ରିୟାରୁ ଆଗକୁ ଯାଇ ବୁଦ୍ଧିସମ୍ପନ୍ନ, ପ୍ରତିକ୍ରିୟାଶୀଳ ଏବଂ ବହୁବିଧ ପ୍ରକ୍ରିୟା ବାୟୋମ୍ୟାଟେରିଆଲ ଉପରେ କାର୍ଯ୍ୟ କରୁଛୁ। ଏହି ଅତ୍ୟାଧୁନିକ ବ୍ୟବସ୍ଥା କ୍ଷତ ତ୍ୱରିତ ଭଲ ହେବାରେ ସାହାଯ୍ୟ କରିବା ସହ ସଂକ୍ରମଣକୁ ପ୍ରତିରୋଧ କରୁଛି ଏବଂ ଶରୀରର କଷ୍ଟକୁ ମଧ ହ୍ରାସ କରାଇବାରେ ସହାୟକ ହେଉଛି ବୋଲି ସେ କହିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଏବଂ ବ୍ରୁନେଇ ଭଳି ବିଭିନ୍ନ ଦକ୍ଷିଣ ପୂର୍ବ ଏସିଆ ଦେଶରୁ ଗବେଷକ ଓ ବିଶେଷଜ୍ଞମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

## ଚୋରି ସାମଗ୍ରୀ ଜବତ, ୩ ଚୋର ଗିରଫ



**ବାଲିଅନ୍ତା,୨୨।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ଲୁଟ ମାମଲାରେ ୩ ଚୋରଙ୍କୁ ବାନ୍ଧି ଛି। ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଟଙ୍କପାଣି ବ୍ରିଜ ନିକଟରେ ରହୁଥିବା ସୂର୍ଯ୍ୟକାନ୍ତ ପାତ୍ର, ରବି ନାରାୟଣ ସେଠି ଓ ରାଜା ଗୋଚ୍ଛାୟତ। ସେମାନଙ୍କ ନିକଟରୁ ପୁଲିସ ସିନ୍ଧି ଚୋରିରେ ବ୍ୟବହୃତ ଶାବଳ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର, ରନ୍ଧନ ଗ୍ୟାସ ସିଲିଣ୍ଡର ଏବଂ ଆମ୍ୟାନ୍ୟ ଗୃହ ଉପକରଣ ଜବତ କରିଛି। ସୂଚନା ଅନୁସାରେ ଦୈତାରୀ ମହାନ୍ତି ଏନେଇ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ସତ୍ୟଭାପୁର ପଞ୍ଚାୟତ ଅଞ୍ଚଳର ଦୈତାରୀ ପତ୍ନୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଗତ ରାତିରେ ଦୁର୍ବୃତ୍ତମାନେ ଘରର ପଛ ପାର୍ଶ୍ୱରୁ ତାଲା ଭାଙ୍ଗି ଘରଭିତରକୁ ପ୍ରବେଶ କରି ସାମଗ୍ରୀ ଚୋରି କରିଥିଲେ। ଚୋରି ସାମଗ୍ରୀ ମଧରେ ତିନୋଟି ଲୁହା ରଡ୍, ଗୋଟିଏ ଇଣ୍ଡେନ ଗ୍ୟାସ୍ ସିଲିଣ୍ଡର, ୪ ଷ୍ଟିଲ୍ ବେସିନ୍, ତିନୋଟି ରସ ବାଲଟି ଏବଂ ୨ଟି ରସ ଟପ ରହିଛି।

- ଖର୍ଚ୍ଚର ହିସାବ ନ ଦେବା ମହଙ୍ଗା ପଡ଼ିଲା

## ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

**କାକଟପୁର/ଅସ୍ତରଙ୍ଗ,୨୨।୧ (ସଂଚାର ବ୍ୟୁରୋ):** ଆକ୍ସନ ମୋଡ଼ରେ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ। କାକଟପୁର ବ୍ଲକ ଅଞ୍ଚଳର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ ଙ୍କ ୧ମାସର ଦରମା ବନ୍ଦ କରିବାକୁ ଚିଠି ଜରିଆରେ ନିର୍ଦ୍ଦେଶ ଜାରି କରାଯାଇଛି। ଜାନୁୟାରୀ ମାସର ଦରମା ପ୍ରଦାନ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଶ୍ରୀ ପାଢ଼ୀ। ଶ୍ରୀ ପାଢ଼ୀ ଙ୍କ




କହିବାନୁଯାୟୀ, ବର୍ଷା ସମୟରେ ବଜ୍ରପାତ ହେଲେ ସେଥିରୁ କିଭଳି ସୁରକ୍ଷିତ ରହିପାରିବା ଓ ହଠାତ ଏକ ସାପ କାମୁଡ଼ିଲେ କିପରି ପ୍ରାଥମିକ ଚିକିତ୍ସା ହୋଇପାରିବ ସେଥିଲାଗି ପ୍ରତ୍ୟେକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଛାତ୍ର, ଛାତ୍ରୀ ମାନଙ୍କୁ ଅବଗତ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ବଜ୍ରପାତ ସଚେତନ ଲାଗି ପ୍ରତ୍ୟେକ ବିଦ୍ୟାଳୟ କୁ ୨ହଜାର ଟଙ୍କା ଓ ସାପ କାମୁଡାସଚେତନତା ପାଇଁ ୨୫ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ୨୦୨୫ମସିହା ଅତିକ୍ରମ କରିଯାଇଥିଲେ ସୁଦ୍ଧା ବଜ୍ରପାତ ସଚେତନତା କାର୍ଯ୍ୟକ୍ରମରେ କରିଥିବା ଖର୍ଚ୍ଚର ହିସାବ (ୟୁସି) ଦେଇନଥିବାରୁ କାକଟପୁର ୨ଟି ଓ ସାପ କାମୁଡା ଲାଗି ସଚେତନତା କାର୍ଯ୍ୟକ୍ରମ (ୟୁସି)ଦେଇନଥିବାରୁ କାକଟପୁର ୫ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ ଙ୍କ ଦରମା ବନ୍ଦ କରାଯାଇଛି।

## କୋଷ୍ଟଗାର୍ଡ ପକ୍ଷରୁ ପେଡାଲିଂ ଫର ପ୍ୟାଟ୍ରିଓଟିଜିମ ଏଣ୍ଡ ଫିଟନେସ



**ପାରାଦୀପ,୨୨।୧(ସଂଚାର ବ୍ୟୁରୋ):** ପାରାଦୀପରେ ଏକ ଉତ୍ସାହପୂର୍ଣ୍ଣ ବାଇସିକେଲ ରେଲି ଆୟୋଜନ କରିଥିଲା, ଯାହା ସେବା, ଫିଟନେସ ଏବଂ ଜାତୀୟ ସଂକଳ୍ପ ପ୍ରଦର୍ଶନ କରିଥିଲା। ଏହି ରେଲିରେ ପାରାଦୀପରେ ଅବସ୍ଥିତ ଇଣ୍ଡିଆନ କୋଷ୍ଟ ଗାର୍ଡ (ଆଇସିଜି) କର୍ମଚାରୀମାନେ ଉତ୍ସାହର ସହ ଭାଗ ନେଇଥିଲେ।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଇଣ୍ଡିଆନ କୋଷ୍ଟ ଗାର୍ଡର ସମୁଦ୍ର ସୁରକ୍ଷା ସେବା ବିଷୟରେ ଜନ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟପ୍ରଦ ଜୀବନଶୈଳୀ, ଶାରୀରିକ ଫିଟନେସ ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା। ଏହି ରେଲି ପାରାଦୀପର ପ୍ରମୁଖ ରାସ୍ତା ଦେଇ ଗତି କରିଥିଲା, ଯାହା ସ୍ଥାନୀୟ ନାଗରିକଙ୍କ ଧ୍ୟାନ ଆକର୍ଷଣ କରିଥିଲା ଏବଂ ସମ୍ପ୍ରଦାୟିକ ସଂପୃକ୍ତିକୁ ପ୍ରେରଣା ଦେଇଥିଲା। ଭାଗନେଇଥିବା ସଦସ୍ୟମାନେ ସୌହାର୍ଦ୍ଦ୍ୟ ଏବଂ ଶୃଙ୍ଖଳା ପ୍ରଦର୍ଶନ କରିଥିଲେ, ଯାହା କୋଷ୍ଟ ଗାର୍ଡର ସେବା, ସତର୍କତା ଏବଂ ପ୍ରସ୍ତୁତିର କୋର ମୂଲ୍ୟବୋଧକୁ ପ୍ରତିଫଳିତ କରିଥିଲା। ଏହି ପ୍ରଚେଷ୍ଟା ଥିବା କୋଷ୍ଟ ଗାର୍ଡ ଡିଷ୍ଟ୍ରିକ୍ଟ ନଂ ୭ ସମୁଦ୍ର ସୁରକ୍ଷା, ସାମାଜିକ ଉନ୍ନୟନ ଏବଂ ସ୍ୱାସ୍ଥ୍ୟ ପ୍ରତି ତାହାର ସଂକଳ୍ପକୁ ପୁନଃପ୍ରମାଣିତ କରିଛି, ଯାହା କୋଷ୍ଟ ଗାର୍ଡ ଦିବସ ପାଳନର ବୃହତ୍ତର ଉଦ୍ଦେଶ୍ୟଗୁଡ଼ିକ ସହ ସମନ୍ୱିୟ ରଖିଛି।

## ଉଚ୍ଚସ୍ତରୀୟ କମିଟି ସହ ଆଲୋଚନା କଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକର ଫେଡେରେସନ

- ମୂଳ ବେତନ ୨୮୦୦ ସହ ୬ବର୍ଷ ମୂଳ ଚାକିରୀ ଗଣନାକୁ ପ୍ରାଥମିକତା



**ଖୋର୍ଦ୍ଧା,୨୨।୧(ସଂଚାର ବ୍ୟୁରୋ):** ଏଲିମେଣ୍ଟାରୀ କ୍ୟାଡ଼ର ରୁଲ ପୁନର୍ଗଠନ ହେଲେ ଶିକ୍ଷକ ମାନଙ୍କ ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ ର ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ କହିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ନିଯୁକ୍ତ ଉଚ୍ଚ ସ୍ତରୀୟ କମିଟି ର ଆହ୍ୱାନ କ୍ରମେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ ର ସଭାପତି ଙ୍କ ନେତୃତ୍ୱ ରେ ଏକ ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳ ଭୁବନେଶ୍ୱର ତୋଷାଳୀ ଭବନ ସଭାଗୃହରେ ସଙ୍ଗଠନର ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।ସଙ୍ଗଠନର ମହାସଚିବ ଚାରୁଲତା ମହାପାତ୍ର ମୁଖ୍ୟତଃ କ୍ୟାଡ଼ର ରୁଲ ପୁନର୍ଗଠନ ଗଠନ, ଲେବୁଲ ଭି -(ଏ) ଓ ଭି-(ବି) କୁ ଯୋଡ଼ାଯାଇ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମୂଳ ବେତନ ୨୮୦୦/ ଓ ଲେବୁଲ -(୮) ରଖାଯିବା ନଚେତ୍ ଅବିକଳ କେନ୍ଦ୍ରୀୟ ବେତନରେ ମୂଳ ବେତନ ରଖାଯିବା ପାଇଁ, ସରସ୍ୱତୀ ଭୋଇ କେଶ କୁ ତୁରନ୍ତ ସମସ୍ତ ଯୋଗ୍ୟ ଶିକ୍ଷକ ମାନଙ୍କ ପାଇଁ ଲାଗୁକାରିବା, ଠିକା ନିଯୁକ୍ତି ଉଚ୍ଛେଦ କରି ମୂଳ ନିଯୁକ୍ତି ଠାରୁ ଚାକିରିରେ ଗଣନା କରିବ, ଅବିଳମ୍ବେ କିପରି ପଦୋର୍ନତି ହେବ,ଟି ଇ ଟି ରେ ଥିବା ସମସ୍ୟା ର ସ୍ଥାୟୀ ସମାଧାନ କରିବା, ପୁରୁଣା ପେନସନ ଶିକ୍ଷକ ମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ କରିବା, ସେକେଣ୍ଡାରୀ କ୍ୟାଡ଼ର ରୁଲରେ ଶତକଡା ୫୦ ଭାଗ ମୂଳ ପଦବୀ ରେ ଏଲିମେଣ୍ଟାରୀ ଯୋଗ୍ୟ ଶିକ୍ଷମାନଙ୍କୁ ନିଯୁକ୍ତି ଦେବା ଦାବି ସମୂହ ଉପସ୍ଥାପନ କରିଥିଲେ।

### ବାଜବାଟି ପାହାଡ ବେଆଇନ ଖୋଳା ମାମଲା!

# ଏନ୍‌ଜିଟିରେ ରିପୋର୍ଟ ଦାଖଲ ପରେ ଅଡୁଆରେ ପ୍ରଶାସନ



**ଯାଜପୁର,୨୨।୧(ସଂଚାର ବ୍ୟୁରୋ):** ଧର୍ମଶାଳାର ବାଜବାଟି ପାହାଡ଼ ମାମଲା ଏବେ କେବଳ ବେଆଇନ ଖନନର ପ୍ରଶ୍ନ ନୁହେଁ; ଏହା ଯାଜପୁର ଜିଲ୍ଲା ପ୍ରଶାସନର ଦାୟିତ୍ୱହୀନତା, ମୌନ ସମ୍ମତି ଓ ଦଲାଲି ମନୋଭାବର ଜୀବନ୍ତ ଦସ୍ତାବିଜ।ଏନ୍‌ଜିଟି ରିପୋର୍ଟ ମାଗିଥିଲେ ଯାଜପୁର ଜିଲ୍ଲା ପ୍ରଶାସନ ନିରବ ରହିଲା।ଏନ୍‌ଜିଟି ଚେତାବନୀ ଦେଲେ, ପ୍ରଶାସନ ଅବହେଳା କଲା, ଅବଶେଷରେ ଜରିମାନା ଲାଗିଲା।ତାପରେ ଆସିଲା ରିପୋର୍ଟ। ଏହା କଣ ପ୍ରଶାସନିକ କାର୍ଯ୍ୟପ୍ରଣାଳୀ, ନା ଏନ୍‌ଜିଟିକୁ ଭ୍ରମିତ କରିବାର ଏକ ଅପରିପକ୍ୱ ଚେଷ୍ଟା।"ପୂର୍ବରୁ ୬ ମିଟର ଗଭୀର ଥିଲା" ଜିଲ୍ଲା ପ୍ରଶାସନ ନିଜ ହାତରେ ନିଜ ପାଇଁ ଫାନ୍ଦି ତିଆରି କରିଛି। ଏନ୍‌ଜିଟିଙ୍କୁ ଦିଆଯାଇଥିବା ମଧବର୍ତ୍ତୀ ରିପୋର୍ଟରେ ସେମାନେ ନିଜେ ଲେଖିଛନ୍ତି "ବାଜବାଟି ପାହାଡ଼ ଅଞ୍ଚଳ ପୂର୍ବରୁ ୬ ମିଟର ଗଭୀର ଥିଲା।"ଏହି ଗୋଟିଏ ବାକ୍ୟ ଯାଜପୁର ପ୍ରଶାସନର ସମସ୍ତ ନାଟକକୁ ଖୋଲି ଦେଇଛି।ଯଦି ପୂର୍ବରୁ ୬ ମିଟର ଗଭୀର ଗାତ ଥିଲା, ସେଇ ଅବୈଧ ଖନନ କେବେ ହେଲା, କାହା ଆଖି ଆଗରେ ହେଲା, କେଉଁ ଅଧିକାରୀ ଚୁପ୍ ରହିଲେ, କେଉଁ ଫାଇଲ୍‌ରେ ସେଇ ଅନିୟମ ଦବି ଗଲା, ଏବଂ ସବୁଠାରୁ ଭୟଙ୍କର ପ୍ରଶ୍ନ ଯଦି ପାହାଡ଼ ପୂର୍ବରୁ ଖୋଳା ଥିଲା, ତେବେ ପୁନଃ ଖନନ ପାଇଁ ଅନୁମତି କିଏ ଦେଲାସିଆ ଓ ପ୍ରଶାସନ : ନିୟନ୍ତ୍ରକ ନା ନିରବ ସହଭାଗୀ? ଏନ୍‌ଜିଟି ସ୍ପଷ୍ଟ କରିଛନ୍ତି ସେଫ୍‌ଟି ଜୋନ ନାହିଁ, ଗ୍ରୀନ ବେଲ୍ଟ ନାହିଁ, ମାତ୍ରାଧିକ ଖନନ ଚାଲିଛି।ତେବେ ପ୍ରଶ୍ନ ହେଉଛି ସିଆ କର୍ତ୍ତୃପକ୍ଷ କଣ କରୁଥିଲେ? ଜିଲ୍ଲା ପ୍ରଶାସନ କାହା ପାଇଁ ଦେଖୁଥିଲା? ନିୟନ୍ତ୍ରକ ସଂସ୍ଥା ଯଦି ନିୟନ୍ତ୍ରଣ କରେନାହିଁ, ତେବେ ସେ ନିୟନ୍ତ୍ରକ ନୁହେଁ ସହଭାଗୀ। ଜରିମାନା ଦେଲେ ଦାୟିତ୍ୱ ସେଷ ହୋଇଯାଏ ନାହିଁ ଏନ୍‌ଜିଟିଙ୍କ ୧୦ ହଜାର ଟଙ୍କା ଜରିମାନା କେବଳ ଏକ ଆର୍ଥିକ ଦଣ୍ଡ ନୁହେଁ; ଏହା ଜିଲ୍ଲା ପ୍ରଶାସନ ଉପରେ ଏକ ନୈତିକ ଅଭିଯୋଗପତ୍ର। ଜରିମାନା ଦେଇ ମାମଲା ଶେଷ ହେବ ନାହିଁ। ଉତ୍ତର ଦେବାକୁ ପଡ଼ିବ ଦୋଷୀ କିଏ। କେଉଁ ଅଧିକାରୀ ଦାୟୀପରିବେଶ କ୍ଷତିର ମୂଲ୍ୟ କିଏ ଦେବ, ମାର୍ଚ୍ଚ ୧୭ : କେବଳ ଶୁଣାଣି ନୁହେଁ, ଅଗ୍ନିପରୀକ୍ଷା ଯାଜପୁର ଜିଲ୍ଲା ପ୍ରଶାସନର ଆସନ୍ତା ମାର୍ଚ୍ଚ ୧୭ ରେ ହେବାକୁ ଥିବା ଏନ୍‌ଜିଟି ଶୁଣାଣି ଯାଜପୁର ଜିଲ୍ଲା ପ୍ରଶାସନ ପାଇଁ ଅଗ୍ନିପରୀକ୍ଷା।

## ପଞ୍ଚାୟତ ସମିତିର ନବମ ଅଧିବେଶନରେ ଯୋଗ ଦେଲେ- ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



**ଧାମନଗର,୨୨।୧(ସଂଚାର ବ୍ୟୁରୋ):** ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭାଗୃହ ପରିସରରେ ସମିତିର ସପ୍ତମ ଅଧିବେଶନ ଶାନ୍ତି ଶୃଙ୍ଖଳା ସହିତ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଶ୍ରୀମତୀ ଶର୍ମିଷ୍ଠା ବେହେରାଙ୍କ ଅଧକ୍ଷତାରେ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରି ଦିନ୍ଦା ଅନୁଷ୍ଠିତ ବୈଠକକୁ ସଂଚାଳନ କରିଥିଲେ। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ ବୈଠକରେ ବ୍ଲକର ବିକାଶମୂଳକ ଯୋଜନା, ବଜେଟ୍ ଅନୁଦାନ ଏବଂ ସ୍ୱାସ୍ଥ୍ୟ-ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମୀକ୍ଷା କରାଯାଇ ଅନେକ ଜନହିତକର ନିଷ୍ପତ୍ତି ନିଆଗଲା। ଧାମନଗରର ପ୍ରତିଟି ନାଗରିକଙ୍କ ସୁବିଧା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବଜେଟ୍ ଅନୁଦାନକୁ ସଠିକ୍ ଭାବେ ବ୍ୟବହାର କରି ଲୋକହିତରେ କାମ କରିବାକୁ ଜନପ୍ରତିନିଧି ଓ ଅଧିକାରୀମାନଙ୍କୁ କହିଥିଲେ।

## ସାକ୍ଷୀଗୋପୀନାଥ ଦେବୋତ୍ତର ଓକିଲ ପଦରୁ ବିଦାହେଲେ ବିନାୟକ

**ସତ୍ୟବାଦୀ,୨୨।୧(ସଂଚାର ବ୍ୟୁରୋ):** ଆଇନିଜୀବୀ ବିନାୟକ ପ୍ରସାଦ ମହାନ୍ତିଙ୍କୁ ସାକ୍ଷୀଗୋପୀନାଥ ଦେବୋତ୍ତର କାର୍ଯ୍ୟନିର୍ବାହୀ ସମସ୍ତ ଆଇନ ଗତ ମାମଲାରୁ ବିଦା କରିଛନ୍ତି। ଆଉ ସେ ସାକ୍ଷୀଗୋପୀନାଥ ଦେବୋତ୍ତର ଓକିଲ ଭାବେ କୌଣସି କୋର୍ଟରେ କେଶ ଲଢ଼ିପାରିବେ ନାହିଁ। ପତ୍ର ସଂଖ୍ୟା ୫୪୦ ଅନୁଯାୟୀ ସାକ୍ଷୀଗୋପୀନାଥ ମନ୍ଦିର ପ୍ରଶାସକ ତଥା ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଆଇନୀଜୀବୀ ମହାନ୍ତିଙ୍କ ଅବଗତ ନିମନ୍ତେ ଏକ ଚିଠି କରିଛନ୍ତି। ଚିଠିରେ ଆଇନୀଜୀବୀ ଶ୍ରୀ ମହାନ୍ତି ସାକ୍ଷୀଗୋପୀନାଥ ଦେବଙ୍କ ପକ୍ଷରୁ ସିଭିଲ୍ କୋର୍ଟ, ହାଇକୋର୍ଟ, ସୁପ୍ରିମକୋର୍ଟ, ଏଣ୍ଡାଉମେଣ୍ଟ କୋର୍ଟ କମିଶନର ଏବଂ ଚକବନ୍ଦୀ/ବନ୍ଦୋବସ୍ତ କିମ୍ବା କମିଶନରଙ୍କ କୋର୍ଟରେ ଆଇନଗତ ମାମଲା ଦାୟର କରିବା ପାଇଁ ମନ୍ଦିର କାର୍ଯ୍ୟାଳୟରୁ ନିବୃତ୍ତ ରହିବାକୁ ଉଲ୍ଲେଖ ରହିଛି।

ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬

# ଓଡ଼ିଶାରେ ୪୦,୩୮୦ ପାଣି ପଞ୍ଚାୟତ



- ୨୪.୧୨ ଲକ୍ଷ ହେକ୍ଟର ଜମିରେ ପାଣି ପରିଚାଳନା କରୁଛନ୍ତି
- ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା
- ୨୦୩୬ ସୁଦ୍ଧା ୯୦% ଚାଷ ଜମିକୁ ମିଳିବ ଜଳସେଚନ ସୁବିଧା

**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** ପାଣି ପଞ୍ଚାୟତ ବ୍ୟବସ୍ଥା ଓଡିଶାର କୃଷି ଓ କୃଷକଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଛି ବୋଲି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଗାମୀ ୫ ବର୍ଷ ମଧ୍ୟରେ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଲିଫ୍ଟ ଇରିଗେସନ, ମେଗା ଲିଫ୍ଟ ଓ ଆଡିବନ୍ଧ ନିର୍ମାଣ ମାଧ୍ୟମରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିକୁ ଜଳସେଚନ ଅନ୍ତର୍ଭୁକ୍ତ କରାଯିବ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟରେ ୪୦,୩୮୦ ଗୋଟି ପାଣି ପଞ୍ଚାୟତ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ବେଳେ ସେଗୁଡିକ ମାଧ୍ୟମରେ ୨୪.୧୨ ଲକ୍ଷ ହେକ୍ଟର ଜମିର ଜଳସେଚନ ସଫଳତାର ସହ ପରିଚାଳିତ ହେଉଛି। ଓଡିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଓ ତାହାର ସଂଶୋଧନ ମାଧ୍ୟମରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ବ୍ୟବହାରକାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ପାଣି ପଞ୍ଚାୟତ ମାଧ୍ୟମରେ ସମତାମୂଳକ ଓ ଦକ୍ଷ ଜଳ ବଣ୍ଟନ ସମ୍ଭବ ହୋଇପାରିଛି। ମୟୂରଭଞ୍ଜର ଖଇରିବନ୍ଧନ ବ୍ୟାରେଜ୍, ବଲାଙ୍ଗିରର ଅପରଲାନ୍ତ ପ୍ରକଳ୍ପ, ସାଣ୍ତୁଲ ଭୂତଳ ପାଇପଲାଇନ୍, ନୟାଗଡର ବୃତଙ୍ଗ ଜଳସେଚନ ପ୍ରକଳ୍ପ ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ଜଳାଶୟ ଓ କେନାଲ ପ୍ରକଳ୍ପ ତ୍ୱରାନ୍ୱିତ ଭାବେ ଚାଲୁ ରହିଛି। ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟରେ ୯୦ ପ୍ରତିଶତରୁ ଅଧିକ ଚାଷଯୋଗ୍ୟ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ସରକାର ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି।

କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଜଳସେଚନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ପାଇଁ ଆଇଓଟି ସକ୍ଷମ ଡିଜିଟାଲ ଜଳମାପ ଏବଂ ମୃତ୍ତିକାର ଆଦ୍ରତା ଜାଣିବା ପାଇଁ ସେନ୍‌ସିଙ୍ଗ୍ ସିଷ୍ଟମ ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟକୁ ଅନୁବନ୍ଧିତ କରାଯାଇଛି। ଏଥି ସହିତ ପାଣି ପଞ୍ଚାୟତ ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସହ ଏମ୍‌ଓୟୁ କରାଯାଇଛି। ନୂଆପଡା ଜିଲ୍ଲାର ଚାନ୍ଦପାଲାରେ ୨,୫୬୭ ହେକ୍ଟର ଜମିକୁ ଆଧୁନିକ ଜଳ ଦକ୍ଷତା ଏବଂ ଗୋଷ୍ଠୀ ଦ୍ୱାରା ପରିଚାଳିତ ଜଳସେଚନ ପରିଚାଳନା ପାଇଁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ମାମଲା

# ଘୁଞ୍ଚିଲା ୯ ଜଣଙ୍କ ଜାମିନ ଆବେଦନ ଶୁଣାଣି

**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ଅଭିଯୁକ୍ତ ମୁନା ମହାନ୍ତି ସମେତ ମୋଟ ୯ ଜଣଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ଘୁଞ୍ଚିଲା। ଆସନ୍ତା ଫେବୃଆରୀ ୧୬ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନ୍ତରୀଣ ଜାମିନ ଆବେଦନ କରିଥିଲେ ମୁନା ମହାନ୍ତି। ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ତଦନ୍ତର ସ୍ଥିତି ଅବଗତ କରାଇବାକୁ ସିବିଆଇକୁ ନିର୍ଦ୍ଦେଶ ରହିଛି। ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା ଘୋଟାଲାରେ ମୁନା ମହାନ୍ତି ଘରେ କ୍ରାଇମବ୍ରାଞ୍ଚ ଗତ ଅକ୍ଟୋବର ମାସରେ ରେଡ୍ କରିଥିଲା। ବାଙ୍କୀ ବୈଦେଶ୍ୱର ଥାନା କଳାପଥର ସ୍ଥିତ ପୈତୃକ ଘରେ ରେଡ୍ ସହ ମୁନାର ଲିଙ୍କକୁ ନେଇ ଖୋଳତାଡ଼ ଜାରି ରଖିଥିଲା କ୍ରାଇମବ୍ରାଞ୍ଚ। ମୁନାକୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିକଟରୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ପୁଲିସ୍ ଏସଆଇ ପରୀକ୍ଷାରେ କେଳେଙ୍କାରୀ ମାମଲାରେ ଶଙ୍କର ପୃଷ୍ଟି ଓ ମୁନା ମହାନ୍ତି ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ମୁନା ପରୀକ୍ଷାର୍ଥୀଙ୍କଠାରୁ ସାର୍ଟିଫିକେଟ ନେଇ ଟଙ୍କା ଆଦାୟ କରୁଥିଲା ବୋଲି ସୂଚନା ମିଳିଛି। ଏମିତିକି ଅଭିଯୁକ୍ତ ମୁନା ମହାନ୍ତିର ୪ଟି ଗାଡ଼ି ଜବତ କରିସାରିଛି କ୍ରାଇମବ୍ରାଞ୍ଚ। ଦଶପଲ୍ଲାରୁ ଗୋଟିଏ ଥାର, ଗୋଟିଏ ସ୍କର୍ପିଓ ଓ ୨ଟି ହାଇୱା ଜବତ କରାଯାଇଛି।

# ଜଙ୍ଗଲରେ ମାଓ କ୍ୟାମ୍ପ ଠାବ

- ସୁରକ୍ଷା କର୍ମୀଙ୍କ କମ୍ବିଂ ଅପରେସନ ଜୋରଦାର
- ୧୩ ଟି ବନ୍ଧୁକ ସହ ବହୁ ମାଓ ସାମଗ୍ରୀ ଜବତ



**ଫୁଲବାଣୀ, ୨୨।୧(ସଂଚାର ବ୍ୟୁରୋ):** ଦେଶକୁ ମାଓବାଦୀ ମୁକ୍ତ କରିବା ପାଇଁ ଡେଡ୍‌ଲାଇନ ସମୟ ଯେତେ ପାଖେଇ ଆସୁଛି, ପୁଲିସ ଏବଂ ସୁରକ୍ଷା ବାହିନୀଙ୍କ କମ୍ବିଂ ଅପେରସନ ମଧ୍ୟ ସେତିକି ତୀବ୍ର ହେବାରେ ଲାଗିଛି। ସେହିଭଳି କନ୍ଧମାଳ ଜିଲ୍ଲାରେ ମଧ୍ୟ ଜିଲ୍ଲା ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀ ସିଆରପିଏଫ୍, ବିଏସଏଫ୍ ମିଳିତ ଭାବେ ବିଭିନ୍ନ ମାଓବାଦୀ ପ୍ରବଣ ଅଞ୍ଚଳରେ କମ୍ବିଂ ଅପେରସନକୁ ତୀବ୍ର କରୁଛି। ଗୁରୁବାର ସକାଳୁ ଜିଲ୍ଲା ପୁଲିସର ଏସଓଜି, ଡିଭିଏଫ୍ ଏବଂ ସିଆରପିଏଫର ମିଳିତ ଭାବେ କନ୍ଧମାଳ-କଳାହାଣ୍ଡି ସୀମାନ୍ତବର୍ତ୍ତୀ ଗାଙ୍ଗେଲ ଜଙ୍ଗଲରେ ବଡ଼ ଧରଣର କମ୍ବିଂ ଅପେରସନ ଆରମ୍ଭ କରିଛନ୍ତି। ମିଳିତ ଟିମକୁ ବଡ଼ ସଫଳତା ମିଳିଥିବା ସୂଚନା ମିଳିଛି। ଜଙ୍ଗଲରେ ମିଳିତ ଟିମ ଏକ ମାଓ କ୍ୟାମ୍ପକୁ ଠାବ କରିଛି ଏବଂ କ୍ୟାମ୍ପରୁ ବହୁ ବନ୍ଧୁକ ସହିତ ବହୁ ପରିମାଣର ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ମାଓ ସାମଗ୍ରୀ ମଧ୍ୟରେ ୧୩ ଟି ବନ୍ଧୁକ, ବହୁ ୱାକିଟକି, ସୋଲାର ପାନେଲ, ବିଦ୍ୟୁତ ତାର, ମେଡ଼ିସିନ ଭଳି ଅନେକ ମାଓବାଦୀ ବ୍ୟବହାର କରୁଥିବା ସାମଗ୍ରୀ ଜବତ ହୋଇଛି। ବହୁ ହାର୍ଡକୋର ମାଓବାଦୀ ଏହି ଜଙ୍ଗଲରେ ଲୁଚି ରହିଥିବା ସନ୍ଦେହରେ ମିଳିତ ଟିମ ଏବେ ମଧ୍ୟ କମ୍ବିଂ ଅପେରସନକୁ ଜାରି ରଖିଛନ୍ତି।

- ଅଚାନକ ନଗର ଉନ୍ନୟନ ମନ୍ତ୍ରୀଙ୍କ ଆଇଜି ପାର୍କ ପରିଦର୍ଶନ

# ରକ୍ଷଣାବେକ୍ଷଣ ସୁଧାର ଲାଗି ନିର୍ଦ୍ଦେଶ



**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଆଇଜି ପାର୍କ (ଇନ୍ଦିରା ଗାନ୍ଧୀ ପାର୍କ) ଅଚାନକ ପରିଦର୍ଶନ କରି ସେଠାରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ପାର୍କର ସାମଗ୍ରିକ ରକ୍ଷଣାବେକ୍ଷଣର ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ସହରର ଏକ ପ୍ରମୁଖ ସ୍ଥାନରେ ଅବସ୍ଥିତ ଏହି ପାର୍କକୁ ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଆସୁଥିବାରୁ ଏହାର ଯତ୍ନ ଏବଂ ପରିମଳ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ। ପରିଦର୍ଶନ ସମୟରେ ମନ୍ତ୍ରୀ ସେଠାକୁ ଆସିଥିବା ପର୍ଯ୍ୟଟକମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ପାର୍କର ଅବ୍ୟବସ୍ଥା, ବିଶେଷ କରି ଶୌଚାଳୟ ଏବଂ ପରିସ୍ରାଗାରର ଶୋଚନୀୟ ଅବସ୍ଥା ଦେଖି ଡକ୍ଟର ମହାପାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ତୁରନ୍ତ ସୁଧାର ଆଣିବା ସହ ଉପଯୁକ୍ତ ପରିମଳ, ନିୟମିତ ରକ୍ଷଣାବେକ୍ଷଣ ଏବଂ ସେବା ମାନରେ ଉନ୍ନତି ଆଣିବାକୁ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ଅବହେଳା ଜାରି ରହେ, ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଏନ୍. ଗଣେଶ ବାବୁ ଉପସ୍ଥିତ ଥିଲେ। ପାର୍କକୁ ସବୁବେଳେ ସ୍ୱଚ୍ଛ, ନିରାପଦ ଏବଂ ପରିଦର୍ଶକ-ଅନୁକୂଳ କରିବା ପାଇଁ ଅଧିକାରୀ ଓ ରକ୍ଷଣାବେକ୍ଷଣ କର୍ମଚାରୀମାନଙ୍କୁ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଲାଞ୍ଚ ନେଇ ଆରଆଇ ଗିରଫ

**କଟକ, ୨୨।୧(ସଂଚାର ବ୍ୟୁରୋ):** କଟକ ସଦର ତହସିଲ ଅନ୍ତର୍ଗତ କଖଡ଼ି ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ଜାନକୀ ରଞ୍ଜନ ମଲ୍ଲିକଙ୍କୁ ଗୁରୁବାର ଦିନ ଓଡ଼ିଶା ଭିଜିଲାନ୍ସ ଅଧିକାରୀମାନେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ଏକ ମ୍ୟୁଟେସନ୍ ମାମଲାରେ ରିପୋର୍ଟ ଦାଖଲ କରିବା ଓ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର କିମ୍ବା ପଟ୍ଟା) ଜାରି କରିବା ପାଇଁ ଜଣେ ଜମି ମାଲିକଙ୍କଠାରୁ ଲାଞ୍ଚ ନେଇ ଗିରଫ ହୋଇଛନ୍ତି। ଜମି ମାଲିକ ମ୍ୟୁଟେସନ୍ ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ, କିନ୍ତୁ ଆରଆଇ ଆସନ୍ତା ୨୭ ତାରିଖ ପାଇଁ ଶୁଣାଣି ଧାର୍ଯ୍ୟ କରିଥିଲେ ଓ ଅଭିଯୋଗକାରୀଙ୍କୁ ଗତ ୨୦ ତାରିଖରେ ତାଙ୍କ କାର୍ଯ୍ୟାଳୟକୁ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ସମୟରେ ଆରଆଇ ମାମଲା ପ୍ରକ୍ରିୟାକରଣ ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଜମି ମାଲିକ ଏହା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ଆରଆଇ ଲାଞ୍ଚ ପାଇଁ ଜିଦ୍ ଧରିଥିଲେ। କୌଣସି ବିକଳ୍ପ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ମାମଲା ବିଷୟରେ ଜଣାଇଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏକ ଭିଜିଲାନ୍ସ ଟିମ ପୂର୍ବ ଯୋଜନା ମୁତାବକ ଆରଆଇଙ୍କୁ ଲାଞ୍ଚ ରାଶି ଗ୍ରହଣ କରୁଥିବା ସମୟରେ ଗିରଫ କରିଥିଲା। ତାଙ୍କ ନିକଟରୁ ସମସ୍ତ ଦୁର୍ନୀତିଗ୍ରସ୍ତ ଟଙ୍କା ଉଦ୍ଧାର କରାଯାଇଛି ଏବଂ ପ୍ରମାଣ ଭାବରେ ଜବତ କରାଯାଇଛି। ଅପରପକ୍ଷରେ ସମ୍ଭାବ୍ୟ ଆୟ ବହିର୍ଭୂତ ସମ୍ପତ୍ତି ସନ୍ଦେହରେ ଆରଆଇଙ୍କ ସହ ଜଡ଼ିତ ୩ଟି ସ୍ଥାନରେ ଏକକାଳୀନ ଛାନଭିନ ଚାଲିଛି। ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ ୨୦୧୮ର ଧାରା ୭ ଅନୁଯାୟୀ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି।



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬

# ବିଭିନ୍ନ ସମ୍ମାନରେ ଜ୍ଞାନ ଓ ଅଭିଜ୍ଞତାର ଭାବ ବିନିମୟ



**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୬'ର ଦ୍ୱିତୀୟ ଦିନରେ ମୋଟ ଛଅଟି ସମ୍ମାନ ଆୟୋଜିତ ହୋଇଯାଇଛି। ଜ୍ଞାନପୀଠ କକ୍ଷରେ ଆୟୋଜିତ ସମ୍ମାନରେ ବିଶେଷଜ୍ଞ, ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକମାନଙ୍କ ମଧ୍ୟରେ ବୈଷୟିକ ଜ୍ଞାନ ଓ ଅଭିଜ୍ଞତାର ଭାବ ବିନିମୟ ହୋଇଥିଲା। ବିଶେଷଜ୍ଞମାନେ ଚାଷୀଙ୍କ ଜିଜ୍ଞାସାର ସମସ୍ତ ଉତ୍ତର ରଖିଥିଲେ। ଆଧୁନିକ ପଦ୍ଧତିରେ ମତ୍ସ୍ୟ ଚାଷକରି ମାଛ ଉତ୍ପାଦନ ବୃଦ୍ଧି ପାଇଁ ମତ୍ସ୍ୟ ଚାଷୀଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ସମ୍ମାନରେ 'ଡିଜିଟାଲ ଓ ଆଧୁନିକ ମାଛଚାଷ', 'ଓଡ଼ିଶାର ନୀଳ ବିପ୍ଲବ - ମତ୍ସ୍ୟ ପ୍ରଗତି ପଥରେ ଗୋଟିଏ ପାଦ ଆଗକୁ', 'ମତ୍ସ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ ବଜାର ଚାହିଦା' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ପ୍ରାଣୀପାଳନ କ୍ଷେତ୍ରରେ ସମୃଦ୍ଧି ପାଇଁ ଆୟୋଜିତ ସମ୍ମାନରେ ଗୋ-ପାଳନ ପାଇଁ ଉନ୍ନତ ଘାସଚାଷ, ଓଡ଼ିଶାରେ ଘୁଷୁରି ଚାଷ ପାଇଁ ସମ୍ଭାବନା, କୁକୁଡ଼ା ଚାଷ ମାଧ୍ୟମରେ ଗ୍ରାମ୍ୟ ବିକାଶ ଉପରେ ମଧ୍ୟ ଜ୍ଞାନ ବିନିମୟ ହୋଇଥିଲା।

# ଜାନୁଆରୀ ୨୬ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ୨୬ ତାରିଖରେ ସରକାରୀ ଛୁଟି ଦିବସ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସରକାରୀ ଛୁଟି ଥିବାରୁ ଆସନ୍ତା ସୋମବାର ଜାନୁଆରୀ ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଇନ୍ଦର୍: ମୁରା ପ୍ରଜାତି ଷଣ୍ଢଙ୍କ ଉଜ୍ଜ୍ୱଳ ତାରକା

- ଦିନକୁ ଖାଉଛି ୨୮ କିଲୋଗ୍ରାମ ଖାଦ୍ୟ
- ଦେଖାଶୁଣା ଲାଗି ଦୈନିକ ଖର୍ଚ୍ଚ ୪ହଜାର

**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** ଇନ୍ଦର୍, ଏକ ଅଦ୍ଭୁତ ଏବଂ ଶକ୍ତିଶାଳୀ ମୁରା ପ୍ରଜାତିର ମଇଁଷି ଷଣ୍ଢ। ଅପୂର୍ବ ଶାରୀରିକ ବିକାଶ, ଅସାଧାରଣ ଶକ୍ତି ଏବଂ ଉତ୍କୃଷ୍ଟ ଜିନେଟିକ୍ ଗୁଣ ପାଇଁ ଏହାର ସ୍ୱତନ୍ତ୍ର ସୁଖ୍ୟାତି ରହିଛି। ନୂତନ ପିଢ଼ିର ମୁରା ପ୍ରଜନନ ଧାରାକୁ ଇନ୍ଦର୍ ପ୍ରତିନିଧିତ୍ୱ କରୁଛି ଏବଂ ଭବିଷ୍ୟତ ପାଇଁ ଅନେକ ସମ୍ଭାବନା ରଖୁଛି। ମହିଷି ପ୍ରଜନନ କ୍ଷେତ୍ରରେ ନିଆରା ପରିଚୟ ସୃଷ୍ଟି କରିଛି।

ମାତ୍ର ୪/୫ ବର୍ଷ ବୟସରେ ଏହାର ଓଜନ ପ୍ରାୟ ୧୭ କ୍ୱିଣ୍ଟାଲ ଏବଂ ଉଚ୍ଚତା ୫ ଫୁଟ ୧୦ ଇଞ୍ଚ। ହରିୟାଣାର କୁରୁକ୍ଷେତ୍ର ସ୍ଥିତ କରମବୀର ବ୍ରିଡିଂ ଫାର୍ମରୁ ଆସିଥିବା ଇନ୍ଦରର ଲାଳନପାଳନ ବୈଜ୍ଞାନିକ ପଦ୍ଧତିରେ ହୋଇଥାଏ। ଉତ୍ତମ ସ୍ୱାସ୍ଥ୍ୟ, ଉତ୍କୃଷ୍ଟ ପ୍ରଜନନ କ୍ଷମତା ଓ ଉନ୍ନତ ଜୀବନ ସୁନିଶ୍ଚିତ କରିବା ପାଇଁ ଇନ୍ଦର୍ ଦୈନିକ ସନ୍ତୁଳିତ ପୋଷଣଯୁକ୍ତ ଖାଦ୍ୟ ଖାଇଥାଏ। ୫ରୁ ୭ ଲିଟର ଦୁଗ୍ଧ, ୨ କିଲୋ ଦହି, ସବୁଜ ଚଣା, ଗହମ ଚୁନା, ବାଜରା ଓ ସୋୟାବିନ୍ ଆଦି ଏହାର ମୁଖ୍ୟ ଖାଦ୍ୟ। ଇନ୍ଦର୍ ଦୈନିକ ପ୍ରାୟ ୨୮ କିଲୋଗ୍ରାମ ଖାଦ୍ୟ ଖାଇଥାଏ। ଖାଦ୍ୟ ଓ ଦେଖାଶୁଣା ବାବଦକୁ ଦୈନିକ ପ୍ରାୟ ୪୦୦୦ ଟଙ୍କା ଖର୍ଚ୍ଚ ହୋଇଥାଏ। ଇନ୍ଦରର ବଜାର ମୂଲ୍ୟ ଏବେ ପ୍ରାୟ ୪ କୋଟି ଟଙ୍କା ରହିଛି। ଶ୍ରେଷ୍ଠ ମୁରା ପ୍ରଜାତି ଓ ଉଚ୍ଚମାନର ଜିନେଟିକ୍ ଗୁଣ ପାଇଁ ଏହାର ଚାହିଦାକୁ ଦୃଷ୍ଟିରେ ରଖି ବିଶେଷଜ୍ଞମାନେ ତାଙ୍କୁ ଭବିଷ୍ୟତର ଏକ ଫ୍ଲାଗସିପ୍ ପ୍ରଜନନକ୍ଷମ ମଇଁଷି ଷଣ୍ଢ ଭାବେ ଚିତ୍ରଣ କରିଛନ୍ତି। ଆଧୁନିକ ପ୍ରାଣୀପାଳନର ଏକ ଜୀବନ୍ତ ପ୍ରତୀକ ହେଉଛି ଇନ୍ଦର୍। ଯେଉଁଠି ବୈଜ୍ଞାନିକ ପରିଚାଳନା, ଉତ୍ତମ ପୋଷଣ ଏବଂ ଶକ୍ତିଶାଳୀ ଜିନେଟିକ୍ସର ତ୍ରିବେଣୀ ସଂଗମ ଘଟିଛି ଏବଂ ଭାରତର ମୁରା ମଇଁଷି ପ୍ରଜନନ ଏବଂ ଉତ୍ପାଦନ କ୍ଷମତାକୁ ନୂଆ ଦିଗନ୍ତ ପ୍ରଦାନ କରୁଛି।



# ଡିଜିଟାଲ ପ୍ଲାଟଫର୍ମ 'ଇସିଆଇ ନେଟ୍'ର ଶୁଭାରମ୍ଭ

**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଆଜି ଭାରତ ଆନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ (ଆଇଆଇସିଡିଇଏମ୍-୨୦୨୬)ରେ ନିଜର ଏକକ ଡିଜିଟାଲ୍ ପ୍ଲାଟଫର୍ମ ଇସିଆଇ ନେଟ ଆରମ୍ଭ କରିଛନ୍ତି। ଏହି ତିନିଦିନିଆ ସମ୍ମିଳନୀ ଜାନୁଆରୀ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭାରତ ମଣ୍ଡପମ୍, ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି।



ନିର୍ବାଚନ ଆୟୋଗର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ୍ କୁମାର, ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିବା ଏହି ପ୍ଲାଟଫର୍ମ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ସୂଚନା ଓ ସେବା ପାଇଁ ଏକକ ଡିଜିଟାଲ୍ ପୋର୍ଟାଲ୍ ଭାବେ କାର୍ଯ୍ୟ କରିବ। ୨୦୨୫ ମେ ମାସରେ ଏହାର ବିକାଶ କରାଯାଇଥିଲା। ଏହା ବିଶ୍ୱର ସବୁଠାରୁ ବଡ଼ ଡିଜିଟାଲ୍ ନିର୍ବାଚନୀ ପ୍ଲାଟଫର୍ମ ଭାବେ ପରିଚିତ ହେବ, ଯାହା ୪୦ରୁ ଅଧିକ ଆପ୍ସ୍ ଓ ପୋର୍ଟାଲ୍‌କୁ ଏକୀକୃତ କରିଛି।

ଉଦ୍‌ଘାଟନ ଅବସରରେ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ କୁମାର କହିଥିଲେ ଯେ, ଇସିଆଇ ନେଟ ସମ୍ପୂର୍ଣ୍ଣ ଭାବେ ଆଇନସମ୍ମତ ଭାବରେ ବିକାଶ କରାଯାଇଛି ଏବଂ ଇଂରାଜୀ ଭାଷା ସହ ୨୨ଟି ଅନୁସୂଚିତ ଭାଷାରେ ଉପଲବ୍ଧ। ସେ ଆନ୍ତର୍ଜାତୀୟ ନିର୍ବାଚନ ପରିଚାଳନା ସଂସ୍ଥାମାନଙ୍କୁ ନିଜ-ନିଜ ଦେଶର ଆଇନ ଓ ଭାଷା ଅନୁଯାୟୀ ଏପରି ଡିଜିଟାଲ ପ୍ଲାଟଫର୍ମ ବିକାଶ ପାଇଁ ଭାରତ ସହ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ।

ନିର୍ବାଚନ କମିଶନର ଡ଼. ସୁଖବୀର ସିଂହ ସାନ୍ଧୁ କହିଥିଲେ ଯେ, ଇସିଆଇ ନେଟ ନିର୍ବାଚନ ପରିଚାଳନା ସଂସ୍ଥାମାନଙ୍କ ପାଇଁ ଭରସା ବୃଦ୍ଧିରେ ସହାୟକ ହେବା ସହ ସ୍ୱଚ୍ଛତା ବଢ଼ାଇବ, ସମସ୍ତ କାର୍ଯ୍ୟର ନିରୀକ୍ଷଣ ସୁବିଧା ଦେବ ଏବଂ ଦ୍ରୁତ ନିଷ୍ପତ୍ତି ଓ ସୂଚନା ପ୍ରଚାରକୁ ସହଜ କରିବ। ଏହା ବିଶ୍ୱର ସବୁଠାରୁ ବଡ଼ ଡିଜିଟାଲ୍ ନିର୍ବାଚନୀ ପ୍ଲାଟଫର୍ମ ଭାବେ ପରିଚିତ ହେବ, ଯାହା ୪୦ରୁ ଅଧିକ ଆପ୍ସ୍ ଓ ପୋର୍ଟାଲ୍‌କୁ ଏକୀକୃତ କରିଛି।



# ଓଡ଼ିଶା ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପ ପାଇଁ ବୁଝାମଣା ସ୍ୱାକ୍ଷର

**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପ (ଏନଡିଏମପି) ଅନ୍ତର୍ଗତ 'ଓଡିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ' ଉପରେ ଏନଡିଏମପି ଓ ଓସଡମା ସହାୟତା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ମାଧ୍ୟମରେ ପାଣ୍ଠି ଯୋଗାଇବା ପାଇଁ ବୁଝାମଣା ସ୍ୱାକ୍ଷର ହୋଇଛି। ଏହି ପ୍ରକଳ୍ପରେ ମୋଟ୍ ୧୪୧.୫୦ କୋଟି ଟଙ୍କାର ବ୍ୟୟ ନିର୍ଦ୍ଧାରଣ କରାଯାଇଛି, ଯାହାକି ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଭାଗିତା ଅଂଶଧନରେ ବ୍ୟବସ୍ଥିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇସିଆଇଏସଏଟି, ଆଇଆରଆରଆଇ, ଓ ଆଇସିଏଆର-ସିଆରଆଇଡିଏ ପ୍ରଭୃତି ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ସହିତ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରଏହି ପ୍ରକଳ୍ପରେ ସହଭାଗିତାରେ କାର୍ଯ୍ୟ କରିବେ।

ଏହି ପ୍ରକଳ୍ପ ଯୋଜନା ଅନୁଯାୟୀ କାର୍ଯ୍ୟକାରୀ ହେବାକୁ ଥିବା ସଂଶୋଧନ ସବୁ ପ୍ରଥମେ ଭୂଦୃଶ୍ୟ ଏବଂ ସମ୍ପତି ମଡେଲକୁ ଅନୁସରଣ କରିବ। ଚାଷ ଜମିରୁ ଭୂଦୃଶ୍ୟ ପର୍ଯ୍ୟନ୍ତ ମୂଲ୍ୟଶୃଙ୍ଖଳ କାର୍ଯ୍ୟକ୍ରମର ଯୋଜନା କରାଯାଇଛି। ଏହା ଦ୍ୱାରା ଜଳ, ମାଟି, ଫସଲ ଏବଂ ମୂଲ୍ୟଶୃଙ୍ଖଳ ସୁଦୃଢ଼ ହୋଇପାରିବ। ପ୍ରତ୍ୟେକ ପଦକ୍ଷେପଗୁଡିକ ବ୍ଲକ ଗ୍ରାମଗୁଡିକର ଏକ ପୁଞ୍ଜ ଭାବରେ କାର୍ଯ୍ୟ କରିବ, ଯାହାଦ୍ୱାରା ଏହାର ସୁଫଳ କୃଷକମାନଙ୍କ ପାଖରେ ପହଞ୍ଚିପାରିବ। ଏକ ସରଳ ଡିଜିଟାଲ୍ ଡ୍ୟାସବୋର୍ଡ ଦ୍ୱାରା ଗ୍ରାମରୁ ରାଜ୍ୟ ପର୍ଯ୍ୟନ୍ତ ପ୍ରଗତି ଟ୍ରାକ୍ କରାଯିବା ସହ ସ୍ୱଚ୍ଛତା ଏବଂ ସମୟୋଚିତ କାର୍ଯ୍ୟ ସୁନିଶ୍ଚିତ କରାଯାଇପାରିବ।ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନା ସହିତ ସମନ୍ୱୟ ମାଧ୍ୟମରେ ଏହି ପ୍ରକଳ୍ପ କୋମନା ବ୍ଲକ (ନୂଆପଡା), କୋଷାଗୁମୁଡା ବ୍ଲକ (ନବରଙ୍ଗପୁର) ଏବଂ ରରୁଆଁ ବ୍ଲକ (ମୟୂରଭଞ୍ଜ) ରେ ଆରମ୍ଭ ହେବ, ଯାହା ପ୍ରତ୍ୟକ୍ଷ ଭାବରେ ପ୍ରାୟ ୨୪,୦୦୦ ପରିବାର ନିକଟରେ ପହଞ୍ଚିପାରିବ।

ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

# ହ୍ୟୁମାନଏଡ୍ ରୋବୋଟ୍ ପ୍ରଚଳନ କଲା

**ନୂଆଦିଲ୍ଲୀ, ୨୨।୧:** ଯାତ୍ରୀ ସୁରକ୍ଷା ଏବଂ ସେବା ପ୍ରଦାନକୁ ବୃଦ୍ଧିକରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ରେଳ ସୁରକ୍ଷା ବଳର ତତ୍ତ୍ୱାବଧାନରେ ବିଶାଖାପାଟଣା ରେଳ ଷ୍ଟେସନରେ ଏକ ହ୍ୟୁମାନଏଡ୍ ରୋବୋଟ୍ 'ଏଏସସି ଅର୍ଜୁନ' ପ୍ରଚଳନ କରିଛି।

## ବିଶାଖାପାଟଣା ରେଳ ଷ୍ଟେସନରେ ଉନ୍ମୋଚିତ



ପ୍ରଥମଥର ପାଇଁ ଭାରତୀୟ ରେଳବାଇ ଏହି ପ୍ରକାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି। ବିଶାଖାପାଟଣା ରେଳ ଷ୍ଟେସନରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ଉପସ୍ଥିତିରେ ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ଡିଭିଜନାଲ ରେଲୱେ ମ୍ୟାନେଜର ଲଳିତ ବୋହରା ଏହି ହ୍ୟୁମାନଏଡ୍ ରୋବୋଟ୍‌କୁ ଉନ୍ମୋଚନ କରିଥିଲେ।

ରେଳ ସୁରକ୍ଷା ବଳର ଆଧୁନିକୀକରଣ ଏବଂ ଡିଜିଟାଲ ରୂପାନ୍ତରଣ ପଦକ୍ଷେପର ଅଂଶ ଭାବରେ ନିୟୋଜିତ ଏହି ହ୍ୟୁମାନଏଡ୍ ରୋବୋଟ୍ ବିଭିନ୍ନ ରେଳ କାର୍ଯ୍ୟକୁ ସଠିକ ଭାବରେ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି ସୁରକ୍ଷା, ଯାତ୍ରୀ ସହାୟତା, ଭିଡ଼ ପରିଚାଳନା, ସ୍ୱଚ୍ଛତା ତଦାରଖ ଏବଂ ସୁରକ୍ଷା ସଚେତନତା କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ।

ଏହି ରୋବୋଟଟି ସମ୍ପୂର୍ଣ୍ଣ ଭାବରେ ବିଶାଖାପାଟଣାରେ ଡିଜାଇନ୍ ଏବଂ ବିକଶିତ ହୋଇଛି, ଯେଉଁଥିରେ ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଏହି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସଫଳତାର ସହିତ ବିକଶିତ କରିବା ପାଇଁ ଏକ ବର୍ଷରୁ ଅଧିକ ସମୟ ଧରି କଠିନ ପରିଶ୍ରମ କରିଛି। ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା କହିଛନ୍ତି ଯେ, ଏଏସସି ଅର୍ଜୁନର ପ୍ରଚଳନ ରେଳ ସୁରକ୍ଷାକୁ ସୁଦୃଢ଼ କରିବା, ଯାତ୍ରୀ ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କୁ ସମର୍ଥନ କରିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ଏକ ଅଗ୍ରଣୀ ପଦକ୍ଷେପ। ଭାରତୀୟ ରେଳବାଇ ଏକ ନିରାପଦ, ସୁରକ୍ଷିତ ଏବଂ ଯାତ୍ରୀ-ଅନୁକୂଳ ରେଳ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ନବସୃଜନକୁ ଗ୍ରହଣ କରିବାକୁ ପ୍ରତିବଦ୍ଧ।

# ବାପା ହେଲେ ସବ୍ୟ



**ଭୁବନେଶ୍ୱର, ୨୨।୧(ସଂଚାର ବ୍ୟୁରୋ):** ଓଡ଼ିଶାର ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ଘରକୁ ଆସିଛି ନୂଆ ଅତିଥି। ବୁଧବାର ଏହି ଷ୍ଟାର୍ ଦମ୍ପତି ଏକ ପୁତ୍ର ସନ୍ତାନର ବାପା-ମାଆ ହୋଇଛନ୍ତି। ୨୦୨୧ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଏହି ଦମ୍ପତିଙ୍କର ଏହା ହେଉଛି ପ୍ରଥମ ସନ୍ତାନ। କିଛି ଦିନ ପୂର୍ବରୁ ସବ୍ୟସାଚୀ ଏବଂ ଅର୍ଚ୍ଚିତା ଏକ ସ୍ୱତନ୍ତ୍ର ଭିଡିଓ ଜରିଆରେ ନିଜ ପ୍ରଶଂସକମାନଙ୍କୁ ଏହି ଖୁସି ଖବର ବା 'ସ୍ୱିଟ୍ ସିକ୍ରେଟ୍' ଜଣାଇଥିଲେ। ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ପୃଷ୍ଠଭୂମିରେ ଏହି ଭିଡିଓଟି ସୁଟ୍ କରାଯାଇଥିଲା। ସୋସିଆଲ ମିଡିଆରେ ଏବେ ଶୁଭେଚ୍ଛାର ସୁଅ ଛୁଟିଛି। ସିନେମା ଜଗତର କଳାକାର ଏବଂ ଶୁଭେଚ୍ଛୁମାନେ ନବଜାତ ଶିଶୁ ଓ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ସେନସେକ୍ସ ୮୦୦ ପଏଣ୍ଟ ବଢ଼ିଲା

## ❑ ସେୟାର ବଜାରରେ ନୂଆ ମୋଡ଼



ନୂଆଦିଲ୍ଲୀ, ୨୨।୧: ଭାରତୀୟ ଷ୍ଟକ୍ ବଜାରରେ ଗତ କିଛି ଦିନ ଧରି ଲଗାତାର ହ୍ରାସ ଦେଖାଯାଉଥିଲା, କିନ୍ତୁ ଏବେ ଏହି ହ୍ରାସ ବନ୍ଦ ହୋଇଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ଡୋନାଲ୍ଡ ଟ୍ରମ୍ପଙ୍କ ବୟାନ ପରେ, ସେନସେକ୍ସ ଏବଂ ନିଫ୍ଟିରେ ଚାଲିଥିବା ହ୍ରାସ ହଠାତ୍ ବନ୍ଦ ହୋଇଯାଇଛି। ସପ୍ତାହର ଚତୁର୍ଥ ବ୍ୟବସାୟିକ ଦିନ ଗୁରୁବାର, ବିଏସଇ ସେନସେକ୍ସ ୮୦୦ ପଏଣ୍ଟରେ ବଢ଼ିବା ସହିତ ଯେତେବେଳେ ଏନଏସଇ ନିଫ୍ଟିରେ ମଧ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦେଖାଦେଇଥିଲା।

ଗୁରୁବାର ଷ୍ଟକ୍ ବଜାରରେ କାରବାର ବୃଦ୍ଧି ସହିତ ଆରମ୍ଭ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦ ସେୟାର ବିଶିଷ୍ଟ ସେନସେକ୍ସ ୮୨ ହଜାର ୧୮୦ରେ ଖୋଲିଥିଲା, ଯାହା ଏହାର ପୂର୍ବରୁ ବନ୍ଦ ଥିବା ୮୧, ୯୦୯ ଅଙ୍କଠୁ ବୃଦ୍ଧି ପାଇଥିଲା ଏବଂ ପରେ ୮୨ ହଜାର ୭୧୪ ସ୍ତରକୁ ଡେଇଁ ୮୦୦ ପଏଣ୍ଟ ବୃଦ୍ଧି ପାଇଥିଲା। ସେନସେକ୍ସ ପରି, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ସୂଚକାଙ୍କ ମଧ ଦ୍ରୁତ ଗତିରେ ଚାଲିବା ଦେଖାଯାଇଥିଲା। ଏନଏସଇର ନିଫ୍ଟି ଖୋଲିବା ମାତ୍ରେ ୨୫୦ ପଏଣ୍ଟ ବୃଦ୍ଧି ପାଇ ୨୫ ହଜାର ୪୧୨ରେ ପହଞ୍ଚିଥିଲା, ଯାହା ଏହାର ପୂର୍ବ ବନ୍ଦରେ ୨୫ ହଜାର ୧୫୭ ଥିଲା।

ଶେଷ କାରବାର ବୁଧବାର ଦିନ ଭାରତୀୟ ଷ୍ଟକ୍ ବଜାର ଲଗାତାର ତୃତୀୟ ଦିନ ପାଇଁ ହ୍ରାସ ସହିତ ବନ୍ଦ ହୋଇଥିଲା। ବିଏସଇ ସେନସେକ୍ସ ଏହାର ପୂର୍ବ ବନ୍ଦ ୮୨ ହଜାର ୧୮୦ ତୁଳନାରେ ହ୍ରାସ ସହିତ ଖୋଲିଥିଲା ଏବଂ ଦିନସାରା ରେଡ୍ ଜୋନରେ କାରବାର କରିବା ପରେ, ଶେଷରେ ଏହା ୮୧ ହଜାର ୯୦୯ ସ୍ତରରେ ବନ୍ଦ ହୋଇଥିଲା, ଯାହା ୨୭୦.୮୪ ପଏଣ୍ଟ ହ୍ରାସ ପାଇଥିଲା। ଏହା ବ୍ୟତୀତ, ଏନଏସଇ ନିଫ୍ଟି ସୂଚକାଙ୍କ ମଧ ମଙ୍ଗଳବାରର ବନ୍ଦ ୨୫ ହଜାର ୨୩୨ ତୁଳନାରେ ୧୦୦ ପଏଣ୍ଟ ହ୍ରାସ ପାଇବା ଆରମ୍ଭ କରିଥିଲା ଏବଂ ଖୋଲିବା ପରେ, ଏହା ସାରା ଦିନ ହ୍ରାସ ପାଇଥିଲା ଏବଂ ବଜାର ବନ୍ଦ ହେବା ସମୟରେ, ଏହି ସୂଚକାଙ୍କ ୭୫ ପଏଣ୍ଟ ହ୍ରାସ ପାଇ ୨୫ ହଜାର ୧୫୭ରେ ବନ୍ଦ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱ ଅର୍ଥନୈତିକ ଫୋରମରେ ଯୋଗଦେବା ପାଇଁ ସ୍ୱିଜରଲ୍ୟାଣ୍ଡର ଡାଭୋସରେ ପହଞ୍ଚିଛନ୍ତି। ତାଙ୍କ ଅଭିଭାଷଣ ପରେ, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତ ସହିତ ଆମେରିକାର ବାଣିଜ୍ୟ ଚୁକ୍ତି ବିଷୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ତାଙ୍କର ବହୁତ ସମ୍ମାନ ଅଛି, ସେ ଜଣେ ଚମତ୍କାର ବ୍ୟକ୍ତି ଏବଂ ବନ୍ଧୁ। ଆମେ ଏକ ମହାନ ବାଣିଜ୍ୟ ଚୁକ୍ତି କରିବାକୁ ଯାଉଛୁ।"

ଭାରତୀୟ ଷ୍ଟକ୍ ବଜାରରେ ଚାଲିଥିବା ହ୍ରାସରେ ବ୍ରେକ୍ ଲାଗିବାର ସୂଚନା ଦେଉଥିଲା। ଭାରତ-ଆମେରିକା ଚୁକ୍ତିଠାରୁ ଆରମ୍ଭ କରି ଗ୍ରୀନଲ୍ୟାଣ୍ଡ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଟ୍ରମ୍ପଙ୍କ ସଦ୍ୟତମ ବୟାନ ପରେ, ଅଧିକାଂଶ ଏସୀୟ ବଜାର ମଧ ଗ୍ରୀନ୍ ଜୋନରେ କାରବାର କରୁଥିବା ଦେଖାଯାଇଥିଲା। ଏହା ପୂର୍ବରୁ, ପୂର୍ବ ବାଣିଜ୍ୟ ଦିନରେ ଆମେରିକା ଷ୍ଟକ୍ ବଜାର ତୀବ୍ର ବୃଦ୍ଧି ସହିତ ବନ୍ଦ ହୋଇଥିଲା।



## ଆଜିର ସୁନା ଦର

ସୁନା ବଜାରରେ ନିଆଁ। ସୁନା ମୂଲ୍ୟରେ ଏବେ ସାରା ବିଶ୍ୱରେ ନିଆଁ ଲାଗିଛି। ପ୍ରଥମ ଥର ପାଇଁ ଭାରତୀୟ ବଜାରରେ ଦେଢ଼ ଲକ୍ଷ ଟପିଲା ଦର। ସୀମା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ରେଟ୍ ରହିଛି ୧ଲକ୍ଷ ୫୧ହଜାର ୪୭୫ ଟଙ୍କା। ୨୨ କ୍ୟାରେଟର ୧୦ ଗ୍ରାମ ପିଛା ଦର ରହିଛି ୧ଲକ୍ଷ ୩୭ହଜାର ୩୧୦ ଟଙ୍କା। ଦିନକୁ ଦିନ ଦର ହୁ ହୁ ହୋଇ ବଢ଼ିଚାଲିଥିବାବେଳେ ବିବାହ ସିଜନରେ ମଧ୍ୟବିତ୍ତ ପରିବାର ଉପରେ ପ୍ରହାର ହୋଇଛି। ଭୂରାଜନୈତିକ କାରଣ ସହ ଇଣ୍ଡଷ୍ଟ୍ରିଆଲ ଡିମାଣ୍ଡ ଯୋଗୁଁ ବଢ଼ୁଛି ସୁନା ଦର। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିବା ଫଳରେ ଆମ ଦେଶରେ ସୁନା ଦାମ ଅଧିକ ବଢ଼ୁଛି। ସେହିଭଳି ସେୟାର ବଜାରରେ ଅନିଶ୍ଚିତତା ଦେଖାଦେଲେ ଲୋକେ ସୁନାରେ ପଇସା ଲଗାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଯାହା ଫଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ମୂଲ୍ୟ । ପ୍ରଥମ ଥର ପାଇଁ ଭାରତୀୟ ବଜାରରେ ଏହା ୧.୫ ଲକ୍ଷ ଟଙ୍କା ସୀମା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି ।

# ଭାରତରେ ଲଞ୍ଚହେଲା ଡୁକାଟି



ଇଟାଲୀୟ ସୁପରବାଇକ୍ କମ୍ପାନୀ ଡୁକାଟି ଭାରତରେ ଏହାର ଖାସ୍ ଏବଂ ଲିମିଟେଡ ଏଡିସନ୍ ସୁପରବାଇକ୍, ପାନିଗାଲେ ଭି୪ ଟ୍ରାଏକଲର୍ ଲଞ୍ଚ କରିଛି। ଏହି ପ୍ରିମିୟମ୍ ବାଇକର ଏକ୍ସ-ଶୋରୁମ୍ ପ୍ରାଇସ୍ ହେଉଛି ୭.୭ ଲକ୍ଷ ଟଙ୍କା ରହିଛି। ଡୁକାଟି ର ଫ୍ଲାଗସିପ୍ ସୁପରସ୍ପୋର୍ଟ ବାଇକ୍‌ର ଏହି ଖାସ୍ ଏଡିସନ୍ ସାରା ବିଶ୍ୱରେ କେବଳ ୧,୦୦୦ ୟୁନିଟ୍ ପର୍ଯ୍ୟନ୍ତ ସୀମିତ। ଭାରତରେ ମଧ ବହୁତ କମ୍ ୟୁନିଟ୍ ଉପଲବ୍ଧ ହେବ, ଯାହା ଏହାକୁ ଅଧିକ ସ୍ପେଶାଲ୍ କରିବ।

ପ୍ରକୃତରେ, ଏହି ବାଇକ୍‌ର ସବୁଠାରୁ ଖାସ୍ ଫିଚର୍ସ ହେଉଛି ଏହାର ଟ୍ରାଇକଲର ପେଣ୍ଟ ସ୍କିମ୍ ରହିଛି। ଯାହା, ଇଟାଲୀୟ ପତାକାର ତିନୋଟି ରଙ୍ଗକୁ ସାମିଲ କରିଛି ଯାହା ହେଉଛି- ଲାଲ, ଧଳା ଏବଂ ସବୁଜ। ଏଥର, ଡୁକାଟି ନୂଆ ଅସିମେଟ୍ରିକ୍ ଲିଭରି ଡିଜାଇନ୍ ସହିତ ଏହି କଲର କମ୍ବିନେସନକୁ ଉପସ୍ଥାପନ କରିଛି। ଫେମସ୍ ଡିଜାଇନର୍ ଆଲ୍ଡୋ ଡ୍ରୁଡି ଦ୍ୱାରା ନିର୍ମିତ ଏହି ଡିଜାଇନ୍ ବାଇକ୍‌କୁ ଏକ ରେସିଂ-ଇନସ୍ପାୟର୍ଡ ଏବଂ ଆଗ୍ରେସିଭ୍ ଲୁକ୍ ପ୍ରଦାନ କରେ। ଯେଉଁ କାରଣରୁ ବାଇକ୍ ଚଲାଇବାର ଏକ୍ସପେରିୟନ୍ସ ଖୁବ୍ ନିଆରା ହେବ। ଏଥିସହ ରାସ୍ତାରେ ମଧ ବାଇକ୍‌ଟି ଏକ ରେସଟ୍ରାକ୍ ପରି ଅନୁଭବ ହେବ। ପାନିଗାଲେ ଭି୪ ଟ୍ରାଏକଲର୍‌କୁ ଖାସ୍ କରିବା ପାଇଁ, ଡୁକାଟି ଅନେକ ଅନନ୍ୟ ପ୍ରଡକ୍ଟ ସାମିଲ୍ କରିଛି। ଏଥିରେ ୟୁନିଟ୍ ନମ୍ବର ସହିତ ଏକ ଷ୍ଟିଅରିଂ ପ୍ଲେଟ୍, ନମ୍ବରଯୁକ୍ତ ଆଲୁମିନିୟମ୍ କୀ, ଷ୍ଟାର୍ଟ-ଅପ୍ ଉପରେ ଏକ ସ୍ପେଶାଲ ଡ୍ୟାସବୋର୍ଡ ଆନିମେସନ୍ ଏବଂ ଏକ ପ୍ରିମିୟମ୍ ଆଲକାଣ୍ଟାରା ସିଟ୍ ସାମିଲ୍। ଏହା ସହିତ, ଆଡଜଷ୍ଟେବଲ୍ ବିଲେଟ୍ ଆଲୁମିନିୟମ୍ ଫୁଟପେଗ୍ ପ୍ରଦାନ କରାଯାଇଛି, ଯାହା ଆରୋହୀଙ୍କୁ ସେମାନଙ୍କ ଆରାମ ସହିତ ରାଇଡିଂ ପୋଜିସନ୍ ଆଡଜଷ୍ଟ କରିବାକୁ ସହଜ ହେବ। ଏହି ସୁପରବାଇକରେ ହାଲୁକା କାର୍ବନ ଫାଇବର ଚକ ରହିଛି, ଯାହା ପ୍ରାୟ ୩ କିଲୋଗ୍ରାମ ଓଜନ ହ୍ରାସ କରେ ଏବଂ ହ୍ୟାଣ୍ଡଲିଂକୁ ଉନ୍ନତ କରେ। ବ୍ରେକିଂ ପାଇଁ ଏଥିରେ ରେସିଂ-ଗ୍ରେଡ୍ ବ୍ରେମ୍ବୋ ସିଷ୍ଟମ ରହିଛି, ଯାହା ଡୁକାଟି ର ଏକ ସୁପର ବାଇକ୍ ଭାବରେ ଉପସ୍ଥାପନ କରାଯାଇଛି। ଇଞ୍ଜନ୍ ବିଷୟରେ କହିବାକୁ ଗଲେ ଏଥିରେ, ୧,୧୦୩ ccର ଭି୪ ଇଞ୍ଜନ୍ ରହିଛି, ଯାହା ୨୧୬ ବିଏଚପିର ପାୱାର ଏବଂ ୧୨୨ଏନଏମର ଟର୍କ ଜେନେରେଟ୍ କରିଥାଏ। ତେବେ ଯଦି ଆପଣ ଏକ ସୁପର ବାଇକ୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ନିଶ୍ଚିତ ଭାବରେ ଡୁକାଟି ପାନିଗାଲେ ଭି୪ ଟ୍ରାଏକଲର୍ ବାଇଟିକୁ କିଣନ୍ତୁ ଏବଂ ଏହାକୁ ଚଲାଇବାର ମଜା ନିଅନ୍ତୁ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# କଚ୍ଛପ ଗତିରେ ଭାରତର ମାନୁଫାକ୍ଚରିଂ ସେକ୍ଟର

## ଭିଏତନାମ, ସିଙ୍ଗାପୁର ଓ ମାଲେସିଆ ଆଗକୁ ଗଲେ, ଷଷ୍ଠ ସ୍ଥାନରେ ଭାରତ



ନୂଆଦିଲ୍ଲୀ, ୨୨।୧: ଏସିଆର ମେନୁଫେକ୍ଚରିଂ ହବ୍ ହେବ ଭାରତ। ଏହି ସ୍ୱପ୍ନ ନେଇ ଜୋରସୋର୍‌ରେ କାମ ଚାଲିଥିଲା। ହେଲେ ଏବେ ଲାଗୁଛି କାମ ମନ୍ଥର ପଡ଼ିଯାଇଛି। ଭାରତର ମେନୁଫେକ୍ଚରିଂ ସେକ୍ଟର କଇଁଚ ଗତିରେ ଚାଲୁଛି। ବୁଧବାର ପ୍ରକାଶିତ ଏସିଆ ମାନୁଫାକଚରିଂ ଇଣ୍ଡେକ୍ସ(ଏଏମ୍ଆଇ)-୨୦୨୬ରେ ଭାରତ ୬ ସ୍ଥାନରେ ସ୍ଥିର ରହିଛି। ଯାହା ବିକଶିତ ଭାରତ ଦିଗରେ ଏକ ବାଧକ ହୋଇପାରେ।

ବୁଧବାର ପ୍ରକାଶିତ ଏସିଆ ମାନୁଫାକଚରିଂ ଇଣ୍ଡେକ୍ସ (ଏଏମ୍ଆଇ)-୨୦୨୬ରେ ଏହି ରିପୋର୍ଟରେ ଭାରତ ୧୧ ପ୍ରମୁଖ ଏସୀୟ ଦେଶଙ୍କ ତାଲିକାରେ ଷଷ୍ଠ ସ୍ଥାନରେ ରହିଛି। ୨୦୨୪ ରିପୋର୍ଟରେ ଭାରତ ୮ଟି ଦେଶ ମଧ୍ୟରେ ଚତୁର୍ଥ ସ୍ଥାନରେ ଥିଲା, କିନ୍ତୁ ଗତ ବର୍ଷରୁ ଏହା ଷଷ୍ଠ ସ୍ଥାନରେ ସ୍ଥିର ରହିଛି।ରିପୋର୍ଟ ଅନୁସାରେ, ଚୀନ୍ ଏବେ ଏସିଆରେ ବିନିର୍ମାଣ କ୍ଷେତ୍ରରେ ବିଶ୍ୱର ପ୍ରଥମ ପସନ୍ଦ ରହିଛି। ସେହିଭଳି ମାଲେସିଆ ଏଥର ବଡ଼ ସଫଳତା ହାସଲ କରିଛି। ଏହି ଦେଶ ଭିଏତ୍ନାମକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ହାସଲ କରିଛି। ସେହିପରି ଭିଏତ୍ନାମ ତୃତୀୟ, ସିଙ୍ଗାପୁର ଚତୁର୍ଥ ଏବଂ ଦକ୍ଷିଣ କୋରିଆ ପଞ୍ଚମ ସ୍ଥାନରେ ରହିଛି। ଭାରତ ଏହି ଦେଶଗୁଡ଼ିକଠାରୁ ପଛରେ ଷଷ୍ଠ ସ୍ଥାନରେ ରହିଛି । ଇଣ୍ଡୋନେସିଆ ସପ୍ତମ ଏବଂ ଥାଇଲାଣ୍ଡ୍ ଅଷ୍ଟମ ସ୍ଥାନରେ ରହିଛି।

ତେବେ ଭାରତ କେତେକ କ୍ଷେତ୍ରରେ ମଜଭୁତ ଥିବାବେଳେ ଅନେକ କ୍ଷେତ୍ରରେ ଏହାକୁ ସୁଧାର ଆଣିବାକୁ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ଭାରତ ପାଖରେ ବଡ଼ କାର୍ଯ୍ୟଶକ୍ତି ବା ଶ୍ରମିକ ଉପଲବ୍ଧତା ରହିଛି। ବର୍ଦ୍ଧିତ ଘରୋଇ ଚାହିଦା ଏହାର ବଡ଼ ଶକ୍ତି। ସରକାରଙ୍କ ପ୍ରଡକ୍ସନ ଲିଙ୍କ୍ ଇନସେନଟିଭ (ପିଏଲ୍ଆଇ) ସ୍କିମ୍ ଭଳି ନୀତି ଯୋଗୁ ଇଲେକ୍ଟ୍ରୋନିକ୍ସ ଏବଂ ଫାର୍ମା କ୍ଷେତ୍ରରେ ବଡ଼ ମାତ୍ରାରେ ନିବେଶ ଆସୁଛି। ତେବେ ଭିତ୍ତିଭୂମି କ୍ଷେତ୍ରରେ ଭାରତ ଏବେ ବି ସିଙ୍ଗାପୁର ଏବଂ ଚୀନ୍ ଭଳି ଦେଶଠାରୁ ବହୁ ପଛରେ ରହିଛି। ଏହାବ୍ୟତୀତ ଭ୍ରଷ୍ଟାଚାରକୁ ନେଇ ଧାରଣା ଏବଂ ସଂସ୍ଥାଗତ ସ୍ଥିରତା ମାମଲାରେ ଭାରତକୁ କମ୍ ଅଙ୍କ ମିଳିଛି। ଟିକସ ନୀତି ଏବଂ ଲଜିଷ୍ଟିକ୍ ଖର୍ଚ୍ଚ କମ୍ କରିବା ଭାରତ ପାଇଁ ବଡ଼ ଆହ୍ୱାନ ପଲଟିଛି।

ରିପୋର୍ଟରେ କୁହାଯାଇଛି ଯେ, ଭ୍ରଷ୍ଟାଚାର ମାମଲାରେ ଭାରତ ଏହାର ୬ ପ୍ରତିଦ୍ୱନ୍ଦ୍ୱୀ ଦେଶଙ୍କଠାରୁ ପଛରେ ପଡ଼ିଛି। ବିଶେଷଜ୍ଞଙ୍କ କହିବାନୁସାରେ, ମେକ୍ ଇନ୍ ଇଣ୍ଡିଆକୁ ସମ୍ପୂର୍ଣ୍ଣ ରୂପେ ସଫଳ କରିବା ପାଇଁ ଭାରତକୁ ନିଜର ଆଇନଗତ ପ୍ରକ୍ରିୟାକୁ ଅଧିକ ସରଳ କରିବାକୁ ପଡ଼ିବ। ତେବେ ଯାଇ ୨୦୨୬ ସୁଦ୍ଧା ୧ ଟ୍ରିଲିୟନ ଡଲାରର ବିନିର୍ମାଣ ଅର୍ଥନୀତି ପାଲଟିବା ଭାରତର ଲକ୍ଷ୍ୟ ହାସଲ କରିପାରିବ। ଭାରତକୁ କେବଳ ଶ୍ରମ ଉପଲବ୍ଧତା ଉପରେ ନିର୍ଭର ରହିବା ବଦଳରେ ଦକ୍ଷତା ବିକାଶ ଏବଂ ଡିଜିଟାଲ ଭିତ୍ତିଭୂମି ଉପରେ ଧ୍ୟାନ ଦେବାକୁ ପଡ଼ିବ। ଯଦି ଭାରତ ଏହାର ଲଜିଷ୍ଟିକ୍ସ ଖର୍ଚ୍ଚକୁ କମ୍ କରିଦିଏ ତେବେ ଆଗାମୀ କିଛି ବର୍ଷରେ ଏହା ଭିଏତ୍ନାମ ଏବଂ ମାଲେସିଆ ଆଦି ରାଷ୍ଟ୍ରକୁ କଡ଼ା ଟକ୍କର ଦେବ।

# ଲଞ୍ଚ୍‌କଲା 'କିଆ'ର ନୂଆ ସେଲଟୋସ୍

ଭୁବନେଶ୍ୱର, ୨୨।୧: ଏମ୍ପ୍ରିଓ କିଆ ପ୍ରିମିୟମର ପଟିଆ ସୋରୁମ୍‌ରେ ନୂଆ କିଆ ସେଲଟୋସ୍‌କୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଏମ୍ପ୍ରିଓ କିଆର ସିଇଓ ସନ୍ଦୀପ ଓଝା, ଏମ୍ପ୍ରିଓ ଏମଜିର ସିଇଓ ପାର୍ଥସାରଥୀ ଗୁରୁ, ରି-ୱ୍ୟାୟାରରୁ ଅପୂର୍ବା ରୀତ, ସ୍କୋଡାର ଜିଏମ୍ ରଘୁବୀର ବର୍ମା ଏବଂ ରି-ୱ୍ୟାୟାରର ସିଇଓ ମହମ୍ମଦ ଅଜହର ଅତିଥି ଭାବେ ଯୋଗଦେଇଥିଲେ। ଏମ୍ପ୍ରିଓ କିଆର ବିଜନେସ୍ ଡେଭଲପମେଣ୍ଟ ମ୍ୟାନେଜର ଅବିନାଶ ମଣ୍ଡଳ ମଧ ଉପସ୍ଥିତ ଥିଲେ। ନୂଆ କିଆ ସେଲଟୋସ୍‌ର ଏଲ୍ଇଡି ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଡାଇନାମିକ ୱେଲ୍‌କମ୍ ଲାଇଟ୍, ଆକର୍ଷଣୀୟ ସାମ୍ନା ପାର୍ଶ୍ୱ ଏହାକୁ ସ୍ୱତନ୍ତ୍ର କରିଛି। ପେଟ୍ରୋଲ, ଟର୍ବୋ ପେଟ୍ରୋଲ ଏବଂ ଟର୍ବୋ ଡିଜେଲ ଇଞ୍ଜିନ୍ ବିକଳ୍ପ ସହିତ ଏକାଧିକ ଟ୍ରାନ୍ସମିସନ ଚୟନର କରିବାର ସୁବିଧା ରହିଛି। ଏଥିରେ ଚଉଡ଼ା ପାନୋରାମିକ୍ ଡିସ୍‌ପ୍ଲେ ସହ ଅନେକ ଆରାମଦାୟକ ସୁବିଧାସୁଯୋଗ ମଧ ରହିଛି। ଏହାର ସ୍ପୋର୍ଟି ଆଲୟ ହୁଇଲ୍, ଅଟୋ-ଫୋଲ୍ଡିଂ ମିରର୍, ଫ୍ଲସ୍ ଡୋର୍ ହ୍ୟାଣ୍ଡେଲ୍ ଏବଂ ରୁଫ୍ ରାକ୍ ଏସୟୁଭିର ଆକର୍ଷଣକୁ ଆହୁରି ବଢ଼ାଇଛି। ପଛ ପାର୍ଶ୍ୱରେ ଥିବା ଷ୍ଟାଇଲିସ୍ ଏଲ୍ଇଡି ଟେଲ୍ ଲ୍ୟାମ୍ପ, ରିୟର୍ ୱାଇପର୍ ଏବଂ ଏକ ବୃହତ୍ ବୁଟ୍ ସ୍ପେସ୍, ରାତ୍ରି କାଳୀନ ଗାଡ଼ିଚାଳନା ଏବଂ ଦୂର ଯାତ୍ରା ପାଇଁ ସୁବିଧା, ସୁରକ୍ଷା ଓ ଆତ୍ମବିଶ୍ୱାସ ପ୍ରଦାନ କରିବ।



### ଚକରପଡାଡ଼ାରେ ଧାନକିଣା ଆରମ୍ଭ

## ଖୋଲିଲା ଧାନ ମଣ୍ଡି, ଖୁସିହେଲେ ଚାଷୀ

**କାକଟପୁର/ଅସ୍ତରଙ୍ଗ, ୨୨।୧(ସଂଚାର ବ୍ୟୁରୋ):** ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଖୋଲିଲା ଧାନ ମଣ୍ଡି। ଏଣିକି ଚାଷୀ ମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରି ପାରିବେ। ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂ ଅସ୍ତରଙ୍ଗ ଶାଖା ଅଧୀନ ଚକରପଡା ସେବା ସମବାୟ ସମିତି ତରଫରୁ ଗୁରୁବାର ଧାନମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ଚକରପଡା ସେବା ସମିତି ସମ୍ପାଦକ ପବିତ୍ର ରାଉତ, ଆର ଏମ୍ ସି କ୍ୱାଲିଟି ଟେଷ୍ଟ ଅଫିସର ବିନୟ



କୁମାର ବିଶ୍ୱାଳ, ମଣ୍ଡି ନୋଡାଲ ଅଧିକାରୀ ପ୍ରଶାନ୍ତ ସ୍ୱାଇଁ, ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ଆଞ୍ଚଳିକ କ୍ଷେତ୍ର ଅଧିକାରୀ ଅସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରି ପାରିବେ ଚାଷୀ।ଚଳିତ ବର୍ଷ ଚକରପଡା ସେବା ସମବାୟ ସମିତିରେ ୪୫୨ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୭ଜଣ ଚାଷୀ ୩ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଉପସ୍ଥିତ ଅତିଥି ମାନେ ନିଜ ବକ୍ତବ୍ୟ ରେ କହିଥିଲେ ଚଳିତ ବର୍ଷ ସୁରୁଖୁରୁରେ ଧାନ କିଣିବା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୋସାଇଟି ସମ୍ପାଦକ, ମିଲର ଙ୍କ ମଧ୍ୟ ଆଲୋଚନା କରାଯାଇଛି। ଧାନ ଦେବାର ଚାଷୀ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠାଇବାକୁ ଲକ୍ଷ ରଖିଛି ପ୍ରଶାସନ। ଚାଷୀ ମାନେ ମଣ୍ଡିରେ ଧାନ ଦେଇ ଖୁସି ହୋଇଥିଲେ।

## ମାଳପୁରରେ ଅଗ୍ନିକାଣ୍ଡ ଅଘଟଣ




**ବାଲିକୁଦା, ୨୨।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ଅରିଲୋ ଗ୍ରାମପଞ୍ଚାୟତ ଅଧିନସ୍ଥ ମାଳ ପୁରରେ ଗତକାଲି ଘଟିଥିବା ଅଗ୍ନିକାଣ୍ଡ ବିଷୟରେ ସଂଚାରରେ ଖବର ପ୍ରକାଶିତ ପରେ ବାଲିକୁଦା ପ୍ରଶାସନ ପକ୍ଷରୁ, ତହସିଲଦାର ବିକାଶ ରଞ୍ଜନଙ୍କ ନିର୍ଦ୍ଦେଶ କ୍ରମେ ଆର ଆଇ ଅଗ୍ନି ବିପନ୍ନ ପରିବାରଙ୍କ ନିକଟରେ ପହଂଚି ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ସହ ପଲିଥିନ ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଆଶା କର୍ମୀ ନିଜର ମହାନୀୟତା ଦେଖାଇ ଅଗ୍ନି ବିପନ୍ନ ପରିବାରର ସମସ୍ତ ମହିଳା ମାନଙ୍କୁ ବସ୍ତ୍ର ପ୍ରଦାନ କରିବା ସହିତ ପାଞ୍ଚ ସହ ଟଙ୍କା ଲେଖା ଆର୍ଥିକ ସହାୟତା ପ୍ରଦାନ କରଥିଲେ। ଘଟଣା ସ୍ଥଳକୁ ଯିବା ପାଇଁ ରାସ୍ତା ନଥିବାରୁ ଫାୟାର ଗାଡି ପହଂଚି ପାରିନଥିଲା, ଏହି ସମସ୍ୟା ପାଇଁ ଆମେ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ ଜଣାଇଥିଲେ ଯେ, ଅଗ୍ନି କାଣ୍ଡ ଘଟିଥିବା ଯାଗାକୁ ସରକାରୀ ରାସ୍ତା ନଥିବା ଏବଂ କିଛି ବ୍ୟକ୍ତି ବିଶେଷଙ୍କ ନିଜସ୍ୱ ଯାଗା ଥିବାରୁ ସେଠାରେ ରାସ୍ତା କାର୍ଯ୍ୟ କରିବା ସମ୍ଭବ ହେଉନାହିଁ।

## ଅଲଣା ଧାନମଣ୍ଡି ଉଦ୍‌ଘାଟିତ



**ନାଉଗାଁ, ୨୨।୧(ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ଧାନମଣ୍ଡି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେବା ସମବାୟ ସମିତିର ସଭାପତି ସୁଜିତ୍ କୁମାର ମଲ୍ଲିକ ଯୋଗ ଦେଇ ଫିତା କାଟି ମଣ୍ଡିକୁ ଉଦଘାଟନ କରିଥିଲେ। ତାଙ୍କ ସହିତ ମଣ୍ଡି ତଦାରଖ ଅଧିକାରୀ ତଥା ତହସିଲଦାର ଅକ୍ଷୟ କୁମାର ବଡୁ, ଜଗତସିଂହପୁର ଆରଏମ୍‌ସିର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ମଣ୍ଡି ନୋଡାଲ ଅଧିକାରୀ ଶ୍ରୀମନ୍ତ ନାରାୟଣ ଦାଶ, ଅଲଣା ସରପଞ୍ଚ ଚନ୍ଦ୍ରମଣୀ ବେହେରା, ଘୋଡାଂଶ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ, ଧାନ କ୍ରୟ କମିଟିର ସଭ୍ୟ ତାପସ ଦାସ, ପ୍ରଫୁଲ ପରିଡ଼ା, ସୁଶାନ୍ତ ଦାସ, ଚାଷୀ ଶିବ ଚରଣ ନାୟକ, ସୁଦର୍ଶନ ପରିଡ଼ା ଆଦି ଯୋଗ ଦେଇଥିଲେ। ଚଳିତ ଖରିଫ ରିତୁ ପାଇଁ ଏହି ସମବାୟ ସମିତିରେ ୬୩୬ଜଣ ଚାଷୀ ପଂଜୀକୃତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨ ହଜାର କୁଇଂଟାଲ ଧାନ ଗ୍ରହଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୭ ତାରିଖରେ ଧାନ ସଂଗ୍ରହ କରାଯିବ ବୋଲି ସମିତି ସମ୍ପାଦକ ବନ୍ଦିତା ରାୟ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ସମିତିର ଡିଇଓ ରଞ୍ଜନ କୁମାର ଲେଙ୍କା, କର୍ମଚାରୀ ରୁଦ୍ରନାରାୟଣ ରାଉତ, ନରେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

## ଖୁଣ୍ଟାପୁର ପଡ଼ିଆରେ ମକର ମହୋତ୍ସବ ଉଦଯାପିତ

**ବୈଶିଙ୍ଗା, ୨୨।୧(ସଂଚାର ବ୍ୟୁରୋ):** ସନାତନୀ ପରମ୍ପରା ସହିତ ଓଡିଆ ଅସ୍ମିତାର ଧାର୍ମିକ ପରମ୍ପରା ସ୍ୱରୁପ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରେ ଧର୍ମାଲୋଚନା ଅବଲୋକନ ଏବେବି ଲୋକଙ୍କ ମନରେ ଉଜ୍ଜୀବିତ ରହିଥିବାର ଦେଖାଯାଇଛି। ଏହାକୁ ପାଥେୟ କରି ଆଜକୁ ୧୮ ବର୍ଷ ହେବ ବୈଶିଙ୍ଗା ଉପକଣ୍ଠ ଖୁଣ୍ଟାପୁର ସ୍ଥିତ ହାଇସ୍କୁଲ ପଡ଼ିଆରେ ମକର ସଂକ୍ରାନ୍ତି ଠାରୁ ନବଦିନ ବ୍ୟାପି ମକର ମହୋତ୍ସବ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ଗତ ୧୪ ତାରିଖ ବୁଧବାର ଦିନ ଏହି ମକର ମହୋତ୍ସବ ଉଦଘାଟିତ ହୋଇ ଯାଇଛି। ପ୍ରବୀଣ ବ୍ରାହ୍ମଣ ମାନଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠାନ କରାଯାଇ ଥିଲା। ଏଥିପାଇଁ ଖୁଣ୍ଟାପୁର ବଡ ପୋଖରୀରୁ ଶତାଧିକ ଶ୍ରଦ୍ଧାଳୁ ଘଟୋତ୍ତଳନ କରି ବିରାଟ ଶୋଭାଯାତ୍ରାରେ ମହୋତ୍ସବ ସ୍ଥଳି କୁ ଆଣିଥିଲେ। ଯଜ୍ଞାନୁଷ୍ଠାନ ସହିତ ନାମ ସଂକୀର୍ତ୍ତନ ପରେ ଦିବସ ବ୍ୟାପି ରାମଚରିତ ମାନସ ପାରାୟଣ ଓ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଥିଲା।

## ହନୁମାନ ମନ୍ଦିରର ତୃତୀୟ ପ୍ରତିଷ୍ଠା ଉତ୍ସବ ପାଳିତ

**ବୈଶିଙ୍ଗା, ୨୨।୧(ସଂଚାର ବ୍ୟୁରୋ):** ଚଳିତ ମାଘମାସ ୮ ଦିନ ଇଂରାଜୀ ତା -୨୧-୧-୨୦୨୬ ରିଖ ମଙ୍ଗଳବାର ଦିନ କେନ୍ଦୁଆ ପଞ୍ଚାୟତର ବୈଶିଙ୍ଗା ବଜାର ଶ୍ରୀ ଶ୍ରୀ ହନୁମାନ ବାଟିକା ର ତୃତୀୟ ବାର୍ଷିକ ଉତ୍ସବ ନୀତି ନିୟମ ଅନୁସାରେ ସ୍ଥିର କରାଯାଇଛି। ଚାରି ବେଦର ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ, କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ, ତଥା ପ୍ରବଚନ ଏବଂ ଅନ୍ନଦାନର ବ୍ୟବସ୍ଥା କରାଯାଇଥିଲା। ଶତାଧିକ ମହିଳା/ପୁରୁଷଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇ ଶୋଭାଯାତ୍ରାରେ ମନ୍ଦିର ସ୍ଥଳକୁ ଅଣାଯିବାର ବ୍ୟବସ୍ଥା କରାଯାଇଥିଲା।

## ଯୁଗ୍ମ ଜନ ଶୁଣାଣି ଶିବିର ସମ୍ପର୍କୀତ କାର୍ଯ୍ୟସୂଚୀ

**ବାରିପଦା, ୨୨।୧(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଆଗାମୀ ୨୦୨୬ ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଫେବୃଆରୀ ମାସର ପ୍ରଥମ ସୋମବାର ତା ୦୨-୦୨-୨୦୨୬ ରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ହେବ, ସେହିପରି ଫେବୃଆରୀ ମାସର ଦ୍ୱିତୀୟ ସୋମବାର ତା. ୦୯-୦୨-୨୦୨୬ରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ଆରମ୍ଭ ହେବ, ସେହିପରି ଫେବୃଆରୀ ମାସ ତୃତୀୟ ସୋମବାର ତା ୧୬-୦୨-୨୦୨୬ ରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ପୂର୍ବାହ୍ନ ୧୦ଘଟିକା ଠାରୁ ଆରମ୍ଭ ହେବ ଏବଂ ଫେବୃଆରୀ ମାସର ଚତୁର୍ଥ ସୋମବାର ତା ୨୩-୦୨-୨୦୨୬ ରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତି ରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତି ରେ ସାଧାରଣ ଜନତା ଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ।

### ତଟକା ପନିପରିବାରୁ କମୁଛି ସ୍ୱାଦ, ବିଗୁଡ଼ିଛି ସ୍ୱାସ୍ଥ୍ୟ

# ବଢୁଛି ରାସାୟନିକ ସାରର ବହୁଳ ବ୍ୟବହାର

**କଳାହାଣ୍ଡି, ୨୨।୧(ସଂଚାର ବ୍ୟୁରୋ):** ସକାଳ ହେଲେ ଧର୍ମଗଡ଼ ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳର ମୁଖ୍ୟରାସ୍ତା ପାର୍ଶ୍ୱ ରେ ଖୋଲିଯାଉଛି ଭଳିକି ଭଳି ତଟକା ପନିପରିବା ବିକ୍ରୀର ବଜାର। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାର ବିଭିନ୍ନ ଅଞ୍ଚଳର ବ୍ୟବସାୟୀମାନେ ପନିପରିବା ବିକ୍ରୀ କରିବା ଉଦ୍ଦେଶ୍ୟରେ ପରିବା ବୋଝ ଧରି ସକାଳୁ ସକାଳୁ ଧର୍ମଗଡ଼ ସହରରେ ପହଞ୍ଚି ପସରା ପକାଇ ପନିପରିବା ବ୍ୟବସାୟ କରୁଛନ୍ତି।ଧର୍ମଗଡ଼ ସହର ତଥା ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ କିସମର ପନିପରିବା ସାଙ୍ଗକୁ କଖାରୁ ଫୁଲ, ମେଥି ଶାଗ, ପାଳଙ୍ଗ ଶାଗ, ମୁନିକା ଶାଗ, ପିଆଜ ଶାଗ, ଖୋଷଡା ଶାଗ, ମାରିଶ ଶାଗ, ପୋଇ ଶାଗ, କଳରା ଶାଗ ପରି ଖାଣ୍ଟି ଦେଶୀ



ପରିବା ଅତି ସହଜରେ ବିକ୍ରୀ ହେଉଥିବା ଦେଖିବାକୁ ମିଳୁଛି। ଆଉ ଧର୍ମଗଡ଼ ସହର ତଥା ଏହାର ଆଖପାଖ ଅଞ୍ଚଳର ବହୁ ସାଧାରଣ ଜନତା ସକାଳର ନିତ୍ୟକର୍ମ ଶେଷ କରି ପନିପରିବା କ୍ରୟ କରିବା ଉଦ୍ଦେଶ୍ୟରେ ହାତରେ ବ୍ୟାଗ ଧରି ବଜାରକୁ ଛୁଟି ଆସୁଛନ୍ତି। ହେଲେ ଅଧିକାଂଶ ପନିପରିବା ବ୍ୟବସାୟ କେନ୍ଦ୍ରରେ ବିକ୍ରୀ ହେଉଥିବା ତଟକା ପନିପରିବାରେ ମାତ୍ରାଧିକ ରାସାୟନିକ ସାର ବ୍ୟବହାର କରାଯାଉଥିବା ଓ ସ୍ୱାସ୍ଥ୍ୟ ପ୍ରତି କୁପ୍ରଭାବ ସଂପର୍କରେ ଅଜ୍ଞ ରହି ପନିପରିବା କ୍ରୟ କରି ଘରକୁ ନେଉଥିବା ଦେଖିବାକୁ ମିଳୁଛି।ଧର୍ମଗଡ଼ ସହର ତଥା ଏହାର ଆଖପାଖ ଅଞ୍ଚଳର ଅଧିକାଂଶ ଜନତାଙ୍କ ପ୍ରଧାନ ବୃତ୍ତି କୃଷି ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ପଡୋଶୀ ରାଜ୍ୟରୁ ଧର୍ମଗଡ଼ ସହରକୁ ତଟକା ପନିପରିବା ଆସୁଥିଲେ ହେଁ ସହର ବାସୀଙ୍କ ଦୈନିକ ଆବଶ୍ୟକତା ମେଣ୍ଟାଇବାରେ ଧର୍ମଗଡ଼ ଅଞ୍ଚଳର ପନିପରିବା ଚାଷୀ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ତେବେ ନିୟମିତ ବର୍ଷା ସାଙ୍ଗକୁ ଅନ୍ୟ କେତେକ କାରଣରୁ ପନିପରିବା ଫସଲ ଉପାଦନ ବିଭିନ୍ନ ସମୟରେ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ସେହିପରି ଜୈବିକ ଉପାୟରେ ପନିପରିବା ଫସଲ ଉତ୍ପାଦନ କରି ଅଞ୍ଚଳବାସୀଙ୍କ ଆବଶ୍ୟକତା ମେଣ୍ଟାଇବା ସହ ନିଜ ଗୁଜରାଣ ମେଣ୍ଟାଇବା କେତେକ ଚାଷୀଙ୍କ ପାଇଁ କଷ୍ଟକର ହୋଇପଡୁଛି। ତେଣୁ ବହୁ ଚାଷୀ ବର୍ତ୍ତମାନର ଆଧୁନିକ ଚାଷ ପଦ୍ଧତି ଓ ଅଧିକ ଅମଳ ଆଶାରେ ପନିପରିବା ଫସଲରେ ଅତିମାତ୍ରାରେ ରାସାୟନିକ ସାର ବ୍ୟବହାର କରୁଥିବା ଅଲୋଚିତ ହେଉଛି। ଯାହାରି ଫଳରେ ପନିପରିବାରୁ ସ୍ୱାଦ କମୁଥିବା ବେଳେ ଏହା ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପଡୁଥିବା ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଉଛି।ଧର୍ମଗଡ଼ ଅଞ୍ଚଳରେ ଶୀତଳଭଣ୍ଡାରଟି ମଧ ନାହିଁ।ସେହି କାରଣରୁ ବର୍ତ୍ତମାନ ସୁଦ୍ଧା ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ଏକ ଶୀତଳଭଣ୍ଡାରଟିଏ ସ୍ଥାପନ କରିବା ସମ୍ଭବପର ହୋଇପାରି ନାହିଁ।

### ଦୁର୍ନୀତିର ଗନ୍ତାଘର ପାଲଟିଛି ବାଲିପାଟଣା ବ୍ଲକ

## ବିନା ପିସିରେ ଗୋଟେ ଫାଇଲ ବି ଘୁଞ୍ଚୁନି

**ବାଲିପାଟଣା, ୨୨।୧(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକରେ ଆଜି ସବୁକିଛି ଦଲାଲ, ସିଣ୍ଡିକେଟ୍ ଓ ଦୁର୍ନୀତିବାଜଙ୍କ ଇଶାରାରେ ଚାଲୁଛି ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି। ଏଠାରେ ଦିନ ଦିପହରରେ ଚାଲେ ଅବୈଧ କାରବାର, ସରକାରୀ ଧନର ଲୁଟ୍ ଓ ପ୍ରଶାସନିକ ବେନିୟମ ଚାଲିଛି, ଆଉ ଏସବୁ ଦର୍ଶକ ସାଜିଛନ୍ତି ବିଡ଼ିଓ। ଲୋକେ ଅଭିଯୋଗ କରି କହିଥିଲେ ଯେ, ବ୍ଲକ କର୍ତ୍ତୃପକ୍ଷ ତଥା କର୍ମଚାରୀ ପ୍ରତ୍ୟେକ କାମ ପାଇଁ ଲୋକଙ୍କୁ ବାରମ୍ବାର ହଇରାଣ କରୁଛନ୍ତି।କୌଣସି ସରକାରୀ ଯୋଜନାରେ ହିତାଧିକାରୀ ହୁଅନ୍ତୁ କି କୌଣସି ଉନ୍ନୟନମୂଳକ ପ୍ରକଳ୍ପ ହେଉ, ସବୁଥିରେ ଦୁର୍ନୀତିର ଛାପ ପଡୁଛି।ବିନା ଦୁର୍ନୀତି ବା ବିନା ପିସିରେ କୌଣସି ଫାଇଲ ଆଗକୁ ବଢୁନାହିଁ। ଏହି ସବୁଥିରେ ନିର୍ବାଚିତ ପ୍ରତିନିଧିଙ୍କ ସହ ଅଧୀକାରୀ, କର୍ମଚାରୀ ମଧ ସାମିଲ ଥିବା ଲୋକେ ଅଭିଯୋଗ କରିଥିଲେ।ରାସ୍ତାଘାଟ ମରାମତି ଠିକ୍ ସମୟରେ ହୋଇ ପାରୁନାହିଁ।ବିଜୁଳି ସମସ୍ୟା ଦେଖାଦେଉଛି। ବିକାଶ କାମରୁ ରାସନ୍ କାର୍ଡ ପର୍ଯ୍ୟନ୍ତ ବାଲିପାଟଣା ବ୍ଲକ ଏବେ ଏକ ଦୁର୍ନୀତିର ଗନ୍ତାଘର ସାଜିଛି ବୋଲି କୁହାଯାଉଛି।କେଉଁଠି କେଉଁ ଅଧିକାରୀ, କେଉଁ ଦଲାଲ ସହ ସବୁ ଖୋଲା ରହସ୍ୟ। ସାଧାରଣ ଲୋକ ଅଭିଯୋଗ ନେଇ ଗଲେ ଅଭିଯୋଗ ଫାଇଲ୍ ହେଉଛି, ତାରିଖ ମିଳୁଛି, ନ୍ୟାୟ ମିଳୁନି କିନ୍ତୁ ଦଲାଲ ଦ୍ୱାର ଗଲେ ନ୍ୟାୟ ମିଳୁଛି, ମିନିଟ୍‌ରେ ସବୁ କାମ ହେଇଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ଯଦି ଏହା ସତ୍ୟ ତେବେ ଏହା ପ୍ରଶାସନ ନୁହେଁ, ଏହା ଏକ ସୁରକ୍ଷିତ ଲୁଟ୍ ବ୍ୟବସ୍ଥା ବୋଲି କୁହାଯାଇପାରେ। ଏଠାରେ ପ୍ରଶ୍ନ ଉଠୁଛି ବିଡ଼ିଓ କ'ଣ ଏସବୁ ଜାଣୁନାହାନ୍ତି ? ଯଦି ଜାଣୁଛନ୍ତି ତେବେ ଏହା ଅପରାଧୀୟ ନିରବତା କ'ଣ ପାଇଁ ? ବିଡିଓ ହେଉଛନ୍ତି ବ୍ଲକର ସର୍ବୋଚ୍ଚ ପ୍ରଶାସନିକ ମୁଖ୍ୟ।ବ୍ଲକ ଯାଇ ନିଜର ସମସ୍ୟା ସମାଧାନ ନହୋଇ ଫେରୁଥିବା ଗରୀବ ସାଧାରଣ ଖଟିଖିଆ ଲୋକଟି ମନରେ ପ୍ରଶ୍ନ ଯେ ଏ ଯେଉଁ ଦୁର୍ନୀତି ଚାଲିଛି ସେଥିପାଇଁ ଦାୟି କିଏ? ଲୋକ ମାନେ ମେଘ ଅବହେଳାକୁ ସାମ୍ନା କରୁଛନ୍ତି ତା' ପାଇଁ ଦାୟୀ କିଏ ? ଯଦି ଏସବୁ ଉତ୍ତର ସେମାନେ ନପାଆନ୍ତି ତେବେ ହେଉଥିବା ଏହି ସମସ୍ତ ଅବହେଳା, ଦୁର୍ନିତି, ସାଧାରଣ ଲୋକକୁ ସେବାରୁ ବଞ୍ଚିତ ରଖିବାର ମୂଳ କାରଣ ଯେ ପ୍ରଶାସନର ନିରବ ସମର୍ଥନ ବୋଲି ବୁଝି ଯିବାକୁ ହେବ।

### ଗ୍ରାମ୍ୟ ଜଳଯୋଗାଣ ବିଭାଗର ଖିଆଲି ପଦକ୍ଷେପ

## ପାଇଁ ଗରା ବାଲଟି ଧରି ମହିଳାଙ୍କ ରାସ୍ତାରୋକ



**ନୀଳଗିରି, ୨୨।୧(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଛତ୍ରପୁର ଗ୍ରାମପଞ୍ଚାୟତ ରେ ଏକ ଅଭାବ ନିୟ ଘଟଣା। ତିନିଦିନ ହେବ ୧୦, ୧୧ଓ ୧୨ନମ୍ବର ୱାର୍ଡ ର ସରୁଚମ୍ପା, ଭଗାବନ୍ଧ, ମୁଖିସାହି, ସରୁଚମ୍ପା ଭଳି ଗାଁ. କୁ ଯାଉଥିବା ପିଇବା ପାଣି ବସୁଧାଯୋଜନା ରେ ପାଇପ ଫାଟିଯାଇଥିବା ର ଅଭିଯୋଗପରେ ବି ବିଭାଗୀୟ ଅଧିକାରିଙ୍କୁ ତିନିଦିନ ହେଲା ଦିଆଯାଥିଲେ ମଧ ନ ସଜାଡିବାରୁ ବାଧ ହୋଇ ଜାତୀୟ ରାଜ ପଥ ୧୯ ଶେରଗଡ଼ ନୀଳଗିରି ଉଦଳା ରାସ୍ତାକୁ ଛତ୍ରପୁର ବଜାର ଠାରେ ଖାଲି ଗରା ଓ ବାଲତି ଧରି ରାସ୍ତା କୁ ଅବରୋଧ କରିଥିଲେ । ଏଖବର ପାଇ ବ୍ରହ୍ମପୁର ଥାନା ଅଧିକାରିଣୀ ଶ୍ରୀମତୀ ପ୍ରେମଡା ନାୟକ ଓ ଏ ଏସ ଆଇ ମାନ ଭସଞ୍ଜନ ବେହେରା ପହଁଚିଲା ପରେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗ୍ରାମ୍ୟ ଜଳ ଯୋଗାଣ. ସହକାରୀ. ଯନ୍ତ୍ରୀ ମହେଶ୍ୱର ସିଂ ଧାରଣାସ୍ଥଳରେ ପହଂଚି ବୁଝା ସୁଝା ପରେ ସ୍ଥାନୀୟ ସରପଞ୍ଚ. ମାଳତୀ ମାର୍ଣ୍ଡି ଙ୍କୁ ଦୃଢ ପ୍ରତିଶୃତି ଦେବାସ ହିତ ଆଜି ସଜାଡି ଦେବା ସହିତ ଦୁଇ ମାସ ଭିତରେ ଅନଏକ ସୋର୍ଶ ସହିତ ସଂଯୋଗ କରି ଦେବାର ପ୍ରତିଶୃତି ପାଇଲାପରେ ଧାରଣା କାରି ଧାରାନାସ୍ଥଳ ରୁ ଉଠିଯାଇଥିଲେ। ସ୍ୱଭାବିକ ଅବସ୍ଥା ଏବେ ଛତ୍ର ପୁର ଠାରେ ଫେରି ଆସିଅଛି। ନିୟୁଜ ଲେଖା ହେଲାବେଳକୁ ପାଇପିସଜ କରା ଯାଇ ପିଇବା ପାଣି ଦିଆଗଲାଣି ବୋଲି ଖବର ପହଂଚିଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ବାଲିଆପାଳ, ୨୨।୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ବଳରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି ପ୍ରଧାନ ଆଚାର୍ଯ୍ୟ ହରିହର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ ଏହି ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେପିଲାଙ୍କ ଭବିଷ୍ୟତ ଗଠନରେ ମା' ମାନଙ୍କ ଭୂମିକା ଅନନ୍ୟ ବୋଲି କହିଥିଲେ ପିଲାମାନେ ନିଜ ପିତା– ମାତାଙ୍କ ଆଶୀର୍ବାଦ ଓ ସଂସ୍କାରରେ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ସକ୍ଷମ ହୁଅନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀମତୀ



ଜେନା କହିଥିଲେ। ପ୍ରାକ୍ତନ ଜାମଶୂଳୀ କଲେଜ ଅଧକ୍ଷ ଡ଼ ବିଜୟ କୁମାର ଦେ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ସରପଞ୍ଚ ନିତ୍ୟାନନ୍ଦ ପାଣିଗ୍ରାହୀ, ସଂକୁଳ ପ୍ରମୁଖ ରବୀନ୍ଦ୍ର କୁମାର ପଣ୍ଡା, ସମାଜସେବୀ ରବୀନ୍ଦ୍ର କୁମାର ବିଶ୍ୱାଳ, ପ୍ରାକ୍ତନ ବି ଇ ଓ ଜୟନ୍ତୀ କୁମାର ପାଣିଗ୍ରାହୀ, ବନ ବିହାରୀ ଦାସ ଅଧିକାରୀ, ବିଜୟ କୁମାର ତ୍ରିପାଠୀ, ଯୋଗେନ୍ଦ୍ର ନାଥ ସାମଲ, ରବୀନ୍ଦ୍ର ନାଥ ସାମଲ ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର କେତେକ ପ୍ରାକ୍ତନ କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ଜମାକାରୀଙ୍କ ଟଙ୍କା ହଡ଼ପ ଘଟଣାକୁ ନେଇ ଦେଉଳାରେ ତୁମୁଳକାଣ୍ଡ

## ଜମାକାରୀଙ୍କ ଟଙ୍କା ଆତ୍ମସାତ କରିଆସୁଥିଲେ ଗ୍ରାହକ ସେବା କେନ୍ଦ୍ର ମାଲିକ



**ବାଲିଆପାଳ, ୨୨।୧ (ସଂଚାର ବ୍ୟୁରୋ):** ବର୍ଷ ବର୍ଷ ଧରି ଜମାକାରୀ ଙ୍କ ଟଙ୍କା ହଡପ କରି ଆସୁଥିଲେ ଗ୍ରାହକସେବା କେନ୍ଦ୍ର ମାଲିକ। ଶହେ କି ଦୁଇଶହ ନୁହଁ ଲକ୍ଷ ଲକ୍ଷ ଟଙ୍କା ଅତ୍ମସାତ କରିଥିବା ନେଇ ଜଣାପଡ଼ିବା ପରେ ଆଜି ଶତାଧିକ ଉତ୍ୟକ୍ତ ଅଦିବାସୀ ହିତାଧିକାରୀ ସଂପୃକ୍ତ ଗ୍ରାହକସେବା କେନ୍ଦ୍ର ର ମାଲିକ କୁ ବିଦ୍ୟୁତ କୁଣ୍ଟରେ ବାନ୍ଧୀ ନିସ୍ଠୁକ ମାଡ ମାରିଥିଲେ ଖବର ପାଇ ବାଲିଆପାଳ ପୋଲିସ ଗ୍ରହକ ସେବା କେନ୍ଦ୍ର ମାଲିକଙ୍କୁ ଉଦ୍ଧାର କରି ଥାନାକୁ ନେଇଆସିଥିଲେ। ତେବେ ଏଥିରେ ଉଥୟକ୍ତ ହୋଇ ଶାତଧିକ ଗ୍ରାମବାସୀ ବାଲିଆପାଳ ଆଇଆଇ ସି ସମେତ ସିଂଲାଥାନା ଆଇଆଇସି କୁ ଦୀର୍ଘ ୫ ଘଣ୍ଟା ଧରି ଅଟକ ରଖିବା ସହ ରାସ୍ତା ରୋକ କରିଥିଲେ। ପରେ ଏହି ଘଟଣାରେ ବସ୍ତା ଏସଡିପିଓ ଙ୍କ ହସ୍ତ କ୍ଷେପ ପରେ ପୋଲିସ ଅଧରକାରୀ ମାନେ ଉଦ୍ଧାର ହୋଇଛନ୍ତି। ମିଳିଥିବବା ସୂଚନା ମୂତାବକ ଦେଉଳା ପଞ୍ଚାୟତ ସମ୍ମୁଖରେ ଦେଉଳା ଗ୍ରାମର ରଘୁନାଥ ରଣା ଙ୍କ ପୁଅ ରଞ୍ଜନ ରଣା (୩୫) ନାମକ ଜନୈକ ଯୁବକ ଭାରତୀୟ ଷ୍ଟେଟବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ଖୋଲିଥିଲେ। ଦେଉଳା ପଞ୍ଚାୟତ ଏକ ଅଦିବାସୀ ଅଧୁସିତ ଅଞ୍ଚଳ ହୋଇଥିବାରୁ ସରଳ ଅଦିବାସୀ ମାନଙ୍କର ଜମା ଟଙ୍କାକୁ ଗ୍ରାହକ ମାନଙ୍କୁ ଠକେଇ ରଞ୍ଜନ ହଡପ କରିଆସୁଥିଲା ଗ୍ରାହକ ମାନେ ଜମା କରୁଥିବା ଟଙ୍କା କୁ ଜମା ନକରି ମିଥ୍ୟା ରସିଦ ଦେଇ ଟଙ୍କା ହଡପ କରିବା ସହ ଜମାକାରୀଙ୍କ ଖାତାରୁ ମଧ ଲକ୍ଷ ଲକ୍ଷ ଟଙ୍କା ହଡପ କରିଆସୁଥିଲେ।

## ଭଲ ମଣିଷ ହେବା ପାଇଁ ସାଧନା ଜରୁରୀ: ବିଇଓ

**ବୈଶିଙ୍ଗା, ୨୨।୧ (ସଂଚାର ବ୍ୟୁରୋ):** ଭଲ ମଣିଷ ହେବା ପାଇଁ ସାଧନା ଜରୁରୀ ବୋଲି କଳମା ପଞ୍ଚାୟତର ଗୋବିନ୍ଦରାୟ ପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଥିଲା। ପ୍ରଧାନ ଶିକ୍ଷକ ଭବେଶ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଲବ କର, ମୁଖ୍ୟବକ୍ତା ଶିକ୍ଷକ ଯାମିନୀକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଦୀପ ମହାନ୍ତି, ପରିଚାଳନା କମିଟିର ସଭାପତି ସେକ ଆଜିମୁଦ୍ଦିନ, ଅଚ୍ୟୁତ ଦାସ ପ୍ରମୁଖ ଯୋଗଦାନକରି ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଚାରି ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପାଠ ପଢ଼ୁଥିବାରୁ ଅତିଥି ବୃନ୍ଦ ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷା ପ୍ରତି ସେମାନଙ୍କର ଆଗ୍ରହ ଥିବାରୁ ସେମାନଙ୍କ ଆଗ୍ରହ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ପ୍ରଦାନ କରିଥିଲେ।

## ପ୍ରଦୂଷଣରେ ଅଣନିଃଶ୍ୱାସୀ ସହରବାସୀ

**କେନ୍ଦୁଝର, ୨୨।୧(ସଂଚାର ବ୍ୟୁରୋ):** କେନ୍ଦୁଝର ସହରର ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସର୍ବସାଧାରଣ ରାସ୍ତାଘାଟର ମରାମତି ପାଇଁ ଜିଲା ଓକିଲ ସଂଘର ସଦସ୍ୟ ବରିଷ୍ଠ ଆଇନଜୀବୀ ଦେବାଶିଷ ପତି ସ୍ଥାୟୀ ଲୋକ ଅଦାଲତରେ ଗୁରୁବାର କେସ୍ ଦାଖଲ କରିଛନ୍ତି। ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏଥିରେ ପକ୍ଷଭୂକ୍ତ କରିଛନ୍ତି। ତୁରନ୍ତ ରାସ୍ତା ମରାମତି ସହ ପାଣି ସିଞ୍ଚନ କରିବାକୁ ଦାବି କରିଛନ୍ତି। ପ୍ରକାଶ ଯେ, କେନ୍ଦୁଝର ସହରର ରାସ୍ତାଘାଟ ଶୋଚନୀୟ ହୋଇ ପଡ଼ିଥିବାରୁ ଯାତାୟାତ ବ୍ୟାହତ ହେବା ସହ ଧୂଳି ପ୍ରଦୂଷଣରେ ସହରବାସୀ ନୟାନ୍ତ ହୋଇପଡ଼ିଛନ୍ତି।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

### ବେଟି ବଚାଅ ବେଟି ପଢ଼ାଅ ଉପରେ ସମସ୍ତ ପିତା ମାତା ଯତ୍ନବାନ ହେବା ଉଚିତ- ମୁଖ୍ୟ ଅତିଥି

**ବାରିପଦା, ୨୨।୧ (ସଂଚାର ବ୍ୟୁରୋ):** ଆଜି ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ପାଳିତ ହୋଇଯାଇଛି ଇ ଶୁଭ ଉଦଘାଟନ ଉତ୍ସବରେ ମୟୁରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭଉଦଘାଟନ କରିଥିଲେ.। ଏହି ଅବସରରେ ମୁଖ୍ୟ ଅତିଥି ଏହି



ଦିବସ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିବାକୁ ଯାଇ କହିଥିଲେ କି ସମାଜ ରେ ଅନେକ ପିତାମାତା ଙ୍କ କନ୍ୟା ସନ୍ତାନ ପ୍ରତି ରହିଥିବା ନକାରାତ୍ମକ ମନୋଭାବ ତଥା କନ୍ୟା ସନ୍ତାନ ଓ ପୁତ୍ର ସନ୍ତାନ ମଧ୍ୟରେ ଲିଙ୍ଗଗତ ବୈଷ୍ୟମତା ବା କୌଣସି ଭେଦଭାବ ନରଖି ପରିବାରରେ ଉଭୟଙ୍କୁ ସମାନ ଅଧିକାର ଦେଇ ଆନନ୍ଦମୟ ବାତାବରଣ ମଧ୍ୟରେ ପରିବାରକୁ ପରିଚାଳିତ କଲେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ହେବାରେ ସହାୟକ ହେବ ବୋଲି କହିଥିଲେ. ସେହିପରି ଗର୍ଭାବସ୍ଥା ରେ ଲିଙ୍ଗ ନିରୂପଣ କରି କନ୍ୟା ଭ୍ରୂଣ ସନ୍ତାନକୁ ନଷ୍ଟ କରିବା ଭଳି କୁତ୍ସିତ ମାନସିକତା ଠାରୁ ନିବୃତ ରହିବା ସହିତ କମ ବୟସରେ ନିଜ କନ୍ୟା ସନ୍ତାନକୁ ବିବାହ ନକରି ବେଟି ବଚାଓ ବେଟି ପଢାଅ ଉପରେ ସମସ୍ତ ପିତା ମାତା ଯତ୍ନବାନ ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାୟକ ଉପସ୍ଥିତ ସମସ୍ତ ଅଧିକାରୀ ଓ ଅନ୍ୟାନ୍ୟ ମାନଙ୍କୁ, ଜାତୀୟ ମତଦାତା ଦିବସ-୨୦୨୬, ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ଓ କୁଷ୍ଠ ରୋଗ ନିରାକରଣ ଅଭିଯାନ ପକ୍ଷ ପାଳନ ସମ୍ବନ୍ଧିତ ଶପଥ ପାଠ କରାଇଥିଲେ।

## ବେଲାଣପୁରାରେ ସରପଞ୍ଚଙ୍କ ଘରୁ ଚୋରି

**ବୈଶିଙ୍ଗା, ୨୨।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ପାଟଳିପୁରା ସରପଞ୍ଚଙ୍କ ଘରେ ଅଜଣା ଦୁର୍ବୃତ୍ତ ଘରେ କେହି ନଥିବା ସୁଯୋଗରେ କଳାକନା ବୁଲାଇ ଦେଇଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ଏହି ଅଞ୍ଚଳରେ ଉତ୍ପାତ କରୁଥିବା ଖବର ପାଇ କିଛି ଗ୍ରାମବାସୀଙ୍କ ସହ ଏହାକୁ ତଡିବା ପାଇଁ ସରପଞ୍ଚ ମମତା ନାୟକଙ୍କ ସ୍ୱାମୀ ସଞ୍ଜୟ ଜେନା ଯାଇଥିଲେ। ମମତା ମଧ ଗାଁ ଭିତରକୁ ବୁଲିବାକୁ ଯାଇଥିଲେ। ଠିକ୍ ସେହି ସୁଯୋଗରେ ସରପଞ୍ଚଙ୍କ ବେଲାଣପୁରା ଠାରେ ଥିବା ଘର ତାଲା ଭାଙ୍ଗିବା ସହ ଶୋଇବା ଘରେ ଥିବା ଲୁହା ଆଲମିରା ଚାବି ଭାଙ୍ଗି ସମସ୍ତ ସୁନା ରୂପା ଗହଣା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୋଲିସ ପକ୍ଷରୁ ୩୧ ନଂ ରେ ଏକ ମାମଲା ରୁଜୁ କରାଯାଇ ଏଏସଆଇ ସପନ କୁମାର ବିଶ୍ୱାଳଙ୍କ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି। ଆଜି ଗୁରୁବାର ବାରିପଦାରୁ ତାଲିମ ପ୍ରାପ୍ତ ପୋଲିସ କୁକୁର ସହାୟତାରେ ଘଟଣାର ଛାନଭିନ କରାଯାଇଛି। ତେବେ ଗୋପନୀୟତା ଦୃଷ୍ଟିରୁ ତଦନ୍ତର ଅଗ୍ରଗତି ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ।

## ହିତାଧିକାରୀଙ୍କୁ ସହାୟତା ଭତ୍ତା



**ନବରଙ୍ଗପୁର, ୨୨।୧ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ପଞ୍ଚାୟତ ସମିତି ନବରଙ୍ଗପୁର କାର୍ଯ୍ୟାଳୟ ଠାରେ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଏବଂ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ବରେଣ୍ୟ ଅତିଥି ଭାବେ ପରିଦର୍ଶନ ପୂର୍ବକ ସମୀକ୍ଷା ବୈଠକ ରେ ଯୋଗ ଦେଇ ହିତାଧିକାରୀମାନଙ୍କୁ ସହାୟତା ଭତ୍ତା ପ୍ରଦାନ କରିଥିଲେ।ଲୋକସଭା ସାଂସଦ ଉପସ୍ଥିତ ବ୍ଲକ୍ ଅଧିକାରୀଙ୍କୁ ନେଇ ବିକଶିତ ଭାରତ, ନିଶ୍ଚିତ ରୋଜଗାର, ଆଜିବୀକା ମିଶନ (ଗ୍ରାମୀଣ) ୨୦୨୫ ର ଆଭିମୁଖ୍ୟ, ଅଧିନିୟମ, ଉପକାରିତା ଓ ପ୍ରଣୟନ ଉପରେ ବିଶେଷ ଆଲୋଚନା କରିଥିଲେ। ଅଧିକାରୀ ମାନେ ନିଜ ନିଜ ବିଭାଗ ରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ଏବଂ ସାଧାରଣ ଜନତା ଙ୍କୁ ଅଧିକ ରୁ ଅଧିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ତା ଉପରେ ଏକ ସୁପରିକଳ୍ପିତ କାର୍ଯ୍ୟ ଖସଡା ଆସନ୍ତା ୨୦.୨.୨୦୨୬ ସୁଦ୍ଧା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

SANCHAR
ସଂଚାର ଶୁକ୍ରବାର ୨୩ ଜାନୁଆରୀ ୨୦୨୬

# ସ୍ୱାସ୍ଥ୍ୟ





## ଔଷଧୀୟ ଗୁଣରେ ଭରପୁର ଅଶ୍ୱଗନ୍ଧା

ଆୟୁର୍ବେଦ ଅନୁସାରେ ଅଶ୍ୱଗନ୍ଧାକୁ ଔଷଧ ଭାବେ ବିବେଚନା କରାଯାଏ। ଆପଣ ଏଥିରୁ କାଢ଼ା କିମ୍ବା ଚା' ପ୍ରସ୍ତୁତ କରି ପିଇପାରିବେ। ବର୍ତ୍ତମାନ ଜୀବନଶୈଳୀ ବଦଳିବା ସହ ଲୋକଙ୍କ ଟେଷ୍ଟରେ ମଧ୍ୟ ପରିବର୍ତ୍ତନ ଆସିଛି। ଏବେ ବିଭିନ୍ନ ପ୍ରକାରର ଚା' ପିଉଛେ। କିନ୍ତୁ ଅଶ୍ୱଗନ୍ଧାର ଏହି ଚା' ଆମ ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ। ଯାହା କେବଳ ରିଲାକ୍ସ ଫିଲ୍ କରାଇନଥାଏ ବରଂ ଶରୀର ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଅଶ୍ୱଗନ୍ଧାରେ ଅନେକ ଔଷଧୀୟ ଗୁଣ ଭରପୁର ମାତ୍ରାରେ ଥିବାରୁ ଆମ ସ୍ୱାସ୍ଥ୍ୟ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଅଶ୍ୱଗନ୍ଧା ଚା' ପିଇବା ଦ୍ୱାରା ଶରୀର ରୋଗ ମୁକ୍ତ ରହିଥାଏ। ଶାରୀରିକ ଦୁର୍ବଳତା, ନିଦ୍ରା ଅଭାବ, ଚାପ ଏବଂ ଗଣ୍ଠି ଯନ୍ତ୍ରଣା ଭୋଗୁଥିବା ଲୋକମାନେ ନିଶ୍ଚିତ ଭାବରେ ନିଜ ଖାଦ୍ୟରେ ଅଶ୍ୱଗନ୍ଧାକୁ ସାମିଲ କରିବା ଉଚିତ୍। ଏହାକୁ ସେବନ କରିବା ଦ୍ୱାରା ବଢୁଥିବା ଚାପ ହରମୋନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ମନକୁ ଶାନ୍ତ କରିଥାଏ। ଏହାକୁ ଚା' ଭାବେ କିପରି ପ୍ରସ୍ତୁତ କରିବେ ଏବଂ ଅଶ୍ୱଗନ୍ଧାକୁ ସେବନ କରିବାର ଲାଭ ସମ୍ପର୍କରେ ଆସନ୍ତୁ ଜାଣିବା।

**ଚା' କିପରି ପ୍ରସ୍ତୁତ କରିବେ:** ଗୋଟିଏ ପାତ୍ରରେ ଗୋଟିଏ ଗ୍ଲାସ୍ ପାଣି ନିଅନ୍ତୁ। ପାଣି ଫୁଟିଯିବା ପରେ ୧ ରୁ ୨ଟି ଅଶ୍ୱଗନ୍ଧା ମୂଳ କିମ୍ବା ଗୋଟିଏ ଚାମଚ ଅଶ୍ୱଗନ୍ଧା ପାଉଡର ମିଶାନ୍ତୁ। ପୁଣି ପାଣିକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଯେତେବେଳେ ପ୍ରାୟ ୧ କପ୍ ପାଣି ରହିବ ଏହାକୁ ଛାଣି ଦିଅନ୍ତୁ। ସେଥିରେ ଲେମ୍ବୁ ଏବଂ ମହୁ ମିଶାନ୍ତୁ ଏବଂ ଏହାକୁ ଚା' ପରି ପିଅନ୍ତୁ। ଆପଣ ପ୍ରତିଦିନ ଗୋଟିଏରୁ ଦୁଇଥର ଅଶ୍ୱଗନ୍ଧା ଚା ପିଇପାରିବେ।

**ଅଶ୍ୱଗନ୍ଧାର ଲାଭ:** ଓଜନ ହ୍ରାସ କରିଥାଏ : ଯେଉଁମାନେ ଓଜନ ହ୍ରାସ କରିବାକୁ ନେଇ ଚିନ୍ତିତ ରହୁଛନ୍ତି ସେମାନେ ଅଶ୍ୱଗନ୍ଧା ଖାଇବା ନିହାତି ଜରୁରୀ। ଯାହାକୁ ଆପଣ ଗୋଟିଏ ଗ୍ଲାସ୍ କ୍ଷୀର ସହିତ ମଧ୍ୟ ମିଶାଇ ପିଇପାରିବେ। ଯାହା ସେବନ କରିବା ଦ୍ୱାରା ଆପଣଙ୍କ ପାଚନ କ୍ରିୟାରେ ଉନ୍ନତି ଆସିବା ସହ ଶୀଘ୍ର ଓଜନ ହ୍ରାସ ହେବ।

**ଦୁର୍ବଳତା ଦୂର କରିବ:** କ୍ଷୀର ସହିତ ଅଶ୍ୱଗନ୍ଧା ପିଇବା ଦ୍ୱାରା ଦୁର୍ବଳତା ଦୂର ହେବ। ଗୋଟିଏ ଗ୍ଲାସ୍ କ୍ଷୀରରେ ୨ ଗ୍ରାମ୍ ଅଶ୍ୱଗନ୍ଧା ପାଉଡର ସହିତ ୧୨୫ ଗ୍ରାମ ତ୍ରିକାଟୁ ପାଉଡର ମିଶାଇ ପିଅନ୍ତୁ। ଯାହା ଦ୍ୱାରା ଆପଣ ଶକ୍ତିଶାଳୀ ଅନୁଭବ କରିବେ। ଯାହା ପିଇବା ଦ୍ୱାରା ଆପଣ କିଛି ଦିନ ମଧ୍ୟରେ ଫରକ୍ ଦେଖିବାକୁ ପାଇବେ। ତେଣୁ ଏହାକୁ ପିଇବାର ଅଭ୍ୟାସ କରନ୍ତୁ।

**ରକ୍ତଚାପ ନିୟନ୍ତ୍ରଣ କରେ:** ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ଅଶ୍ୱଗନ୍ଧା ପ୍ରଭାବଶାଳୀ ହୋଇଥାଏ। ଏହାକୁ ସେବନ କରିବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ସେଥିପାଇଁ ୨ ଗ୍ରାମ ଅଶ୍ୱଗନ୍ଧା ପାଉଡର, ୧୨୫ ଗ୍ରାମ ଗୁଣ୍ଡ ହଳଦୀ ଏବଂ ୧ ଗ୍ଲାସ କ୍ଷୀର ନିଅନ୍ତୁ। ଯାହା ରକ୍ତଚାପ ରୋଗୀଙ୍କ ପାଇଁ ବେଷ୍ଟ ହେବ।

**ଭଲ ନିଦ:** ଯଦି ଆପଣ ସାରା ଦିନ କ୍ଳାନ୍ତ ଏବଂ ରାତିରେ ଭଲ ନିଦ ହେଉନାହିଁ, ତେବେ ପ୍ରତିଦିନ ଗୋଟିଏ ଗ୍ଲାସ କ୍ଷୀରରେ ୧ ଚାମଚ ଅଶ୍ୱଗନ୍ଧା ମିଶାଇ ପିଇବା ଆରମ୍ଭ କରନ୍ତୁ। ଏହା ଆପଣଙ୍କ ଉଭୟ ସମସ୍ୟାର ସମାଧାନ କରିବ।



## ଇୟର ୱାର୍ମକୁ ନେଇ ସମସ୍ୟା

ସାଧାରଣତଃ ଇଂରାଜୀ ଶବ୍ଦରେ 'ୱାର୍ମ' ଅର୍ଥ କୀଟକୁ ବୁଝାଏ। କିନ୍ତୁ ଆମେ ଏଠାରେ ଉଲ୍ଲେଖ କରୁଥିବା ଇୟର ୱାର୍ମ କହିଲେ ଏଠାରେ କାନ କୀଟ ନୁହେଁ। ଅସଲରେ ଅନେକ ସମୟରେ କାମରେ ମନ ଲଗାଇବାକୁ ଚେଷ୍ଟା କରୁଥିବାବେଳେ ମସ୍ତିଷ୍କରେ କୌଣସି ଗୀତର ଧାଡ଼ି ବାରମ୍ବାର ପ୍ରତିଧ୍ୱନିତ ହେଉଥାଏ। ନଚେତ ଦିନରେ କେତେବେଳେ ଥରଟିଏ ଶୁଣିଥିବା ଗୀତର ଧୁନ ସାରାଦିନ କାନରେ ବାଜୁଥିବା ପରି ଅନୁଭବ କରିହୁଏ। ଏସବୁ ମସ୍ତିଷ୍କରେ ଘଟୁଥିବା ଘଟଣା ଯାହାକୁ ଇୟର ୱାର୍ମ ବୋଲି କହନ୍ତି। ଗବେଷଣାରୁ ଜଣାଯାଇଛି, ୯୦%ରୁ ଅଧିକ ଲୋକ ସପ୍ତାହକୁ ଅନ୍ତତଃ ଥରେ ଏହି ଇୟର ୱାର୍ମ ସ୍ଥିତି ଅନୁଭବ କରିଥାନ୍ତି। ତେବେ ୬୦%ରୁ ଅଧିକ ଲୋକଙ୍କ ଠାରେ ଏହା ଦୈନନ୍ଦିନ ଶୁଣାଯାଇଥାଏ। ବିଶେଷକରି ଅଧିକ ଗୀତ ଶୁଣୁଥିବାଲୋକେ ଏହାକୁ ବେଶୀ ଅନୁଭବ କରୁଥିବା ଜଣାଯାଇଛି।

ଯେତେବେଳେ ଜଣେ ଗୀତ ଶୁଣନ୍ତି ଏବଂ ଯେଉଁ ସମୟରେ ମସ୍ତିଷ୍କରେ ଗୀତ ବାଜୁଥିବା ପରି ଲାଗେ ଉଭୟ ସମୟରେ ମସ୍ତିଷ୍କ ପ୍ରାୟ ଏକା ପ୍ରକାର କାର୍ଯ୍ୟ କରୁଥାଏ। ଏହି ସ୍ୱର ବାହାରୁ ଆସେନାହିଁ ବରଂ ମସ୍ତିଷ୍କର କଳ୍ପନାରୁ ସୃଷ୍ଟି ହୋଇଥାଏ। ମସ୍ତିଷ୍କର ଅଡିଟରୀ ଆସୋସିଏସନ କର୍ଟେକ୍ସ ଏ କ୍ଷେତ୍ରରେ ବିଶେଷ ଭୂମିକା ନିର୍ବାହ କରିଥାଏ। ଏହି ଭାଗଟି ସଙ୍ଗୀତ ବୁଝିବା ଏବଂ ମନେ ରଖିବାରେ ସହାୟକ ହୋଇଥାଏ। ଇୟର ୱାର୍ମ ସିଧା ମସ୍ତିଷ୍କର ୱାର୍କିଂ ମେମୋରୀରେ ପ୍ରବେଶ କରିଥାଏ। ଏହି ମେମୋରୀ ମୋବାଇଲ ନମ୍ବର ତଥା ହିସାବପତ୍ର ପରି ଚଟାପଟ ତଥ୍ୟ ମନେରଖିବାରେ ସହାୟତା କରୁଥିବାରୁ ଏଠାରେ ଗୀତ ଅଟକିଯିବା ଦ୍ୱାରା ମଣିଷ ଅନ୍ୟ ତଥ୍ୟ ଠିକ ଭାବେ ମନେ ରଖିପାରୁନଥିବା ଗବେଷଣାରୁ ଜଣାଯାଇଛି। ବିଶେଷଜ୍ଞଙ୍କ ମତରେ, ଚୁଇଂଗମ ଚୋବାଇବା ଦ୍ୱାରା ଗଳାର ମାଂସପେଶୀ ସକ୍ରିୟ ହୁଏ ଏବଂ ମସ୍ତିଷ୍କ ଅନ୍ତର୍ନିହିତ ସ୍ୱର ଭାଙ୍ଗିଯାଏ। ଏହା ସହିତ ଅନ୍ୟ କୌଣସି ସଙ୍ଗୀତ ଶୁଣିବା କିମ୍ବା ଅନ୍ୟ କାମରେ ଧ୍ୟାନ ଲଗାଇବା ଦ୍ୱାରା ଇୟର ୱାର୍ମର ପ୍ରଭାବରୁ ମୁକ୍ତି ପାଇପାରିବେ। ଇୟର ୱାର୍ମ କ୍ଷତିକାରକ ନୁହେଁ କିମ୍ବା ଲାଭଦାୟକ ମଧ ନୁହେଁ। ତେବେ ଯାହାହେଉନା କାହିଁକି ଇୟର ୱାର୍ମ ସହିତ ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା କର୍ଣ୍ଣ-ନାସା-ଗଳାର ଏକ ପ୍ରକାର ଭାବଗତ ସମ୍ପର୍କ ରହିଛି।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ, ମୋବାଇଲ୍: ୯୪୩୮୨୭୬୭୬୦

## ଚା'ରେ ଚିନି କମାଇବାର ଲାଭ



ଦୈନନ୍ଦିନ ଚା'ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ, କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ୍ୟ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ। ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା' ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ। ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ। ଚା', କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ। କମ୍ ଚିନି ସେବନ ମଧ୍ୟ ବ୍ରଣ ଓ ଚର୍ମ ପ୍ରଦାହରେ ଉନ୍ନତି ସହ ଜଡ଼ିତ। ଏହାଦ୍ୱାରା ଶରୀରର ଆଭ୍ୟନ୍ତରୀଣ ସ୍ତରରେ ହୃତ୍‌ପିଣ୍ଡ ଓ ଯକୃତ ମଧ୍ୟ ଲାଭବାନ ହେବେ। ଚିନି କମ୍ କରିବା ଦ୍ୱାରା ଖରାପ କୋଲେଷ୍ଟ୍ରଲ୍ ସ୍ତର ହ୍ରାସ ହେବା ସହ ଫ୍ୟାଟି ଲିଭର୍ ଆଶଙ୍କା ମଧ୍ୟ କମିଥାଏ। ସର୍ବୋପରି ଥରେ ବିନା ଚିନିରେ ଚା' ପିଇବାରେ ଅଭ୍ୟସ୍ତ ହୋଇଗଲେ, ଆଉ ପଛକୁ ଫେରିବା ଦରକାର ପଡ଼େନି।

## ସୁସ୍ଥ ଏବଂ ସୁନ୍ଦର କେଶ ପାଇଁ ବ୍ୟବହାର କରନ୍ତୁ ଦେଶୀ ଘିଅର ମାସ୍କ



କେଶ ଝଡିବା ଏବେ ଏକ ସାଧାରଣ ସମସ୍ୟା। ଯାହାର ମୁଖ୍ୟ କାରଣ ହେଉଛି ପ୍ରଦୂଷଣ ଏବଂ ପୋଷକ ତତ୍ୱର ଅଭାବ। ପୁରୁଷଙ୍କଠାରୁ ଆରମ୍ଭ କରି ମହିଳା ପର୍ଯ୍ୟନ୍ତ ସମସ୍ତେ ଏହି ସମସ୍ୟାର ଶିକାର। ତେବେ କେଶ ଝଡିବା, ରୁକ୍ଷ ହେବା କିମ୍ବା ଅନ୍ୟ ସମସ୍ୟାରୁ ମୁକ୍ତି ପାଇଁ ବଜାରରେ ଅନେକ ସାମଗ୍ରୀ ମିଳୁଛି। କିନ୍ତୁ ଏହି କେମିକାଲ୍ ଯୁକ୍ତ ସାମଗ୍ରୀ ପାର୍ଶ୍ୱ ପ୍ରତିକ୍ରିୟାରେ ଭରପୁର। ଏମିତିରେ ପ୍ରାକୃତିକ ଉପାୟରେ କେଶ ସମସ୍ୟାରୁ ମୁକ୍ତି ପାଇବା ଏକ ସୁରକ୍ଷିତ ଉପାୟ। ଯାହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଏହିପରି ଏକ ଘରୋଇ ଉପାୟ ହେଉଛି ଦେଶୀ ଘିଅରେ ପ୍ରସ୍ତୁତ ହେୟାର ମାସ୍କ।

**ମାସ୍କ ତିଆରି କରିବା ବିଧି:** ଏହି ହେୟାର୍ ମାସ୍କ ତିଆରି କରିବା ପାଇଁ ଆବଶ୍ୟକ ଶୁଦ୍ଧ ଦେଶୀ ଘିଅ, ଗୋଟିଏ ଲେମ୍ବୁ, ଏଲୋବେରା ଜେଲ୍ ଏବଂ ନଡିଆ ତେଲ। ସର୍ବ ପ୍ରଥମେ ଗୋଟିଏ ପାତ୍ରରେ ସମାନ ପରିମାଣର ଘିଅ ଏବଂ ନଡିଆ ତେଲ ଭଲ ଭାବରେ ମିଶାନ୍ତୁ। ଏବେ ଏଥିରେ ଏକ ଚାମଚ ଲେମ୍ବୁ ରସ ଏବଂ ଏକ ଚାମଚ ଏଲୋବେରା ବା ଘିଁ କୁଆରୀ ରସ ମିଶାନ୍ତୁ।

**କେମିତି କରିବେ ବ୍ୟବହାର:** ଏହି ମାସ୍କ ବ୍ୟବହାର କରିବା ପୂର୍ବରୁ କେଶକୁ ଭଲ ଭାବରେ କୁଣ୍ଡାନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବରେ କେଶରେ ଲଗାନ୍ତୁ। କେଶ ମୂଳରେ ମଧ ଭଲ ଭାବରେ ମାଲିସ୍ କରନ୍ତୁ। ଏହି ମିଶ୍ରଣକୁ ଲଗାଇବା ପରେ ପ୍ରାୟ ୨ ରୁ ୩ ଘଂଟା ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ଥଣ୍ଡା ପାଣିରେ କେଶକୁ ଧୋଇଦିଅନ୍ତୁ। ଏହା ଏକ ପ୍ରାକୃତିକ କଣ୍ଡିସନର ଭାବରେ କାମ କରିବ। ତେଣୁ କେଶ ଧୋଇବା ପରେ ଅନ୍ୟ କଣ୍ଡିସନର୍ ବ୍ୟବହାର କରିବା ଆବଶ୍ୟକ ପଡିବ ନାହିଁ।

**କଣ ହୋଇଥାଏ ଲାଭ:** ଏହି ମାସ୍କ ଲଗାଇବା ଦ୍ୱାରା ଦୋମୁଁହା କେଶରୁ ମୁକ୍ତି ମିଳିଥାଏ। ଏହା ସହ ସମୟ ପୂର୍ବରୁ କେଶ ଧଳା ହେବାରୁ ବଂଚିଥାଏ। ଘିଅର ମାସ୍କ ଲଗାଇବା ଦ୍ୱାରା କେଶ ମୂଳରେ ସଂକ୍ରମଣ ହୋଇନଥାଏ। ତେଣୁ ସପ୍ତାହରେ ପ୍ରାୟ ଦୁଇ ଥର ଏହି ମାସ୍କ ବ୍ୟବହାର କରିବା ଉଚିତ୍।

## ପୋଷକ ତତ୍ତ୍ୱରେ ଭରପୂର କିୱି



କିୱି ଫଳକୁ ପୁଷ୍ଟିକର ତତ୍ତ୍ୱର ଏକ ଭଣ୍ଡାର ଭାବରେ ବିବେଚନା କରାଯାଏ। ଏହା ତ୍ୱଚାଠାରୁ ହାର୍ଟ ପର୍ଯ୍ୟନ୍ତ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। କିୱି। ଏହା କେବଳ ସ୍ୱାଦରେ ମିଠା ନୁହେଁ, ବରଂ ଏଥିରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ ସି, ଭିଟାମିନ କେ ଏବଂ ପୋଟାସିୟମ ଭରପୁର ରହିଛି। କିୱି ଫଳକୁ ପୁଷ୍ଟିକର ତତ୍ତ୍ୱର ଏକ ଭଣ୍ଡାର ଭାବରେ ବିବେଚନା କରାଯାଏ। ଏହା ତ୍ୱଚାଠାରୁ ହାର୍ଟ ପର୍ଯ୍ୟନ୍ତ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ତେବେ ଆସନ୍ତୁ ଜାଣିବା ଶରୀର ପାଇଁ କେତେ ଲାଭଦାୟକ।

**ତ୍ୱଚା:** ଏହା ତ୍ୱଚା ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ଖାଦ୍ୟ। ଭିଟାମିନ ସି କୋଲାଜେନ ନିର୍ମାଣ କରିବାରେ ସାହାଯ୍ୟ କରେ, ଯାହା ଯୁବା ଏବଂ ଦୃଢ଼ ତ୍ୱଚା ବଜାୟ ରଖିବା ପାଇଁ ଜରୁରୀ।

**ହାର୍ଟକୁ ସୁସ୍ଥ ରଖେ:** କିୱିରେ ଥିବା ପୋଟାସିୟମ ହାର୍ଟ ସ୍ୱାସ୍ଥ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ସପ୍ରତିଦିନ କିୱି ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧିବାର ଆଶଙ୍କା ହ୍ରାସ ପାଏ।

**ପାଚନ ପ୍ରକ୍ରିୟାକୁ ଉନ୍ନତ କରେ:** କିୱିରେ ଭରପୂର ଫାଇବର ଅଛି, ଯାହା କୋଷ୍ଠ କାଠିନ୍ୟକୁ ରୋକିବା ପାଇଁ ଉତ୍କୃଷ୍ଟ। ଏହା ବ୍ୟତିତ, ଏଥିରେ ଏପିକେଟଚିନିଡିନ୍ ନାମକ ଏକ ବିଶେଷ ଏନଜାଇମ ରହିଛି। ଏଥିରେ ଥିବା ପ୍ରୋଟିନ ହଜମ କରିବାରେ ସାହାଯ୍ୟ କରେ।

**ରୋଗ ପ୍ରତିରୋଧକ ଶକ୍ତି ବଢାଏ:** ଏହା କମଳା ଅପେକ୍ଷା ଅଧିକ ଭିଟାମିନ୍ ସି ଯୁକ୍ତ। ତେଣୁ ଏହାକୁ ନିୟମିତ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ। ଭିଟାମିନ ସି ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୁର, କିୱି ଫଳ ଋତୁକାଳୀନ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ।

**ଉତ୍ତମ ନିଦ୍ରା:** କିୱି ଫଳ ଅନିଦ୍ରା ପାଇଁ ଏକ ଉତ୍ତମ ଔଷଧ। ଏଥିରେ ସେରୋଟୋନିନ, ଏକ ହରମୋନ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଅଧ୍ୟୟନରୁ ଜଣାପଡିଛି ଯେ ଏହା ନିଦ ଗୁଣବତ୍ତା ଉନ୍ନତ କରେ ଏବଂ ଆପଣଙ୍କୁ ଶୀଘ୍ର ନିଦ ହେବାକୁ ସାହାଯ୍ୟ କରେ।

**ଆସ୍ଥମା କମାଏ:** କିୱିରେ ଥିବା ଭିଟାମିନ୍ ସି ଏବଂ ଉଚ୍ଚ ଆଣ୍ଟିଅକ୍ସିଡାଣ୍ଟ, ଶ୍ୱାସକ୍ରିୟାରେ ଉନ୍ନତ କରେ। ଏହା ଆସ୍ଥମା ରୋଗୀଙ୍କ ମଧ୍ୟରେ ଘୁଂଘୁଂକୁ କମାଇବା ଏବଂ ଫୁସଫୁସ କାର୍ଯ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରେ।

● ଚିନ୍ତା ବଢ଼ାଇଲାଣି ପ୍ଲାଷ୍ଟିକ

## ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ସଚେତନତା



**କାକଟପୁର/ଅସ୍ତରଙ୍ଗ,୨୨।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭାବେ ବେଶ ପରିଚିତ ପୀରଜାହାନିଆ। ଗୋଟିଏ ପଟେ କଂକ୍ରିଟ ସହର ମାଡି ଚାଲିଥିବା ବେଳେ ଅନ୍ୟ ପଟେ ଜଙ୍ଗଲର ବିଭିନ୍ନ ସ୍ଥାନରେ ହେଉଥିବା ବଣଭୋଜି ଦ୍ୱାରା ପ୍ରାକୃତିକ ପରିବେଶ ଭୀଷଣ ଭାବେ ପ୍ରଭାବିତ ହେଉଛି। ନଭେମ୍ବର ରୁ ମାର୍ଚ୍ଚ ମାସ ମଧରେ ବଣଭୋଜି ସ୍ଥାନ ମାନଙ୍କରେ କୁଢ଼ କୁଢ଼ ଆବର୍ଜନା ଏବେ ବନ୍ୟଜନ୍ତୁ ଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବନବିଭାଗ ପକ୍ଷରୁ କଡା ନିୟମ ସହ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଙ୍କୁ ବାରମ୍ବାର ସଚେତନତା କରାଯାଉଥିଲେ ମଧ ତାହାର କୌଣସି ପ୍ରଭାବ ପଡୁନାହିଁ। ବଣଭୋଜି କରିବାକୁ ଆସୁଥିବା ଲୋକେ ବେଧଡ଼କ ଭାବେ ପଲିଥିନ ଓ ପ୍ଲାଷ୍ଟିକି ବ୍ୟବହାର କରି ପରିବେଶ କୁ ପ୍ରଦୂଷିତ କରୁଛନ୍ତି। ତାହାକୁ ନଜରରେ ରଖି ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ପୀରଜାହାନିଆ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ସ୍ଥଳ ଭାବେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ଲାଷ୍ଟିକ କୁ ନା 'କୁହ ବାର୍ତ୍ତା ପ୍ରଚାର କରିବା ଏବଂ ପ୍ରକୃତି ତଥା ବନ୍ୟପ୍ରାଣୀ ଙ୍କ ଦାୟିତ୍ୱବାନ ଆଚରଣ କୁ ପ୍ରୋତ୍ସାହିତ କରିବା ଉଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନପାଳ କାଳୀ ଚରଣ ମହାନ୍ତି, ଟିକିନା ପ୍ରଧାନ, କୈଳାଶ ନାୟକ, ବନରକ୍ଷୀ ଶୁଭାଶିଷ ଜେନା, ମିଲନ ମୁଦୁଲି, ପ୍ରୀତିମୟୀ ପଶୁପାଳକ, ସୋନାଲି ପ୍ରଧାନ, ଶୁଭାଶିଷ ବିଶ୍ୱାଳ, ଦିଲ୍ଲୀପ ନାୟକ, ନିର୍ମଳେନ୍ଦୁ ଚାଟାର୍ଯ୍ୟ ସମେତ ବିଦ୍ୟାଳୟ ଛାତ୍ର, ଛାତ୍ରୀ, ସ୍ୱେଚ୍ଛାସେବୀ ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ସମସ୍ତ ଅଂଶୀଦାର ଙ୍କ ମିଳିତ ସହଯୋଗରେ ପିକନିକ ସ୍ଥଳରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ଆବର୍ଜନା ହଟାଇବାକୁ ସ୍ୱଚ୍ଛତା ଅଭିଯାନ ହୋଇଥିଲା। ଯାହାକି ପରିମଳ ଓ ପରିବେଶ ସଂରକ୍ଷଣ ର ଗୁରୁତ୍ୱକୁ ସୂଚାଇଥିଲା। ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକ ମାନଙ୍କୁ ପ୍ଲାଷ୍ଟିକ ପ୍ରଦୂଷଣର କ୍ଷତିକାରକ ପ୍ରଭାବ ଏବଂ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବା ବିଷୟରେ ସଚେତନ କରାଯାଇଛି।

## ମଞ୍ଜୁଳା ମିଶ୍ର ଜଣେ ଅନନ୍ୟା ସମାଜସେବୀ ଥିଲେ



**ସୁବର୍ଣ୍ଣପୁର,୨୨।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସୁବର୍ଣ୍ଣପୁରର ସଂପାଦିକା ସ୍ୱର୍ଗତା ମଞ୍ଜୁଳା ମିଶ୍ର ଜଣେ ଅନନ୍ୟା ସମାଜସେବୀ ଥିଲେ। ତାଙ୍କ ଅବର୍ତ୍ତମାନରେ କେବଳ ସୁବର୍ଣ୍ଣା ବା ସୁବର୍ଣ୍ଣପୁର ଜିଲ୍ଲା ନୁହେଁ ସମାଜ ସେବା କ୍ଷେତ୍ରରେ ସମଗ୍ର ଓଡିଶାର ଏକ ଅପୂରଣୀୟ କ୍ଷତି ହୋଇଗଲା ବୋଲି ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ଗତ ୧୭ ତାରିଖ ସକାଳ ଘ.୯.୩୦ମି. ବେଳେ ହୃଦଘାତରେ ୬୩ ବର୍ଷ ବୟସରେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଯାଇଥିଲା। ତାଙ୍କର ଏହି ଅକାଳ ବିୟୋଗ ଖବର ସମଗ୍ର ସୁବର୍ଣ୍ଣପୁର ଜିଲ୍ଲା ତଥା ରାଜ୍ୟ ସାରା ଶୋକର ଛାୟା ଖେଳାଇ ଦେଇଛି। ସେ ଜଣେ ଅତ୍ୟନ୍ତ ଧର୍ମ ପରାୟଣା ମହିଳା ଥିଲେ ଏବଂ ସୁବର୍ଣ୍ଣା ଜରିଆରେ ଶତାଧିକ ପରିବାରରେ ମିଳାମିଶା ଜରିଆରେ ହସର ଫୁଆରା ଫୁଟାଇଥିଲେ। ସୁବର୍ଣ୍ଣା କାର୍ଯ୍ୟାଳୟ ପରିସରରେ ଆଜି ସକାଳେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ସାମୂହିକ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। ସୁବର୍ଣ୍ଣପୁରର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଡ. ରାଜେନ୍ଦ୍ର କୁମାର ମିଶ୍ର, ଡ. ସନ୍ତୋଷ କୁମାର ପାଢ଼ୀ, ଡ. ଜ୍ୟୋତି ରଂଜନ ବହିଦାର, କବି ଆର୍ତ୍ତତ୍ରାଣ ବାବୁ, ସମାଜସେବୀ ଜ୍ୟୋତି ରଂଜନ ପଟ୍ଟନାୟକ, ଗୋବିନ୍ଦ ମହାରଣା, ଶ୍ରୀବସ୍ତ ମଲ୍ଲିକ, ଦୁର୍ଯ୍ୟୋଧନ ସାହୁ, ଗୋରେଖନାଥ ସାହୁ ତଥା ସୁବର୍ଣ୍ଣାର ସଭ୍ୟାମାନେ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ସ୍ମୃତିଚାରଣ କରିଥିଲେ। ସୁବର୍ଣ୍ଣାର ଉପଦେଷ୍ଟା ଡ. ଶାନ୍ତି ମଞ୍ଜରୀ ମିଶ୍ର ଓ ଅଧକ୍ଷା ମୀନା ମହାରଣା ମଞ୍ଚାସୀନ ଥିଲେ। ଶେଷରେ ସୁନନ୍ଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ବର୍ଷ ପୂର୍ତ୍ତୀ କାର୍ଯ୍ୟକ୍ରମ



**ବଲାଙ୍ଗିର,୨୨।୧(ସଂଚାର ବ୍ୟୁରୋ):** ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗିର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଷ୍ଟ୍ର ଗୀତର ସାମୂହିକ ଗାନରେ ଜିଲ୍ଲାପାଳ ଗୌରଙ୍ଗ ଶିୱାଜୀ ଇସଲୱାର ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅନନ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ତରଣୀ ସୁନା, ପ୍ରଫେସର ଡଃ. ପ୍ରମୋଦ ଚନ୍ଦ୍ର ଦୋରା, ବଲାଙ୍ଗିର ପଞ୍ଚାୟତ ସମିତି ଅଧକ୍ଷା ସରିତା ବାଗ, ସାଂସଦ ପ୍ରତିନିଧି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ ଯୋଗଦାନ କରିଥିଲେ। ବନ୍ଦେ ମାତରମ୍ ଆମ ହୃଦୟରେ ଐତିହ୍ୟ, ଦେଶପ୍ରେମ ଓ ଅସୀମ ଗୌରବର ଅଭିବ୍ୟକ୍ତି। ଏହା କେବଳ ଗୀତ ନୁହେଁ; ଏହା ଆମକୁ ଦାୟିତ୍ୱ, ସେବା ଓ ସଂଯମର ପଥ ଦେଖାଏ। ଯଦି ଯୁବପିଢ଼ି ଓ ଛାତ୍ରଛାତ୍ରୀମାନେ ଏହି ମୂଲ୍ୟଗୁଡ଼ିକୁ ଆତ୍ମସାତ୍ କରିବେ, ତେବେ ଶିକ୍ଷା, କୌଶଳ ଓ ସମାଜସେବା ମାଧମରେ ଦେଶର ସ୍ଥାୟୀ ଉନ୍ନତି ସୁନିଶ୍ଚିତ ହେବ। ଆମେ ଦେଶ ପ୍ରେମକୁ କେବଳ ଭାବନା ଭାବରେ ସୀମିତ ନ ରଖି, ପ୍ରତ୍ୟେକ ଦିନର କାର୍ଯ୍ୟରେ ପରିଣତ କରିବାକୁ ପ୍ରତିଜ୍ଞା କରିବା। ଛୋଟ ଛୋଟ ସେବାକାର୍ଯ୍ୟ, ସତ୍ୟର ପାଳନ ଓ ଶିକ୍ଷାରେ ନିଷ୍ଠା ଦ୍ୱାରା ଆମେ ଦେଶର ଗୌରବ ବଢ଼ାଇପାରିବା। ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାନ କରିଥିଲେ।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା

# ଅବଧି ସରିଲାଣି, ସରୁନି କାର୍ଯ୍ୟ



ବେଆଇନ ଭାବେ ଗୋଚରରୁ ମାଟି ଖୋଳି ନିର୍ମାଣ କରାଯାଉଛି ରାସ୍ତା

**ନାଉଗାଁ,୨୨।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପିଡବ୍ଲୁଡି ରାସ୍ତାର ନରଣପୁରରୁ ଚକୁଳିପଡ଼ା ପର୍ଯ୍ୟନ୍ତ ରାସ୍ତା ସଂଯୋଗୀକରଣ କରାଯାଇଛି। ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗର ଜଗତସିଂହପୁର ବିଭାଜନ ଅଧିନରେ ରହିଛି। ହେଲେ ଏହି ରାସ୍ତା ନିର୍ମାଣର ଅବଧି ଶେଷ ହୋଇଥିଲେ ମଧ ରାସ୍ତା କାର୍ଯ୍ୟ ଶେଷ ହୋଇ ନଥିବା ବେଳେ ଠିକା ସଂସ୍ଥା ଦ୍ୱାରା ବେଆଇନ ଭାବେ ଗୋଚରରୁ ମାଟି ଖୋଳାଯାଇ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି। ସୂଚନାଫଳକ ତଥ୍ୟ ଅନୁସାରେ ରାସ୍ତାଟିର ଦୈର୍ଘ୍ୟ ୬.୫୨ କିମି ଥିବା ବେଳେ ଅଟକଳ ମୂଲ୍ୟ ୫୨୯.୬୧ ଲକ୍ଷ ରହିଛି। କାର୍ଯ୍ୟ ଆରମ୍ଭ ତାରିଖ ୨୦୨୨ ଡିସେମ୍ବର ୧୭ ରହିଥିବା ବେଳେ ଶେଷ ତାରିଖ ୨୦୨୩ ନଭେମ୍ବର ୧୬ ରହିଛି। ଦୀର୍ଘ ୨ ବର୍ଷ ହେବ କାର୍ଯ୍ୟ ଶେଷ ହେବାର ଅବଧୀ ସରିଥିଲେ ମଧ ଏପର୍ଯ୍ୟନ୍ତ ଠିକା ସଂସ୍ଥାର ମାଟି କାର୍ଯ୍ୟ ସରି ନାହିଁ। ସମ୍ପୃକ୍ତ ଠିକା ସଂସ୍ଥା ନରଣପୁରରୁ-ଇଚ୍ଛାପୁର ରାସ୍ତା କାର୍ଯ୍ୟ ଅଧା ହୋଇଥିବା ବେଳେ ତାହା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏପରିକି ଏହି ରାସ୍ତାରେ ଯାତାୟତରେ ଗ୍ରାମର ଗ୍ରାମବାସୀ ଘରୁ ବାହାରି ପାରୁ ନାହାନ୍ତି। ସେହିପରୀ ଠିକାସଂସ୍ଥା ବର୍ତମାନ ଉକ୍ତ ପ୍ରକଳ୍ପର ଜଳଶରପଡ଼ା ଠାରୁ ଚକୁଳିପଡ଼ା ପର୍ଯ୍ୟନ୍ତ ମାଟି ପକାଇ ରାସ୍ତା ନିର୍ମାଣ କରୁଛି। ଉକ୍ତ ମାଟିକୁ ଜଳଶରପଡ଼ାର ଏକ ପଡ଼ିଆରୁ ବେଆଇନ ଭାବେ ଖୋଳୁଥିବା ଗ୍ରାମବାସୀ ଅନୁପ ମହାନ୍ତି, ଅମିତ ରଞ୍ଜନ ମହାନ୍ତି, ବରେଶ କୁମାର ଦାସ, ହିମାଂଶୁ ମହାନ୍ତି ଆଦି ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ ଏବିଷୟରେ ସେମାନେ ଜାମୁଗାଁ ରାଜସ୍ୱ ନିରିକ୍ଷକ ଜ୍ୟୋତି ଭୂଷଣ ବାରିକଙ୍କୁ ଅବଗତ କରାଇଥିଲେ। କିନ୍ତୁ ବେଆଇନ ମାଟି ଖୋଳିବା ତଦାରଖ କରିବା ଖଣି ଅଧିକାରୀଙ୍କ କାର୍ଯ୍ୟ କହି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ପ୍ରକାଶ କରିଛନ୍ତି। ସେହିପରି ଉକ୍ତ ସରକାରୀ ଜମିରେ ଏକ ଶିଶୁ ପାର୍କ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ଯାଇଥିବା ଗ୍ରାମବାସୀ କହିଛନ୍ତି। ତେଣୁ ବେଆଇନ ଭାବେ ଠିକା ସଂସ୍ଥା କାହାର ନିର୍ଦ୍ଦେଶରେ ମାଟି ଉଠାଉଛି ତାହାକୁ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏବିଷୟରେ ଜଗତସିଂହପୁର ର କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସଙ୍କୁ ପଚାରିବାରେ ମାଟି ଖୋଳିବା ବିଷୟରେ ତାଙ୍କୁ ସୂଚନା ନାହିଁ, ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ବାଲ୍ୟ ବିବାହ ମୁକ୍ତ ଭାରତ ବାବଦରେ ଆଇନ ସଚେତନତା ଶିବିର



**ସୁବର୍ଣ୍ଣପୁର,୨୨।୧ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଙ୍କ ଆଦେଶ ଏବଂ ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧକ୍ଷ ଙ୍କ ନିର୍ଦେଶ କ୍ରମେ, ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଖଲିଆପାଲି ଅଙ୍ଗନବାଡୀ-ଘ କେନ୍ଦ୍ର ଠାରେ ବାଳିକା ମାନଙ୍କ ଅଧିକାର ବିଷୟ ତଥା ବାଲ୍ୟ ବିବାହ ମୁକ୍ତ ଭାରତ (ଏନ୍‌ଏଏସ୍‌ଏ-ଏଏସଏଚ୍‌ଏ) ବିଷୟ ବାବଦରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ରେ ଉପଜିଲ୍ଲାପାଳ, ସୋନପୁର ଡ଼ ସୌମ୍ୟରୁପା ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ, ସଦର ଉପ-ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଯୋଗ ଦେଇଥିଲେ । ପ୍ରଥମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ ର ବିଭିନ୍ନ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ ଏବଂ ବାଳିକା ମାନଙ୍କ ଆଇନଗତ ଅଧିକାର ବିଷୟ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ଡକ୍ଟର ସୌମ୍ୟରୁପା ରଥ ସମସ୍ତଙ୍କୁ ଭୋଟର ମାନଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ ।

## ତହସିଲ ତରଫରୁ ଭୂମିହୀନଙ୍କୁ ମିଳିଲା ପଟ୍ଟା

**ବରଗଡ଼,୨୨।୧ (ସଂଚାର ବ୍ୟୁରୋ):** ଯଦୁମଣି ପଧାନ ଅଡ଼ିଟୋରିୟମ, ବରଗଡ଼ ଠାରେ ବରଗଡ଼ ତହସିଲ ତରଫରୁ ଭୂମିହୀନ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ବରଗଡ଼, ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ମଧୁଛନ୍ଦା ସାହୁ ଏବଂ ଉପଜିଲ୍ଲାପାଳ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୪୬୬ ପଟ୍ଟା ଗତ ୨୦୨୫ ବର୍ଷ ପ୍ରସ୍ତୁତ କରାଯାଇଥିବା ସ୍ଥଳେ ତନ୍ମଧରୁ ୨୮୬ ଟି ପଟ୍ଟା ଆଜି ବଣ୍ଟନ କରଗଲା। ଅନ୍ୟ ୧୮୦ ଗୋଟି ପଟ୍ଟା ଗତ ବିକାଶ ମେଳା ରେ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ ସରିଥିଲା। ଏହି ୨୮୬ ପଟ୍ଟା ମଧରୁ ସରସରାର ମୌଜା ର ୧୨୫ ଟି, ଜାମୁର୍ଡ଼ା ର ୪୪ ଟି, ତାଲସିର୍ଗିଡ଼ା ର ୧୭ ଟି, ଗାଇସିମା ର ୧୨ ଟି, ତେଲେନ୍ ପାଲି ର ୧୪ ଟି, ବାଲିଯୋରି ର ୨ ଟି, କୁରୁଆଁ ର ୪୯ ଟି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରା ଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ଶହ ଶହ ହିତାଧିକାରୀ ଉପସ୍ଥିତ ରହି ଜମି ପଟ୍ଟା ଗ୍ରହଣ କରି ଖୁସି ବ୍ୟକ୍ତ କରି ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ତହସିଲଦାର ସୋନାଲି ପଟ୍ଟନାୟକ, ଅତିରିକ୍ତ ତସିଲଦାର ଶ୍ରୀ ନିଶିକାନ୍ତ ମେହେର ଏବଂ ଆର୍ ଆଇ ଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## ବନ୍ଦେ ମାତରମର ବାର୍ଷିକୀ ସାମୂହିକ ଗାନ କାର୍ଯ୍ୟକ୍ରମ



**ଫୁଲବାଣୀ,୨୨।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଜଲେଶପଟ୍ଟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ଗୁରୁବାର ପୂର୍ବାହ୍ନରେ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ବ୍ଲକ ସ୍ତରୀୟ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମଟିକୁ ତୁମୁଡିବନ୍ଧ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ମଙ୍ଗଳ ଚରଣ ଲେଙ୍କା ପରିଚାଳନା କରିଥିଲେ।ମୁଖ୍ୟ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତି ମାଝି, ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ଗୋଷ୍ଠି ଉନ୍ନୟନ ଅଧିକାରୀ ବନ ବିହାରୀ ହରପାଲ, କନିଷ୍ଠ ଯନ୍ତ୍ରୀ ପ୍ରଣୟ କୁମାର ମିଶ୍ର, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନିଳେନ୍ଦ୍ର ଦିଗାଲ, ବି ଏଲ ସି ବାଦଲ କୁମାର ପ୍ରଧାନ, ଶିକ୍ଷକ ଅମିତାଭ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।ପ୍ରଥମେ ଜଲେଶପଟ୍ଟା ବାଳିକା ଉଚ୍ଚ ବିଦ୍ୟାଳୟ ଛତ୍ରୀ ମାନେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହା ପରେ ପ୍ରଦୀପି ପ୍ରଜ୍ଜ୍ୱଳନ ପରେ ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ମାତରମ ଗାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବନ୍ଦେ ମାତରମ ଗାନ କୁ ସାର୍ବଜନୀନ କରିବା ଓ ଦେଶାତ୍ମବୋଧକୁ ଜାଗ୍ରତ କରିବା।

ଫାଇଲେରିଆ ନିରାକରଣ ଅଭିଯାନ

## ତୃତୀୟ ପର୍ଯ୍ୟାୟ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର



**ସୁନ୍ଦରଗଡ଼,୨୨।୧ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ଓ ଏନ.ଟି.ପି.ସି ଦର୍ଲିପାଲି ସ୍ଥିତ ନିରାମୟ ହସ୍ପିଟାଲର ମିଳିତ ଆନୁକୁଲ୍ୟରେ ତୃତୀୟ ପର୍ଯ୍ୟାୟ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାର ଙ୍କ ଫାଇଲେରିଆ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମଧରୁ ହାଇଡ୍ରୋସିଲ ଅପରେସନ୍ ଏକ ମୁଖ୍ୟ କାର୍ଯ୍ୟକ୍ରମ ଅଟେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁନ୍ଦରଗଡ଼ ଓ ନିରାମୟ ହସ୍ପିଟାଲ, ଦର୍ଲିପାଲି ର ମିଳିତ ଉଦ୍ୟମ କ୍ରମେ ତା ୨୦.୦୧.୨୦୨୬ ଦିନ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୧୬ ଜଣ ବ୍ୟକ୍ତିଙ୍କର ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇଯାଇଛି। ଲେଫ୍ରିପଡ଼ା ବ୍ଲକ ଓ ହେମଗିର ବ୍ଲକର ରୋଗୀ ମାନଙ୍କୁ ଏହି ଶିବିରକୁ ଅଣାଯାଇଥିଲା। ନିରାମୟ ହସ୍ପିଟାଲ ଦର୍ଲିପାଲିର ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଅପରାଜିତା ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ସର୍ଜନ ଭାବରେ ଏନ.ଟି.ପି.ସି ର ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ଇଡି ଡା. ଜି.ସି. ମିଶ୍ର ଯୋଗଦାନ କରିଥିଲେ। ଏନ.ଟି.ପି.ସି.ଦର୍ଲିପାଲି ତରଫରୁ ରୋଗୀ ମାନଙ୍କୁ ଖାଇବା, ପିଇବା, ଔଷଧ, ମଶାରୀ ଓ ବେଡସିଡ୍ ମାଗଣାରେ ପ୍ରଦାନ କରାଯାଇଥିଲା।

## ଜିଲ୍ଲା କଂଗ୍ରେସ କମିଟି ତରଫରୁ ରାଜେଶ ମିଶ୍ରଙ୍କ ଶୋକସଭା ପାଳିତ

**ସୁବର୍ଣ୍ଣପୁର,୨୨।୧(ସଂଚାର ବ୍ୟୁରୋ):** ସୋନପୁର ସହରରେ ଏକ ଅଭାବନୀୟ ଘଟଣା ମୃତ୍ୟୁ ରାଜେଶ୍ ମିଶ୍ର ନିଜ ବନ୍ଧୁକର ଗୁଳିବିଦ୍ଧ ହୋଇ ମୃତ୍ୟୁବରଣ ପରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଥିଲା। ସଦର ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର ପରେ ସୋନପୁର ସ୍ଥାନୀୟ ରାମେଶ୍ୱର ଶ୍ମଶାନ ଘାଟ ରେ ଶୋକାକୁଳ ପରିବେଶ ରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ସୁଧୀର ପଣ୍ଡାଙ୍କ ସଭାପତିତ୍ୱ ରେ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ସ୍ଥାନୀୟ କସ୍ତୁରୀ ହୋଟେଲରେ ସ୍ୱର୍ଗତ ରାଜେଶ୍ ମିଶ୍ର ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୋକସଭା ପାଳିତ ହୋଇଯାଇଛି। ଅକାଳ ମୃତ୍ୟୁର ଶିକାର ହୋଇଥିବା ରାଜେଶ୍ ମିଶ୍ର ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟିର କୋଷାଧକ୍ଷ ଭାବେ ନିଯୁକ୍ତି ହୋଇଥିଲେ। ଅଗଣିତ କଂଗ୍ରେସ କର୍ମୀ ରାଜେଶ୍ ମିଶ୍ର ଙ୍କ ଫୋଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେ ଜଣେ ଦୃଢ଼ କଂଗ୍ରେସ ସଂଗଠକ, ମେଳାପି, ପରୋଅପକାରି, ମିଷ୍ଟଭାଷୀ ଥିବା କହି ଆଲୋକପାତ କରିଥିଲେ ।

## ୩୭ ତମ ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ - ବାପୁଜୀ କ୍ଲବ ଭୁବନେଶ୍ୱର ଫାଇନାଲରେ ପ୍ରବେଶ



**ସୁବର୍ଣ୍ଣପୁର,୨୨।୧ (ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ ସେମି ଫାଇନାଲ ମ୍ୟାଚ ୱାଇ ଏସ ସି ସି ବଲାଙ୍ଗିର ଓ ବାପୁଜୀ କ୍ଲବ୍ ଭୁବନେଶ୍ୱର ମଧରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ବାପୁଜୀ କ୍ଲବ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବଲାଂଗୀର ଦଳ ୨୦ ଓଭର ବିଶିଷ୍ଟ ମ୍ୟାଚ୍ ରେ ପ୍ରଥମେ ବ୍ୟାଟିଂ କରି ୨୦ ଓଭର ରେ ୯ ୱିକେଟ୍ ହରାଇ ୧୩୮ ରନ୍ ହାସଲ କରିଥିଲେ। ଦଳ ପକ୍ଷରୁ ଶ୍ରେଷ୍ଠ ଋଷଭ ୪୫ ବଲ ରେ ୫୫ ରନ୍, ବିବେକ କୁମାର ୧୪ ବଲ ରେ ୩୧ ରନ୍, ଉତ୍କର୍ଷ ୯ ବଲ ରେ ୧୧ ରନ୍, ଚିନା ଦାସ ୯ ବଲ ରେ ୧୨ ରନ୍ କରିଥିଲେ। ବାପୁଜୀ କ୍ଲବ୍ ପକ୍ଷରୁ ସୟଦ ଜାକି ସର୍ବାଧିକ ୪ ଟି ୱିକେଟ୍, ରାକେଶ ପଟ୍ଟନାୟକ ଓ ପ୍ରାୟସ ସିଂହ ପ୍ରତ୍ୟେକ ୨ ଟି ଲେଖାଏଁ ୱିକେଟ୍, ଓ ସୁଶିଲ ବାରିକ ୧ ଟି ୱିକେଟ୍ ହାସଲ କରିଥିଲେ। ପ୍ରତି ଉତ୍ତର ରେ ୬ ୱିକେଟ୍ ହରାଇ ୧୮.୪ ଓଭର ରେ ବାପୁଜୀ କ୍ଲବ୍ ଭୁବନେଶ୍ୱର ଦଳ ୧୩୯ ରନ୍ କରି ମ୍ୟାଚ୍ ବିଜୟୀ ହୋଇ ସିଧା ଫାଇନାଲ ରେ ପ୍ରବେଶ କରିଥିଲେ। ବାପୁଜୀ କ୍ଲବ୍ ପକ୍ଷରୁ ବିକାଶ ଦୀକ୍ଷିତ ୪୧ ବଲ ରେ ୪୫ ରନ୍, ପ୍ରାୟସ ସିଂହ ୨୧ ବଲ ରେ ୩୦ ରନ୍, ଆର୍ଯ୍ୟ ଶ୍ରୀ ଭଞ୍ଜ ୧୭ ବଲ ରେ ୨୪ ରନ୍, ଶୁଭମ ଶତ୍ରୁଜିତ ୧୩ ବଲ ରେ ୧୬ ରନ୍ କରିଥିଲେ। ବଲାଙ୍ଗିର ଦଳ ପକ୍ଷରୁ ଚିନା ଦାସ ୨ ଟି ୱିକେଟ୍, ଓ ଓଁକାର, ସତ୍ୟଜିତ, ବିବେକ ଓ ଉତ୍କର୍ଷ ପ୍ରତ୍ୟେକ ୧ ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ ।

## ଶେଷ ଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ବୈଦ୍ୟନାଥ ବାରିକ



**ନୀଳଗିରି,୨୨।୧ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମାସୁନ୍ଦରପୁର ଗ୍ରାମ ପଞ୍ଚାୟତ ଦ୍ୱାରିକା ଗ୍ରାମ ର କଂଗେସ ଦଳ ର ଜଣେ ବରିଷ୍ଠ ନେତୃତ୍ୱ ବୈଦ୍ୟନାଥ ବାରିକ ଗତ ୧୯ତାରିଖ ପୂର୍ବାହ୍ନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।ସ୍ୱର୍ଗୀୟ ବାରିକ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଦୀର୍ଘ ଦିନ ଧରି ଘରେ ଶଯ୍ୟାଶାୟୀ ଥିଲେ। ସେ କଂଗ୍ରେସ ଦଳର ଆଗଧାଡିର ନେତୃତ୍ୱ ନେଇଥଲା ବେଳେ କଂଗ୍ରେସ ର କର୍ମୀ ମାନଙ୍କୁ ନିଜର ପରିବାର ବୋଲି ମନେ କରୁଥିଲେ।। ସ୍ୱାଗତ ବୈଦ୍ୟନାଥ ଜଣେ ମେଳାପୀ, ମିଷ୍ଟଭାସି, ପରୋପକାରୀ ବ୍ୟକ୍ତିତ୍ୱ ର ମଣିଷ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କର ଦେହାନ୍ତ ଖବର ପାଇ କଂଗେସ ଯୁବନେତା ତଥା ସମାଜ ସେବୀ ତପନ ରାଉତ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଅମରଆତ୍ମା ର ସଦଗତି କାମନା କରିଥିଲେ। ଅନ୍ୟମାନଙ୍କ ମଧରେ କଂଗ୍ରେସ ର ଆଗଧାଡ଼ିର ତୁଙ୍ଗ ନେତା ଯୋଗେଶ୍ୱର ବେହେରା ଓ ରାମକୃଷ୍ଣ ଜେନା, ଗ୍ରାମ ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଦଳ ର ଅପୁରଣୀୟ କ୍ଷତି ସାଧନ ହୋଇଛି। ମୃତ୍ୟୁ ର ପ୍ରାୟ ୩ ଘଣ୍ଟା ଆଗରୁ ବୈଦ୍ୟନାଥ ଙ୍କ ସହିତ ଶ୍ରୀଯୁକ୍ତ ରାଉତ ଶେଷଦର୍ଶନ କରି କଥା ବାର୍ତ୍ତା ହୋଇଥିବା ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଭିନ୍ନକ୍ଷମ ହୋଇ ମଧ ସ୍ୱାବଲମ୍ବୀ ହୋଇପାରିଛନ୍ତି ଯୁବକ

ଦୃଷ୍ଟିହୀନ ହୋଇ ମଧ କାହା ଉପରେ ବୋଝ ହୋଇନାହାନ୍ତି



ଏହେଉଛନ୍ତି ଦୃଷ୍ଟି ଶକ୍ତି ହରାଇଥିବା ଭଜୁରାମ ଗଣ୍ଡ ଛୋଟ ବୟସରୁ ଦୃଷ୍ଟି ଶକ୍ତି ହରାଇ ବର୍ତ୍ତମାନ ଏକ କିରଣା ଦୋକାନ

**ନବରଂଗପୁର/ରାଇଘର, ୨୨।୧(ସଂଚାର ବ୍ୟୁରୋ):** ପିଲାବେଳୁ ଦୃଷ୍ଟି ଶକ୍ତି ହରାଇବା ପରେ ମଧ ସେ ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଓ ପରିବାର ପୋଷଣ କରିବାରେ ସକ୍ଷମ ହୋଇ ପାରିଛନ୍ତି। ଆଖିସିନା ନାହିଁ ହେଲେ ବନ୍ଦ ଆଖିରେ ମଧ ସେ ଆଖିଏ ସ୍ୱପ୍ନ ନେଇ ନିଜ କର୍ତ୍ତବ୍ୟ ପଥରେ କେବେ ପଛ ଘୁଞ୍ଚା ଦେଇନାହାନ୍ତି। ଦୁନିଆଟା ତାଙ୍କ ପାଇଁ ଏକ ଅନ୍ଧାର କୋଠରୀ ହେଲେ ସେ ପରିବାର ଓ ପିଲାଙ୍କ ଉଜ୍ୱଳ ଭବିଷ୍ୟତ ଗଢିବା ପାଇଁ ସେ ଅନେକ ସ୍ୱପ୍ନ ଦେଖିଛନ୍ତି।କାହା ଉପରେ ସେ ବୋଝ ହେବାକୁ ଚେଷ୍ଟା କରିନାହାନ୍ତି ଏବଂ ନିଜେ ରୋଜଗାର କରୁଛନ୍ତି। ଏହିଭଳି ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଟିମନପୁର ଗ୍ରାମର ମେଟପାରା ଗ୍ରାମ ଠାରେ। ଦେଖନ୍ତୁ କରିବା ସହ ସେଥିରୁ ଯାହା ଉପାର୍ଜନ ହେଉଛି ସେଥିରେ ପରିବାର ପୋଷଣ କରୁଛନ୍ତି।ସେ କାହା ଉପରେ ବୋଝ ହେବାକୁ ଚେଷ୍ଟା ନକରି ଛୋଟ ବୟସରୁ ଗାଁ ପିଲାଙ୍କ ସହ ଯାନୀ ଯାତ୍ରା କୁ ବୁଲି ଯାଇ ସେଠାରେ ଥିବା ଦୋକାନୀଙ୍କୁ ବ୍ୟବସାୟ କରିବାରେ ସହଯୋଗ କରୁଥିଲେ, ଏବଂ ଧୀରେ ଧୀରେ ଏବେ ସେ ନିଜେ ଏକ କିରଣା ଦୋକାନ କରି ରୋଜଗାର କରୁଛନ୍ତି। ଭଜୁରାମ ଗଣ୍ଡ ଙ୍କୁ ପ୍ରାୟ ତିନିବର୍ଷ ବୟସ ହୋଇଥାଏ ଏବଂ ତାଙ୍କୁ ଜ୍ୱର ହୋଇଥିଲା, ସେତେବେଳେ ପରିବାର ଲୋକେ ସ୍ଥାନୀୟ ଡାକ୍ତର ଙ୍କୁ ଦେଖାଇଥିଲେ ହେଲେ ଜ୍ୱର ଭଲ ହୋଇଗଲା କିନ୍ତୁ ଦୃଷ୍ଟି ଶକ୍ତି ହରାଇଥିଲେ। ଛୋଟ ବୟସରୁ ପାଠ ପଢ଼ିବାକୁ ମନରେ ଅନେକ ଇଚ୍ଛା ଥିଲା ଏବଂ ଚାକିରୀ କରିବା ମଧ ସ୍ୱପ୍ନ ଥିଲା ହେଲେ ସେସବୁ ସ୍ୱପ୍ନ ହୋଇ ରହିଗଲା ଅନ୍ୟପଟେ ଘର ର ଆର୍ଥିକ ସ୍ଥିତି ଖରାପ ଥିବାରୁ ଉନ୍ନତ ମାନର ଚିକିତ୍ସା କରାଇ ପାରିନଥିଲେ ପରିବାର ଲୋକେ, ଶେଷରେ ସେ ଦୃଷ୍ଟିହିଁନ ହୋଇ ରହିଗଲେ, ବର୍ତ୍ତମାନ ଦୁନିଆଟା ତାଙ୍କପାଇଁ ସମ୍ପୂର୍ଣ ଅନ୍ଧକାର। ଏବେ ସେ ନିଜ ପରିବାର ଓ ପିଲାଙ୍କ ପାଇଁ ଉଜ୍ୱଳ ଭବିଷ୍ୟତ ତିଆରି କରିବାକୁ ସ୍ୱପ୍ନ ଦେଖିଛନ୍ତି। ଘର ଠାରୁ ପ୍ରାୟ ୪୦୦ ମିଟର ଦୂରରେ ସେ ଏକ କିରଣା ଦୋକାନ କରିଛନ୍ତି ଏବଂ ଘରୁ ଦୋକାନ କୁ ଏକା ଏକା ଯିବା ଆସିବା କରିବା ସହ ବ୍ୟବସାୟ ମଧ କରୁଛନ୍ତି। ଗ୍ରାହକ ଙ୍କୁ ଭଲ ବ୍ୟବହାର କରିବା ସହ ନୋଟ ଗୁଡିକର ସାଇଜ କୁ ଅନୁମାନ କରି ନିର୍ଭୁଲରେ ଦିଆ ନିଆ କରି ପାରୁଛନ୍ତି।

## ବିପିସିଏଲର ୫୦ବର୍ଷ ପୂର୍ତ୍ତୀ ଉପଲକ୍ଷେ ମେଗା ରକ୍ତଦାନ ଶିବିର



**ଯାଜପୁର ରୋଡ଼,୨୨।୧(ସଂଚାର ବ୍ୟୁରୋ):** ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ଼ ଓ ରୋଟାରୀ କ୍ଲବ କଳିଙ୍ଗନଗର ମିଳିତ ସହଯୋଗରେ ବ୍ୟାସନଗର ପୌରାଅଞ୍ଚଳ ସହରର ବିଏସଏନଏଲ କାର୍ଯ୍ୟାଳୟ ପରିସରରେ ଆଜି ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯାଜପୁର, ବିପିସିଏଲର ମ୍ୟାନେଜର ରଭନୀତ ସିଂ, ରୋଟାରି କ୍ଲବ କଳିଙ୍ଗନଗର ସଭାପତି ମନୋଜ କୁମାର ବାରିକ, ବ୍ୟାସନଗର ପବ୍ଲିକ ସ୍କୁଲର ଅଧକ୍ଷା ଡ଼ଃ ଦେବସ୍ମିତା ସାହୁ, ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂଙ୍ଗ ଚନ୍ଦ୍ର ପଣ୍ଡା, ଆଡ଼ଭୋକେଟ ଲୋକନାଥ ରାଉତ, ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନିକ ଭାବେ ପିତା କାଟି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଦୀର୍ଘ ପଚାଶ ବର୍ଷ ଧରି ବିପିସିଏଲ କମ୍ପାନୀ ନିରନ୍ତର ଭାବେ ତାର ଗ୍ରାହକ ମାନଙ୍କୁ ଉତମ ସେବା ଯୋଗାଇ ଦେବା ସହିତ ଜନସାଧାରଣଙ୍କର ବିଶ୍ୱାସ ଓ଼ ଭରସାର ପ୍ରିୟ ଭାଜନ ହୋଇପାରିଥିବା ନେଇ ନିଜ ବାର୍ତାରେ ମ୍ୟାନେଜର ଶ୍ରୀ ସିଂ ସୂଚନା ଦେଇଥିଲେ।

## ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

**ଫୁଲବାଣୀ,୨୨।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ସହର ଉପକଣ୍ଠ ରେ ଥିବା ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଡାମିଗାଁ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ମାହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ଫୁଲବାଣୀ ବିଧାୟକ ଉମାଚରଣ ମଳିକ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହ ଛାତ୍ର ଜୀବନ ର ଶୃଙ୍ଖଳା ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିବା ଅନ୍ୟମାନଙ୍କ ମଧରେ ଜିଲ୍ଲା ଶହରାଞ୍ଚଳ ଉନ୍ନୟନ ବିଭାଗ ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ, ଆଦିବାସୀ ଉନ୍ନୟନ ବିଭାଗ ର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ସ୍ୱତନ୍ତ୍ର ପବ୍ଲିକ ପ୍ରଶିକ୍ୟୁଟର ବିଜୟକୃଷ୍ଣ ପଟ୍ଟନାୟକ, ୱାର୍ଡ ନମ୍ବର ଦୁଇ ର କାଉନସିଲର ହେମଲତା ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ର ସଭାପତି ପର୍ଶୁରାମ ବେହେରା, ସଭାପତି ସୁଶାନ୍ତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।